# ଜନଜାତି ଜୀବିକା ସାଥିମାନଙ୍କ ନିମନ୍ତେ
# କିଛି ଜାଣିବା କଥା

## ମୁଖ୍ୟ ମନ୍ତ୍ରୀ ଜନଜାତି ଜୀବିକା ମିଶନ୍ (MMJJM)

ରାଜ୍ୟର ନିଜସ୍ୱ ପାଣ୍ଠିରେ କାର୍ଯ୍ୟକାରୀ ହେଉଥିବା ସର୍ବବୃହତ ସ୍ୱତନ୍ତ୍ର
ଜନଜାତି ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ




ଜନଜାତି ଜୀବିକା ସାଥିମାନେ ହେଉଛନ୍ତି ଏମ୍.ଏମ୍.ଜେ.ଜେ.ଏମ୍.
କାର୍ଯ୍ୟକ୍ରମ ଅଧିନରେ ଜୀବିକା ପ୍ରୋତ୍ସାହନ ଏବଂ କ୍ଲଷ୍ଟର
କ୍ଷେତ୍ର ବିକାଶର ଆଗଧାଡିର କର୍ମୀ

**ରାଜ୍ୟ କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍**

ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍

ଟିଡିକଲ୍ ବିଲ୍ଡିଂ, ୨ୟ ମହଲା, ରୂପାଲି ଛକ, ଭୋଇ ନଗର,
ସହିଦ ନଗର, ଭୁବନେଶ୍ୱର ଓଡିଶା - ୭୫୧୦୨୨

# ଉପକ୍ରମଣୀକା



ଆମରାଜ୍ୟ ଓଡ଼ିଶାରେ ଆଦିବାସୀ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଆଦିବାସୀ ସମ୍ପ୍ରଦାୟର ନିରନ୍ତର ଜୀବିକା ନିର୍ବାହରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଆରମ୍ଭ କରିଥିବା "ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍"(ଏମ୍.ଏମ୍.ଜେ.ଜେ.ଏମ୍) କାର୍ଯ୍ୟକ୍ରମ ହେଉଛି ସମ୍ପୂର୍ଣ୍ଣ ରୂପେ ରାଜ୍ୟ ଯୋଜନା ଅଧୀନରେ ଅନୁଦାନ ପ୍ରାପ୍ତ ଅଦ୍ୟାବିଧି ରାଜ୍ୟ ତରଫରୁ ହୋଇଥିବା ସର୍ବ ବୃହତ ସ୍ୱତନ୍ତ୍ର ଆଦିବାସୀ ଜୀବିକା ପ୍ରୋତ୍ସାହନ ପଦକ୍ଷେପ । ୨୦୨୩-୨୪ ରୁ ୨୦୨୫-୨୬ ପର୍ଯ୍ୟନ୍ତ ତିନି ବର୍ଷ ମଧ୍ୟରେ ଏହି ଯୋଜନାରେ ଅନ୍ୟୁନ ୧.୫ ଲକ୍ଷ ଆଦିବାସୀ ପରିବାରକୁ ସହାୟତା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି ଯେଉଁଥିରେ ରାଜ୍ୟର ୧୨୧ଟି ଟି.ଏସ୍.ପି. (ଆଦିବାସୀ ଉପ-ଯୋଜନା) ବ୍ଲକରେ ୫୦୦ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରାଯାଇଛି । ଏହି ପଦକ୍ଷେପ ଆମ ରାଜ୍ୟର ଆଦିବାସୀ ସମ୍ପ୍ରଦାୟ ପାଇଁ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆଣିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ହାସଲ କରିବା ଦିଗରେ ରାଜ୍ୟ ସରକାରଙ୍କ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମ ଅଧିନରେ ଆଦିବାସୀ ସମ୍ପ୍ରଦାୟର ଜୀବିକା ନିର୍ବାହରେ ଉନ୍ନତି ଆଣିବା ନିମନ୍ତେ କୃଷି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରିକି ଉଦ୍ୟାନ କୃଷି, କୃଷି ଉତ୍ପାଦନର ପ୍ରକ୍ରିୟାକରଣ ମୂଲ୍ୟଯୋଗ ଓ ବଜାରୀକରଣ, ପଶୁପାଳନ, ମାଛ ଚାଷ, ମହୁମାଛି ପାଳନ ଇତ୍ୟାଦି ସହ ଯୁବକ ଯୁବତୀ ମାନଙ୍କ ନିମନ୍ତେ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମକୁ ସହାୟତା ଦେବାର ବ୍ୟବସ୍ଥା ରହିଛି । ଅତ୍ୟନ୍ତ ଗରିବ ଶ୍ରେଣୀ ଏବଂ ଅର୍ଥିକ ଭାବେ ଦୁର୍ବଳ ପରିବାର (ବିଧବା, ଏକାକିନୀ ମହିଳା, ଦିବ୍ୟାଙ୍ଗ ଇତ୍ୟାଦି ) ଆଗ୍ରହୀ ସଦସ୍ୟା / ସଦସ୍ୟଙ୍କୁ ଆୟ ବୃଦ୍ଧି କାର୍ଯ୍ୟକ୍ରମ **(IGA)** ନିମନ୍ତେ ତାଲିମ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ ଯୋଜନା କରାଯାଇଅଛି, ଯାହାଦ୍ୱାରା କେହିବି ପରିବାର ଏହି କାର୍ଯ୍ୟକ୍ରମରୁ ବାଦ ପଡିବେନାହିଁ ।

"ଜନଜାତି ଜୀବିକା ସାଥି" **(JJS)** ମାନେ ହେଉଛନ୍ତି "ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍" (ଏମ୍.ଏମ୍.ଜେ.ଜେ.ଏମ୍) କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ନିୟୋଜିତ ହୋଇଥିବା ଆଗଧାଡିର କର୍ମୀ । ଗୋଷ୍ଠୀ/ସମ୍ପ୍ରଦାୟ, ଆଇ.ଟି.ଡି.ଏ. ଏବଂ ଅନ୍ୟାନ୍ୟ ସରକାରୀ ବିଭାଗସହ ସମନ୍ୱୟ ରକ୍ଷାକରି ଏହି କାର୍ଯ୍ୟକ୍ରମକୁ ସଫଳଭାବେ କାର୍ଯ୍ୟକାରୀ କରାଇବାରେ ଜନଜାତି ଜୀବିକା ସାଥିମାନଙ୍କର ଭୂମିକା ଅନ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ।

ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମ ମାଧ୍ୟମରେ ଜନଜାତି ଜୀବିକା ସାଥିମାନଙ୍କୁ ସମସ୍ତ ଆବଶ୍ୟକୀୟ ତଥ୍ୟ ଯୋଗାଇଦେଇ ତଥା ସେମାନଙ୍କର ଜ୍ଞାନ ଓ ଦକ୍ଷତାର ବୃଦ୍ଧିକରି ତୃଣମୁଳ ସ୍ତରରେ ସେମାନଙ୍କୁ ନିଜ ସମ୍ପ୍ରଦାୟ ନିମନ୍ତେ ପଥ ପ୍ରଦର୍ଶକ ଭାବେ ଗଢିତୋଳିବାର ଲକ୍ଷ ରଖାଯାଇଅଛି ।

ଏହି ପୁସ୍ତକରେ ନିମ୍ନଲିଖିତ ବିଷୟଗୁଡ଼ିକୁ ସରଳ ଭାଷାରେ ବୁଝାଇ ଲେଖାଯାଇଛି ଯାହା ଜନଜାତି ଜୀବିକା ସାଥିମାନଙ୍କ ଜାଣିବା ନିମନ୍ତେ ନିତ୍ୟାନ୍ତ ଆବଶ୍ୟକ ।

- ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଓ ଏହି ବିଭାଗର କାର୍ଯ୍ୟକ୍ରମ,
- "ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍"(ଏମ୍.ଏମ୍.ଜେ.ଜେ.ଏମ୍) କାର୍ଯ୍ୟକ୍ରମ,
- "ଜନଜାତି ଜୀବିକା ସାଥି" **(JJS)** ମାନଙ୍କର ଦାଇତ୍ୱ ଓ ଭୂମିକା,
- "ଜନଜାତି ଜୀବିକା ପରିଷଦ**(JJP)**ରେ ବ୍ୟବହୃତ ହେବାକୁ ଥିବା ନଥିପତ୍ର ।

ବିଭିନ୍ନ ଆବଶ୍ୟକୀୟ ତଥ୍ୟକୁ ଏକାଠିକରି ଏହି ସହାୟିକା ପୁସ୍ତିକାଟିକୁ ପ୍ରସ୍ତୁତ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ମୁଁ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍‌ରେ ବୈଷୟିକ ସହାୟତା ଯୋଗାଉଥିବା ପ୍ରଦାନ ସଂସ୍ଥା କୁ ଅଶେଷ ଧନ୍ୟବାଦ ଅର୍ପଣ କରୁଅଛି ।

ମୋର ଦୃଢ ଆଶା ଓ ବିଶ୍ୱାସ ରହିଛି ଯେ ଏହି ପୁସ୍ତକରେ ଦିଆଯାଇଥିବା ସମସ୍ତ ତଥ୍ୟ ଜନଜାତି ଜୀବିକା ସାଥିମାନଙ୍କ ଜ୍ଞାନବୃଦ୍ଧିରେ ସହାୟକ ହେବ ଯାହାଫଳରେ ସେମାନେ ସେମାନଙ୍କ କ୍ଲଷ୍ଟର ଓ ଗ୍ରାମର ବିକାଶ ନିମନ୍ତେ ସହଯୋଗ କରିପାରିବେ ।


**ଶ୍ରୀ ପି.ଅର୍ଥନାରୀ (ଭା.ବ.ସେ.)**

ମିଶନ୍ ନିର୍ଦ୍ଦେଶକ

ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍

# ବିଷୟବସ୍ତୁ


**ଉପକ୍ରମଣୀକା ........ ୦୧**

**ପ୍ରଥମ ବିଷୟ : "ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ" ବିଷୟରେ ପଦେ ........ ୦୩**

୧.୧ ପୃଷ୍ଠଭୂମି ........ ୦୩

୧.୨ ବିଭାଗର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ........ ୦୪

୧.୩ ବିଭାଗର ମିଶନ୍ ଏବଂ ଭିଜନ୍ ........ ୦୫

୧.୪ ବିଭାଗର ପ୍ରମୁଖ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ........ ୦୫

୧.୫ ଏସ୍.ଟି ଏବଂ ଏସ୍.ସି ବିକାଶ ବିଭାଗର ଅନୁଗ୍ରହରେ ବଣ୍ଟାଯାଇଥିବା ବିଷୟ ଗୁଡ଼ିକର ତାଲିକା ........ ୦୬

୧.୬ ମିଶନ୍ ହାସଲ କରିବା ପାଇଁ ବିଭାଗ ସ୍ଥିର କରିଥିବା ନିଜର କର୍ତ୍ତବ୍ୟ ........ ୦୭

୧.୭ ମୂଳ ସୁବିଧା, ମୁଦ୍ରା ଅଧିକାର, ଏସ୍.ଟି, ଏସ୍.ସି, ଓବିସି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଭତ୍ତା ଏବଂ କ୍ଷତିପୂରଣ ........ ୦୭

**ଦ୍ୱିତୀୟ ବିଷୟ : ଏସ୍.ଟି ଏବଂ ଏସ୍.ସି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଯୋଜନା ଏବଂ କାର୍ଯ୍ୟକ୍ରମ (୨୦୨୩-୨୦୨୪) ........ ୦୯**

୨.୧ ଅନୁସୂଚିତ ଜନଜାତିଙ୍କ ପାଇଁ ରାଜ୍ୟ କ୍ଷେତ୍ର ଯୋଜନା ଅଧିନରେ ଥିବା କାର୍ଯ୍ୟକ୍ରମ ........ ୦୯

୨.୨ ଅନୁସୂଚିତ ଜନଜାତିଙ୍କ ପାଇଁ କେନ୍ଦ୍ରୀୟ ସେକ୍ଟର ସ୍କିମ୍ ଅଧୀନରେ ଥିବା କାର୍ଯ୍ୟକ୍ରମ ........ ୧୪

୨.୩ ଆଦିବାସୀମାନଙ୍କ କଲ୍ୟାଣ ପାଇଁ ଆଇ.ଟି.ଡି.ଏ (ITDA) ........ ୧୫

**ତୃତୀୟ ବିଷୟ : ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ କାର୍ଯ୍ୟକ୍ରମ ........ ୧୬**

୩.୧ ସଂକ୍ଷିପ୍ତରେ ଏମ୍.ଏମ୍.ଜେ.ଜେ. ଏମ୍. କାର୍ଯ୍ୟକ୍ରମ ........ ୧୬

୩.୨ ଏମ୍.ଏମ୍.ଜେ.ଜେ. ଏମ୍. କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଥିବା ଅଞ୍ଚଳ ........ ୧୮

୩.୩ ଏମ୍.ଏମ୍.ଜେ.ଜେ. ଏମ୍. କାର୍ଯ୍ୟକ୍ରମରୁ ଆଶା କରାଯାଉଥିବା ଫଳାଫଳ ........ ୨୦

୩.୪ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ଅଧିନରେ ନିଆଯାଉଥିବା କାର୍ଯ୍ୟକ୍ରମ ........ ୨୦

**ଚତୁର୍ଥ ବିଷୟ : ଜନଜାତି ଜୀବିକା ସାଥୀଙ୍କର ଭୂମିକା ଏବଂ ଦାୟିତ୍ୱ ........ ୨୧**

୪.୧ ଜନାଜତି ଜୀବିକା ସାଥୀ କହିଲେ କ'ଣ ବୁଝାଯାଏ ? ........ ୨୧

୪.୨ ଜନଜାତି ଜୀବିକା ସାଥି ମାନଙ୍କୁ ନିୟୋଜିତ କରିବାର ଉଦ୍ଦେଶ୍ୟ ........ ୨୧

୪.୩ ଏକ ଭଲ ଜନଜାତି ଜୀବିକା ସାଥିଙ୍କର ଉତ୍ତମ ଗୁଣ ସମୂହ୍ୱ ........ ୨୨

୪.୪ ଜନଜାତି ଜୀବିକା ସାଥିଙ୍କର ଭୂମିକା ଏବଂ ଦାୟିତ୍ୱ ........ ୨୨

**ପଞ୍ଚମ ବିଷୟ : ଜେଜେପି ସ୍ତରରେ ବ୍ୟବହୃତ ନଥିପତ୍ର (ରେଜିଷ୍ଟର) ........ ୨୪**

୫.୧ ଜେଜେପି ସଦସ୍ୟତା ବହି ........ ୨୪

୫.୨ ଜେଜପି ସାଧାରଣ ପରିଷଦର ସଭା ବହି ........ ୨୪

୫.୩ ଜେଜେପି କାର୍ଯ୍ୟନିର୍ବାହୀ ପରିଷଦର ସଭା ବହି ........ ୨୫

୫.୪ କ୍ଲଷ୍ଟର ଯୋଜନା ବହି ........ ୨୬

୫.୫ ହିତାଧିକାରୀ ଖାତା (ସମସ୍ତ ପ୍ରକାରର ହିତାଧିକାରୀ) ........ ୨୮

୫.୬ ଉତ୍ପାଦନ ଏବଂ ବଜାରୀକରଣ (ବିକ୍ରୟ) ଖାତା ........ ୩୦

୫.୭ ସମ୍ପତ୍ତି ତଦାରଖ ଓ ଦେଖାଶୁଣା ନିମନ୍ତେ ରେଜିଷ୍ଟର ........ ୩୧

**ଷଷ୍ଠ ବିଷୟ : ଜନଜାତି ଜୀବିକା ପରିଷଦର ଗଠନ ନିମନ୍ତେ ଥିବା ନିର୍ଦ୍ଦେଶାବଳୀର ଓଡିଆ ଅନୁବାଦ ........ ୩୨**

**ସପ୍ତମ ବିଷୟ : ଜନଜାତି ଜୀବିକା ସାଥୀଙ୍କ ଚୟନ ନିମନ୍ତେ ଥିବା ନିର୍ଦ୍ଦେଶାବଳୀର ଓଡିଆ ଅନୁବାଦ ........ ୩୮**

# ପ୍ରଥମ ବିଷୟ : "ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ" ବିଷୟରେ ପଦେ

## ୧.୧ ପୃଷ୍ଠ ଭୂମି

ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ପଛୁଆ ବର୍ଗ ସଂପ୍ରଦାୟମାନଙ୍କର ସମସ୍ୟା ସମାଧାନ ନିମନ୍ତେ ଏକାଗ୍ର ପ୍ରୟାସ ଜାରିରଖିବା ପାଇଁ ୧୯୪୮ ମସିହାରେ "ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ" ଗଠନ କରାଯାଇଥିଲା । ୧୯୪୯ ମସିହାରେ ଏହି ବିଭାଗକୁ ଗ୍ରାମ କଲ୍ୟାଣର ଦାୟିତ୍ୱ ଦିଆଯାଇଥିଲା । ୧୯୫୦ ମସିହାରେ ଭାରତର ସମ୍ବିଧାନ ଗ୍ରହଣ ହେବାପରେ ଏହି ବିଭାଗର ନାମ ପରିବର୍ତ୍ତନ କରାଯାଇ ଆଦିବାସୀ ତଥା ଗ୍ରାମ୍ୟ କଲ୍ୟାଣ ବିଭାଗ ଭାବରେ ନାମିତ ହେଲା । ଏହି ନାମଟି ଦୀର୍ଘ ସମୟ ଧରି ଚାଲିଥିଲା ଯାହାପରେ ବିଭାଗର ନାମ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଭାବରେ ନାମିତ ହେଲା । ପରବର୍ତ୍ତୀ ସମୟରେ ଏହି ବିଭାଗ, " ଅନୁସୂଚିତ ଜାତି କଲ୍ୟାଣ" ଏବଂ "ଆଦିବାସୀ କଲ୍ୟାଣ" ରେ ବିଭକ୍ତ ହୋଇଥିଲା ଯାହାକି ପୁନର୍ବାର ମିଶିଯାଇ "କଲ୍ୟାଣ ବିଭାଗ" ଭାବରେ ନାମିତ ହେଲା । ଫେବୃଆରୀ, ୧୯୯୯ ଏବଂ ଏପ୍ରିଲ୍, ୧୯୯୯ ଠାରୁ ଏହି "କଲ୍ୟାଣ ବିଭାଗ"କୁ ନିମ୍ନ ପ୍ରକାର ବିଭକ୍ତ କରାଯାଇଛି ।

- ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ ବିଭାଗ
- ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ

କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଏବଂ ଆବଶ୍ୟକୀୟ ଉନ୍ନତି ଆଣିବା ପାଇଁ ବିଭାଗ ଏହାର କାର୍ଯ୍ୟକ୍ରମ ଏବଂ ଯୋଜନାଗୁଡିକର କାର୍ଯ୍ୟକାରିତା ଉପରେ ନିୟମିତ ନଜର ରଖେ ଏବଂ ମୂଲ୍ୟାଙ୍କନ କରେ । ଏହି ବିଭାଗ ମାଧମରେ ଏସ.ଟି, ଏସ୍.ସି, ସଂଖ୍ୟାଲଘୁ ଏବଂ ପଛୁଆ ଶ୍ରେଣୀର କଲ୍ୟାଣ ତଥା ବିକାଶ ପାଇଁ ସରକାର ଏହାର ବଜେଟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବଣ୍ଟନ କରନ୍ତି । ସରକାରଙ୍କ ପ୍ରାଥମିକତା ଏବଂ ଏହି ସମ୍ପ୍ରଦାୟର ଆବଶ୍ୟକତାକୁ ଆଧାର କରି ଅନୁଦାନ ଆବଣ୍ଟନର ପରିମାଣ ବର୍ଷକୁ ବର୍ଷ ବଦଳିଥାଏ । ଅଦ୍ୟାବିଧି, ଶିକ୍ଷା ଏବଂ ଦକ୍ଷତା ବିକାଶ ପାଇଁ ଆର୍ଥିକ ସହାୟତା ଭଳି ବିଭିନ୍ନ ଯୋଜନା ମାଧମରେ ଏହି ସମ୍ପ୍ରଦାୟର ମହିଳା ଏବଂ ଶିଶୁମାନଙ୍କର ସଶକ୍ତି କରଣ ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ହିତାଧିକାରୀମାନଙ୍କୁ ସେମାନଙ୍କର ଅଧିକାର ଏବଂ ସେମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୁଯୋଗ ଏବଂ ସୁବିଧା ବିଷୟରେ ଶିକ୍ଷା ଦେବା ପାଇଁ ବିଭାଗ ସଚେତନତା ଅଭିଯାନ ଏବଂ ପ୍ରସାରଣ କାର୍ଯ୍ୟକ୍ରମ ମଧ୍ୟ କରିଥାଏ ।

ଅନୁସୂଚିତ ଜନଜାତି (ଏସ୍.ଟି) ଏବଂ ଅନୁସୂଚିତ ଜାତି (ଏସ.ସି) ଜନସଂଖ୍ୟା ମିଳିତ ଭାବରେ ଓଡିଶାର ମୋଟ ଜନସଂଖ୍ୟାର ପ୍ରାୟ ଦୁଇ ପଞ୍ଚମାଂଶ ଅଟନ୍ତି । ୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟର ଅନୁସୂଚିତ ଜନଜାତି ଜନସଂଖ୍ୟା ୯୫.୯୧ ଲକ୍ଷ ଏବଂ ଅନୁସୂଚିତ ଜାତି ଜନସଂଖ୍ୟା ୭୧.୮୮ ଲକ୍ଷ, ଯାହାକି ମୋଟ୍ ଜନସଂଖ୍ୟାର ଯଥାକ୍ରମେ ୨୨.୮୫% ଏବଂ ୧୭.୧୩% ଅଟେ ।

ଅନୁସୂଚିତ ଅଞ୍ଚଳଗୁଡିକ ରାଜ୍ୟର ମୋଟ ଭୌଗଳିକ କ୍ଷେତ୍ର ୧,୫୫,୭୦୭ ବର୍ଗ କି.ମି ମଧ୍ୟରୁ ୬୯,୪୦୩ ବର୍ଗ କି.ମି ଅଟେ । ଓଡିଶାର ମୋଟ ୧୩ଟି ଜିଲ୍ଲାରେ ୫୦% ରୁ ଅଧିକ ଆଦିବାସୀ ବହୁଳତା ଥିବା ୧୧୯ଟି ବ୍ଲକ ଅଛି । ଏହା ବ୍ୟତୀତ ୪୬ଟି ପରିବର୍ତ୍ତିତ କ୍ଷେତ୍ର ବିକାଶ ପଦ୍ଧତି (ମାଡା) ଏବଂ ୧୪ ଟି କ୍ଲଷ୍ଟର ପକେଟ ମଧ୍ୟ ଅଛି । ଆମ ରାଜ୍ୟରେ ମୋଟ ୬୨ଟି ଅନୁସୂଚିତ ଜନଜାତି ସମ୍ପ୍ରଦାୟ ଅଛନ୍ତି ଯେଉଁଥିରେ ୧୩ଟି ବିଶେଷ ଭାବରେ ଦୁର୍ବଳ ଆଦିବାସୀ ଗୋଷ୍ଠୀ (ପି.ଭି.ଟି.ଜି) ଅନ୍ତର୍ଭୁକ୍ତ । ଓଡିଶାର ଅନୁସୂଚିତ ଜନଜାତି ଦେଶର ଆଦିବାସୀ ଜନସଂଖ୍ୟାର ୯.୭% ଅଟେ ।

ରାଜ୍ୟରେ ଏସ୍.ଟି, ଏସ୍.ସି, ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ଅଧିକ ଚିନ୍ତିତ ଅଛନ୍ତି ଏବଂ ସମାଜର ଏହି ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରିବାକୁ ଆଗ୍ରହୀ ଅଛନ୍ତି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଓଡିଶା ସରକାରଙ୍କ ଅନ୍ୟାନ୍ୟ ବିଭାଗ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ, ଯିଏକି ରାଜ୍ୟର ଅନୁସୂଚିତ ଜନଜାତି(ଏସ୍.ଟି), ଅନୁସୂଚିତ ଜାତି (ଏସ୍.ସି), ସଂଖ୍ୟାଲଘୁ ସମ୍ପ୍ରଦାୟ ତଥା ପଛୁଆ ବର୍ଗ ମାନଙ୍କର ଉନ୍ନତି ଓ କଲ୍ୟାଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ନୀତି ତଥା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କାରିବାର ଦାୟିତ୍ୱ ନେଇଅଛି । ରାଜ୍ୟରେ ଥିବା ଏହିସବୁ ପଛୁଆ ଶ୍ରେଣୀ/ବର୍ଗର ସମ୍ପ୍ରଦାୟ ମଧ୍ୟରେ ସାମାଜିକ ଏବଂ ଅର୍ଥନୈତିକ ପାର୍ଥକ୍ୟକୁ ଦୂର କରିବାରେ ଏହି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ୧.୨. ବିଭାଗର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ

**ଉଦ୍ଦେଶ୍ୟ :** ଅନୁସୂଚିତ ଜନଜାତି (ଏସ୍.ଟି) ଏବଂ ଅନୁସୂଚିତ ଜାତି (ଏସ୍.ସି) ସମ୍ପ୍ରଦାୟର ଆର୍ଥିକ, ଶିକ୍ଷାଗତ ତଥା ସାମାଜିକ ବିକାଶ ପାଇଁ ନୀତି, କାର୍ଯ୍ୟକ୍ରମ, ଆଇନ, ନିୟମାବଳୀ ପ୍ରସ୍ତୁତ କରିବା ।

**ଲକ୍ଷ୍ୟ :** ଅନୁସୂଚିତ ଜନଜାତି (ଏସ୍.ଟି) ଏବଂ ଅନୁସୂଚିତ ଜାତି (ଏସ୍.ସି) ସମ୍ପ୍ରଦାୟର ଶିକ୍ଷାଗତ, ଅର୍ଥନୈତିକ ତଥା ସାମାଜିକ ବିକାଶ ମାଧ୍ୟମରେ ଉକ୍ତ ସମ୍ପ୍ରଦାୟକୁ ସଶକ୍ତ କରିବା ଓ ସେମାନଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ଏବଂ ଆତ୍ମ ସମ୍ମାନ ବୃଦ୍ଧି ବରାଇବା ।

**ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର କଲ୍ୟାଣର ବ୍ୟାପକ ଉଦ୍ଦେଶ୍ୟଗୁଡିକ :**

- **ସାମାଜିକ ଅନ୍ତର୍ଭୁକ୍ତୀକରଣ :** ଜୀବନର ବିଭିନ୍ନ କ୍ଷେତ୍ରରେ ଏସ୍.ଟି, ଏସ୍.ସି, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ଶ୍ରେଣୀଙ୍କୁ ସାମାଜିକ କ୍ଷେତ୍ରରେ ଅର୍ନ୍ତଭୁକ୍ତ କରିବା ଏବଂ ସେମାନଙ୍କ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବା ।
- **ଅର୍ଥନୈତିକ ସଶକ୍ତିକରଣ :** ଦକ୍ଷତା ବିକାଶ, ନିଯୁକ୍ତି ସୃଷ୍ଟି ଏବଂ ଉଦ୍ୟୋଗୀ ସୁଯୋଗ ମାଧ୍ୟମରେ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ।
- **ଶିକ୍ଷାଗତ ଉନ୍ନତି :** ଗୁଣାତ୍ମକ ଶିକ୍ଷା ପାଇବାର ସୁବିଧା ସୃଷ୍ଟି କରିବା ଏବଂ ଏହି ସମ୍ପ୍ରଦାୟ ମଧ୍ୟରେ ଅଧାରୁ ପାଠ ଛାଡିବା (ଡ୍ରପ୍‌ଆଉଟ୍) ହାର ହ୍ରାସ କରିବା ।
- **ସ୍ୱାସ୍ଥ୍ୟସେବା :** ଏହି ଗୋଷ୍ଠୀ ମଧ୍ୟରେ ସ୍ୱାସ୍ଥ୍ୟଗତ ଅସମାନତାକୁ ଦୂରକରିବା ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ସୁବିଧା ସୃଷ୍ଟି କରିବା ଏବଂ ସମ୍ପ୍ରଦାୟ କିପରି ସ୍ୱାସ୍ଥ୍ୟସେବା ପାଇପାରିବେ ତାହା ସୁନିଶ୍ଚିତ କରିବା ।
- **ଗୃହ ଏବଂ ଭିତ୍ତିଭୂମିର ବିକାଶ :** ମୁଖ୍ୟତଃ ଏହି ସମ୍ପ୍ରଦାୟଗୁଡିକ ବାସ କରୁଥିବା ଅଞ୍ଚଳରେ ଗୃହ ଏବଂ ମୌଳିକ ଭିତ୍ତିଭୂମିର ସୁବିଧା ଯୋଗାଇବା ।
- **ଅଧିକାରର ସୁରକ୍ଷା :** ବିଭିନ୍ନ ଆଇନଗତ ଏବଂ କଲ୍ୟାଣମୂଳକ ପଦକ୍ଷେପ ମାଧ୍ୟମରେ ଏସ୍.ଟି, ଏସ୍.ସି, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ଶ୍ରେଣୀର ଅଧିକାରର ସୁରକ୍ଷା ଏବଂ ପ୍ରୋତ୍ସାହନ । ଜଙ୍ଗଲ ଏବଂ ଜମି ଉପରେ ସେମାନଙ୍କର ଅଧିକାର ସୁରକ୍ଷିତ କରିବା ।

## ୧.୩ ବିଭାଗର ମିଶନ୍ ଏବଂ ଭିଜନ୍

**ମିଶନ ଏବଂ ଭିଜନ୍ :** ଅନ୍ୟ ସମ୍ପ୍ରଦାୟ ସହ ତୁଳନାତ୍ମକ ଭାବେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ସର୍ବାଙ୍ଗୀନ ବିକାଶ।

ବିଭାଗର ସମସ୍ତ ନୀତି, ନିୟମ, କାର୍ଯ୍ୟକ୍ରମ ଏବଂ ଯୋଜନାଗୁଡିକ ଭାରତର ସମ୍ବିଧାନ ଧାରା ଯେପରି ୪୬ (ଭାଗ ଚତୁର୍ଥ), ୧୬, ୧୭, ୧୯, ୧୬୪, ୨୪୪, ୨୭୫, ୩୩୦, ୩୩୨, ୩୩୫, ୩୩୮, ୩୩୯, ୩୪୧, ୩୪୨ ଏବଂ ୩୬୬ ର ସାମଗ୍ରିକ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟଗୁଡିକ ସହିତ ସମାନଭାବରେ ସ୍ଥିର କରାଯାଇଅଛି ଯେଉଁଥିପାଇଁ ଏକ ଚାରିପାଖିଆ (ଫୋର୍-ପ୍ରୋଂଜ୍ଡ) ରଣନୀତି ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରାଯାଇଛି।

- ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ କାର୍ଯ୍ୟକ୍ରମ।
- ସେମାନଙ୍କର ଶିକ୍ଷାଗତ ବିକାଶ ପାଇଁ କାର୍ଯ୍ୟକ୍ରମ।
- ସମସ୍ତ ପ୍ରକାରର ଶୋଷଣକୁ ଦୂର କରିବା ପାଇଁ କାର୍ଯ୍ୟକ୍ରମ।
- ଜୀବନର ଗୁଣାତ୍ମକ ମାନର ଉନ୍ନତି ନିମନ୍ତେ କାର୍ଯ୍ୟକ୍ରମ।

## ୧.୪ ବିଭାଗର ପ୍ରମୁଖ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ

- **ଛାତ୍ରବୃତ୍ତି କାର୍ଯ୍ୟକ୍ରମ** - ବିଭିନ୍ନ ସ୍ତରରେ ସେମାନଙ୍କର ଶିକ୍ଷାକୁ ସମର୍ଥନ କରିବା ପାଇଁ ଏସ.ଟି , ଏସ୍.ସି, ସଂଖ୍ୟାଲଘୁ ଏବଂ ପଛୁଆ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ।
- **ନିଯୁକ୍ତି ସୃଷ୍ଟି** - ଦକ୍ଷତା ବିକାଶ, ଧନ୍ଦାମୂଳକ ତାଲିମ୍ ଏବଂ ନିଯୁକ୍ତି ନିମନ୍ତେ ସହାୟତା କରି ସେମାନଙ୍କର ଆତ୍ମନିଯୁକ୍ତି ଓ ରୋଜଗାର ବୃଦ୍ଧି କରିବା।
- **ସ୍ୱାସ୍ଥ୍ୟ ଓ ଚିକିତ୍ସା ସମ୍ବନ୍ଧିତ ପଦକ୍ଷେପ** - ଉନ୍ନତ ସ୍ୱାସ୍ଥ୍ୟ ନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ସେବା ଏବଂ ସ୍ୱାସ୍ଥ୍ୟ ବୀମା ସହାୟତା ପ୍ରଦାନ।
- **ଗୃହ ଯୋଜନା** - ଏହି ସମ୍ପ୍ରଦାୟର ହିତାଧିକାରୀଙ୍କୁ ସୁଲଭ ଗୃହ ଯୋଗାଇବା ପାଇଁ ଗୃହ ଯୋଜନା କାର୍ଯ୍ୟକାରୀ କରିବା।
- **ଆଇନଗତ ସହାୟତା** - ଏସ.ଟି , ଏସ୍.ସି, ସଂଖ୍ୟାଲଘୁ ଏବଂ ପଛୁଆ ଶ୍ରେଣୀର ଅଧିକାର ଏବଂ ସ୍ୱାର୍ଥ ରକ୍ଷା ପାଇଁ ଆଇନ୍‌ଗତ ସହାୟତା କାର୍ଯ୍ୟକ୍ରମ ଆରମ୍ଭ କରିବା।

## ୧.୫ ଏସ୍.ଟି ଏବଂ ଏସ୍.ସି ବିକାଶ ବିଭାଗର ଅନୁଗ୍ରହରେ ବଣ୍ଟାଯାଇଥିବା ବିଷୟଗୁଡିକର ତାଲିକା

**ବିଭାଗର ଅନୁଗ୍ରହରେ ବଣ୍ଟାଯାଇଥିବା ବିଷୟ ଗୁଡିକର ତାଲିକା (ରାଜ୍ୟ ବିଷୟ)**

### ଅନୁସୂଚିତ ଜନଜାତି (ଏସ୍.ଟି) କଲ୍ୟାଣ

- ସ୍ୱତନ୍ତ୍ର ଯୋଜନାର କାର୍ଯ୍ୟକାରିତା ଏବଂ ଏହି ଦିଗରେ ଅନ୍ୟ ସରକାରୀ ବିଭାଗ ଦ୍ୱାରା କରାଯାଇଥିବା କାର୍ଯ୍ୟ ଗୁଡିକର ସମନ୍ୱୟ।
- ଅନୁସୂଚିତ ଅଞ୍ଚଳ ଗୁଡିକର ପ୍ରଶାସନ ସମ୍ବନ୍ଧରେ ରାଷ୍ଟ୍ରପତିଙ୍କ ନିକଟରେ ବାର୍ଷିକ ରିପୋର୍ଟ ଦାଖଲ।
- ଆଦିବାସୀ ପରାମର୍ଶଦାତା ପରିଷଦ ସମ୍ବନ୍ଧୀୟ ସମସ୍ତ ବିଷୟ।
- ଅନୁସୂଚିତ ଅଞ୍ଚଳରେ ଆଇନର ପ୍ରୟୋଗ।
- ଶାନ୍ତି ଏବଂ ଉତ୍ତମ ଶାସନ ପାଇଁ ନିୟମାବଳୀ।
- ପୋଡୁଚାଷ ସମ୍ବନ୍ଧିତ ସମସ୍ୟା।
- ଏସ୍.ଟି ଏବଂ ଏସ୍.ସି ରିସର୍ଚ୍/ଅନୁସନ୍ଧାନ ଓ ତାଲିମ ସଂଗଠନ ଏବଂ ନିୟନ୍ତ୍ରଣ।
- ଭାରତର ସମ୍ବିଧାନର ଧାରା ୨୭୫ (୧) ଅନୁଯାୟୀ କେନ୍ଦ୍ରୀୟ ଅନୁଦାନ।
- ଆଦିବାସୀ ଅଞ୍ଚଳ ଏବଂ ଏହା ସହ ଜଡିତ ବିଷୟ ଗୁଡିକ ପାଇଁ ଉପ-ଯୋଜନା।
- ବିଭିନ୍ନ ପଦପଦବୀ ଏବଂ ସେବାରେ ଖାଲିଥିବା ଓଡିଶା ସଂରକ୍ଷଣ ସମ୍ବନ୍ଧୀୟ ବିଷୟ (ଏସ.ସି ଏବଂ ଏସ୍.ଟି ଆକ୍ଟ ୧୯୭୫ ପାଇଁ ଏବଂ ସେଠାରେ ଥିବା ନିୟମାବଳୀ ପାଇଁ)।
- ଆଦିବାସୀ ବିକାଶ ସମବାୟ ନିଗମ ସମ୍ବନ୍ଧୀୟ ବିଷୟଗୁଡିକ।
- ଆଦିବାସୀମାନଙ୍କର ଶିକ୍ଷା।
- ଆଦିବାସୀ ଉପଭାଷା ଏବଂ ସଂସ୍କୃତି ଏକାଡେମୀ ସମ୍ବନ୍ଧୀୟ ବିଷୟଗୁଡିକ।
- ଆଦିବାସୀଙ୍କ ପୁନର୍ବାସ ଏବଂ ପୁନଃ ଥଇଥାନ।
- ଆଦିବାସୀ ସମ୍ବନ୍ଧୀୟ ସମସ୍ତ ଯୋଜନା, ଅଣ-ଯୋଜନା, କେନ୍ଦ୍ରୀୟ ଏବଂ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡିକ।
- ଅନୁସୂଚିତ ଜାତି ପାଇଁ ହରିଜନ କଲ୍ୟାଣ ବିଭାଗ ପ୍ରତିଷ୍ଠାନ ଅଧୀନରେ ଶିକ୍ଷା ସହିତ ସମ୍ପୂର୍ଣ୍ଣ କ୍ଷେତ୍ର ପ୍ରତିଷ୍ଠା ଏବଂ ଶିକ୍ଷା ସମ୍ବନ୍ଧୀୟ ବିଷୟ।

### ଅନୁସୂଚିତ ଜାତି (ଏସ୍.ସି) କଲ୍ୟାଣ

ସ୍ୱତନ୍ତ୍ର ଯୋଜନାର କାର୍ଯ୍ୟକାରିତା ଏବଂ ତାଙ୍କ ନିର୍ଦ୍ଦେଶରେ ସରକାରଙ୍କ ଅନ୍ୟାନ୍ୟ ବିଭାଗ ଦ୍ୱାରା କରାଯାଇଥିବା କାର୍ଯ୍ୟଗୁଡିକର ସମନ୍ୱୟ ସହିତ ଅନୁସୂଚିତ ଜାତିର କଲ୍ୟାଣ ।

- ରାଜ୍ୟ ହରିଜନ କଲ୍ୟାଣ ବୋର୍ଡ ସମ୍ବନ୍ଧୀୟ ସମସ୍ତ ବିଷୟ ।
- ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ ଅର୍ଥ ସମବାୟ ନିଗମ ସମ୍ବନ୍ଧୀୟ ବିଷୟଗୁଡିକ ।

## ବିଭାଗର ଅନୁଗ୍ରହରେ ବଣ୍ଟାଯାଇଥିବା ବିଷୟ ଗୁଡିକର ତାଲିକା (ୟୁନିଅନ୍ ବିଷୟ)

**ଅନୁସୂଚିତ ଜନଜାତି (ଏସ୍.ଟି) କଲ୍ୟାଣ**

- ପୂର୍ବତନ ଅପରାଧୀଙ୍କ କଲ୍ୟାଣ
- ଆଦିବାସୀମାନଙ୍କ ପାଇଁ ଅନୁସୂଚିତ ତାଲିକାରେ ଅନ୍ତର୍ଭୁକ୍ତ ଏବଂ ବହିଷ୍କାର
- ଅନୁସୂଚିତ ଜନଜାତି ସହିତ ଜଡିତ ଥିବା ପର୍ଯ୍ୟନ୍ତ ଅତ୍ୟାଚାର ରୋକିବା

**ଅନୁସୂଚିତ ଜାତି (ଏସ୍.ସି) କଲ୍ୟାଣ**

- ଅସାମାଜିକତାର ଦୂରିକରଣ
- ଅନୁସୂଚିତ ଜାତି ଏବଂ ପଛୁଆ ଶ୍ରେଣୀ ପାଇଁ ଅନୁସୂଚିତ ତାଲିକାରେ ଅନ୍ତର୍ଭୂକ୍ତ ଏବଂ ବହିଷ୍କାର
- ଅନୁସୂଚିତ ଜାତି ସହିତ ଜଡିତ ଥିବା ପର୍ଯ୍ୟନ୍ତ ଅତ୍ୟାଚାର ରୋକିବା

**ସଂଖ୍ୟା ଲଘୁ ସମ୍ପ୍ରଦାୟ କଲ୍ୟାଣ**

- ଜାତୀୟ ସଂଖ୍ୟାଲଘୁ ବିକାଶ ଏବଂ ଅର୍ଥ ନିଗମ
- ସଂଖ୍ୟାଲଘୁମାନଙ୍କ ପାଇଁ ସିଭିଲ୍ ସର୍ଭିସେସ୍ ପାଇଁ ପ୍ରି-ପରୀକ୍ଷଣ କୋଚିଂ
- ମୌଲାନା ଅବୁଲ କଲାମ ଆଜାଦ ଫାଉଣ୍ଡେସନର ଯୋଜନାଗୁଡିକର କାର୍ଯ୍ୟକାରିତା
- ୱାକଫ୍ ବୋର୍ଡ

## ୧.୬ ମିଶନ ହାସଲ କରିବା ପାଇଁ ବିଭାଗ ସ୍ଥିର କରିଥିବା ନିଜର କର୍ତ୍ତବ୍ୟ

ମିଶନ୍ ହାସଲ କରିବା ପାଇଁ ବିଭାଗ ଦ୍ୱାରା ସମୁଦାୟ ତିନି ପ୍ରକାରର କର୍ତ୍ତବ୍ୟ ସଂପାଦନ କରାଯିବାର ସ୍ଥିର କରାଯାଇଅଛି

- ଅନୁସୂଚିତ ଜନଜାତି କଲ୍ୟାଣ।
- ଅନୁସୂଚିତ ଜାତି କଲ୍ୟାଣ।
- ସଂଖ୍ୟାଲଘୁ ଏବଂ ପଛୁଆ ଶ୍ରେଣୀର କଲ୍ୟାଣ।

## ୧.୭ ମୂଳ ସୁବିଧା, ମୁଦ୍ରା ଅଧିକାର, ଏସ୍.ଟି, ଏସ୍.ଟି, ଓବିସି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଭତ୍ତା ଏବଂ କ୍ଷତିପୂରଣ

- ରାଜ୍ୟ ଚଲାଉଥିବା ହଷ୍ଟେଲଗୁଡିକରେ ଏସ୍.ଟି, ଏସ୍.ସି, ଓବିସି ଛାତ୍ରଛାତ୍ରୀମାନଙ୍କ ପାଇଁ ବୋର୍ଡିଂ ସୁବିଧା।
- ପିଏଚଡି ସ୍ତର ପର୍ଯ୍ୟନ୍ତ ଏସ୍.ଟି, ଏସ୍.ସି, ଓବିସି ଏବଂ ସଂଖ୍ୟାଲଘୁ ଛାତ୍ର ଛାତ୍ରୀଙ୍କୁ ଛାତ୍ରବୃତ୍ତି।
- ଏସ୍.ଟି, ଏସ୍.ସି ଛାତ୍ରଛାତ୍ରୀ ମାନଙ୍କ ଉତ୍ତମ ଶିକ୍ଷା ପାଇଁ ଏନ୍.ଟି ପୁସ୍ତକ, ପଠନ ଏବଂ ଲେଖା ସାମଗ୍ରୀ, ବିଦ୍ୟାଳୟ ୟୁନିଫର୍ମ ଇତ୍ୟାଦି ସହାୟତା।
- ବୋର୍ଡିଂ ସ୍କୁଲ ର ଛାତ୍ର/ଛାତ୍ରୀଙ୍କୁ ଦୁର୍ଘଟଣା ଜନିତ/ଦୁର୍ଭାଗ୍ୟଜନକ ଘଟଣାରେ ମୃତ୍ୟୁ ହେଲେ ତାଙ୍କର ପରବର୍ତ୍ତୀ ନିକଟ ସମ୍ପର୍କୀୟକୁ ନଗଦ କ୍ଷତିପୂରଣ ଦେବା।

- ଅତ୍ୟାଚାର (ଆଟ୍ରୋସିଟି)ର ଶିକାର ହୋଇଥିବା ଏସ୍.ସି ଏବଂ ଏସ୍.ଟିଙ୍କୁ ଆର୍ଥିକ ସହାୟତା।
- ବିବାଦୀୟ ଜମି ଉପରେ ସେମାନଙ୍କର ଅଧିକାର, ଜମିପଟ୍ଟା, ଆଗ୍ରହ ଏବଂ ଅଧିକାର ପ୍ରତିଷ୍ଠା ପାଇଁ ତଥା ପିସିଆର୍ ଅଧିନିୟମ, ୧୯୫୫ ଏବଂ ପିଓଏ ଆକ୍ଟ, ୧୯୮୯ ଅନୁଯାୟୀ ମାମଲା ପାଇଁ ଏସ୍.ସି ଏବଂ ଏସ୍.ଟି ମାନଙ୍କୁ ଆଇନଗତ ସହାୟତା।
- ଏଲ.ଆଇ.ସି (LIC) ର "ଜନଶ୍ରୀ" ଯୋଜନା ମାଧ୍ୟମରେ ପି.ଭି.ଟି.ଜି ମାନଙ୍କ ପାଇଁ ବୀମା ଯୋଜନା।
- ଆନ୍ତ-ଜାତି ବିବାହ କରୁଥିବା ଦମ୍ପତିମାନଙ୍କୁ ନଗଦ ପୁରସ୍କାର।
- ଓଡିଶା ଏସ୍.ସି/ଏସ୍.ଟି ଫାଇନାନ୍ସ କର୍ପୋରେସନ୍ ମାଧ୍ୟମରେ ଏସ୍.ସି ଏବଂ ଏସ୍.ଟି ଲୋକଙ୍କୁ ବ୍ୟାଙ୍କ ଯୋଗ୍ୟ ସ୍କିମ୍ ଅଧିନରେ ମାର୍ଜିନ ମନି ଋଣ ପ୍ରଦାନ କରିବା।
- ଅଣ-କାଷ୍ଠ ଜାତୀୟ ଜଙ୍ଗଲ ଉତ୍ପାଦନ ପାଇଁ ପ୍ରାଥମିକ ସଂଗ୍ରହକାରୀ ଭାବରେ ଏସ୍.ଟି ଲୋକଙ୍କୁ ସର୍ବନିମ୍ନ ସହାୟତା ମୂଲ୍ୟ।
- ଓ.ଆର.ଭି ଆକ୍ଟ ୧୯୭୫ ବ୍ୟବସ୍ଥା ଅନୁଯାୟୀ ଚାକିରି ଏବଂ ପଦବୀରେ ସଂରକ୍ଷଣ।
- କାର୍ଯ୍ୟକାରୀ ଏଜେନ୍ସି ମାଧ୍ୟମରେ ବିଭନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ହାଜର ହେବା ପାଇଁ ପ୍ରି-ପରୀକ୍ଷଣ/ପ୍ରି-ନିଯୁକ୍ତି ତାଲିମ।
- **ଅତ୍ୟାଚାର ପୀଡିତଙ୍କୁ କ୍ଷତିପୂରଣ :** ଏସ୍.ଟି ଏବଂ ଏସ୍.ସି ପିଓଏ ର ନିୟମ ୧୯୯୫-୧୨(୪) ରେ ନିର୍ଦ୍ଧାରିତ ସଂଲଗ୍ନିତ କାର୍ଯ୍ୟସୁଚିରେ ଧାର୍ଯ୍ୟ କରାଯାଇଥିବା ନିୟମ ଏବଂ ମାନଦଣ୍ଡ (ସ୍କେଲ) ଅନୁଯାୟୀ ଅତ୍ୟାଚାରର ଶିକାର ହୋଇଥିବା ଏସ୍.ସି ଏବଂ ଏସ୍.ଟିଙ୍କୁ ମୁଦ୍ରା ରିଲିଫ୍ ଦିଆଯାଏ। ନିୟମ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ - ୨୫%, ୫୯%, ୭୫% ଅଥବା ଯେଉଁଠାରେ ପ୍ରଯୁଜ୍ୟ କ୍ଷତିପୂରଣର ସମ୍ପୂର୍ଣ୍ଣ ପରିମାଣ ଦିଆଯିବ। ଅବଶିଷ୍ଟ ଅର୍ଥ ଟ୍ରାଏଲ କୋର୍ଟ ଦ୍ୱାରା ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ପରେ ପୀଡିତାଙ୍କୁ ଦିଆଯିବ। ନିୟମ (ସଂଶୋଧନ)୨୦୧୧ ଅନୁଯାୟୀ, ୨୩.୧୨.୨୦୧୧ ଠାରୁ ଅତ୍ୟାଚାର ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଇଁ କ୍ଷତିପୂରଣ/ମୁଦ୍ରା ରିଲିଫରେ ୧୫୦% ବୃଦ୍ଧି କରାଯାଇଛି।

# ଦ୍ୱିତୀୟ ବିଷୟ : ଏସ୍.ଟି ଏବଂ ଏସ୍.ସି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଯୋଜନା ଏବଂ କାର୍ଯ୍ୟକ୍ରମ (୨୦୨୩-୨୦୨୪)

## ୨.୧. ଅନୁସୂଚିତ ଜାନଜାତିଙ୍କ ପାଇଁ ରାଜ୍ୟ କ୍ଷେତ୍ର ଯୋଜନା ଅଧିନରେ ଥିବା କାର୍ଯ୍ୟକ୍ରମ

**ଏସ୍.ଟି ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପ୍ରି-ମାଟ୍ରିକ୍  ଛାତ୍ରବୃତ୍ତି ଏବଂ ଷ୍ଟାଇପେଣ୍ଟ :** ବିଶେଷତଃ  ପ୍ରାଥମିକ ଶିକ୍ଷା ସ୍ତରରୁ ମାଧ୍ୟମିକ ସ୍ତରକୁ ଶ୍ରେଣୀ ପରିବର୍ତ୍ତନ ସମୟରେ ଏସ୍.ଟି ଏବଂ ଏସ୍.ସି ଛାତ୍ରଛାତ୍ରୀମାନଙ୍କ ଡ୍ରପ୍‌ଆଉଟ୍ ହାର କମ୍ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମେଧାବୀଛାତ୍ର ପ୍ରୋତ୍ସାହନ ଯୋଜନା ଅଧିନରେ ପ୍ରି-ମ୍ୟାଟ୍ରିକ୍ ଛାତ୍ରବୃତ୍ତି ଦିଆଯାଉଛି । ଏହି ଛାତ୍ରବୃତ୍ତି ଏବଂ ଷ୍ଟାଇପେଣ୍ଟ ସହାୟତା ମାଧ୍ୟମରେ ଏସ୍.ଟି ଛାତ୍ରଛାତ୍ରୀମାନେ (ପ୍ରାୟ ୬୦% ବାଳିକା ଛାତ୍ରୀଙ୍କୁ ମିଶାଇ) ବାର୍ଷିକ ୧୦୦୦/- ଟଙ୍କାର ସହାୟତା ପାଆନ୍ତି ଯାହାକି ସେମାନଙ୍କ ଶିକ୍ଷା ଜାରିରଖିବାକୁ ସେମାନଙ୍କୁ ସାହାଯ୍ୟ କରେ ଏବଂ ରାଜ୍ୟରେ ମହିଳାମାନଙ୍କର ସାମଗ୍ରିକ ବିକାଶ ଦିଗରେ ସହଯୋଗ କରେ ।

**ଏସ୍.ଟି ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପୋଷ୍ଟ ମ୍ୟାଟ୍ରିକ୍ ସ୍କଲାରସିପ୍ ଏବଂ ଷ୍ଟାଇପେଣ୍ଟ :** ମୁଖ୍ୟମନ୍ତ୍ରୀ ମେଧାବୀଛାତ୍ର  ପ୍ରୋତ୍ସାହନ ଯୋଜନା ଅଧିନରେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀ ମାନଙ୍କୁ ପୋଷ୍ଟ ମ୍ୟାଟ୍ରିକ୍ ସ୍କଲାରସିପ୍ ପ୍ରଦାନ କରାଯାଉଛି । ଏହାଦ୍ୱାରା ସେମାନେ ପୋଷ୍ଟ ମ୍ୟାଟ୍ରିକ୍, ପୋଷ୍ଟ ସେକେଣ୍ଡାରୀ ଏବଂ ପୋଷ୍ଟ ଗ୍ରାଜୁଏଟ୍ ପର୍ଯ୍ୟାୟରେ ସେମାନଙ୍କ ଅଧ୍ୟୟନର ବିକାଶ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ ଅଧ୍ୟୟନ ସମାପ୍ତ କରିବାକୁ ସକ୍ଷମ ହୋଇପାରୁଛନ୍ତି । ସମୟ ସମୟରେ ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ହାର ଅନୁଯାୟୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥାଏ । ପାଖାପାଖି  ଜଣକା ବାର୍ଷିକ ୧,୦୦,୦୦୦.୦୦ ଟଙ୍କା (ଏକ ଲକ୍ଷ ଟଙ୍କା) ପୋଷ୍ଟ ମ୍ୟାଟ୍ରିକ୍ ସ୍କଲାରସିପ୍ ଭାବରେ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଏ ।

**ଶିକ୍ଷାନୁଷ୍ଠାନ ତଥା କର୍ମଚାରୀଙ୍କ କ୍ୱାର୍ଟର୍ସ ଗୁଡିକର ନିର୍ମାଣ, ସଂପୂର୍ଣ୍ଣକରଣ ଏବଂ ମରାମତି ସହିତ ବିଦ୍ୟୁତିକରଣ :** ନୂତନ ଭାବେ ରୂପାନ୍ତରିତ (ଅପ୍-ଗ୍ରେଡ୍) ହୋଇଥିବା ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକର ଅପାରଗତା/ଆବଶ୍ୟକତା ଗୁଡିକୁ ପୂରଣ କରିବା ନିମନ୍ତେ ବିଭାଗ ଶିକ୍ଷାନୁଷ୍ଠାନ ଗୁଡିକର ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଉଅଛି । ଯୋଜନା ଅନୁଯାୟୀ, ଏହି କାର୍ଯ୍ୟକ୍ରମ ଅଧିନରେ ଅତିରିକ୍ତ କ୍ଲାସ୍‌ରୁମ୍, ଲାବୋରେଟୋରୀ ରୁମ୍, ଡାଇନିଂ ହଲ୍, ରୋଷେଇ ଘର, ଶୌଚାଳୟ ଇତ୍ୟାଦି (ଅଣ-ଆବାସିକ ବିଲ୍ଡିଂ) ଏବଂ କର୍ମଚାରୀ କ୍ୱାର୍ଟସଗୁଡିକର ନିର୍ମାଣ/ସମାପ୍ତି (ଆବାସିକ ବିଲ୍ଡିଂ) ସହ ଅସମ୍ପୂର୍ଣ୍ଣ କଳିଙ୍ଗ ମଡେଲ୍ ଆବାସିକ ବିଦ୍ୟାଳୟ ଗୁଡିକ ଏବଂ ନୂତନ ପ୍ରସ୍ତାବିତ କଳିଙ୍ଗ ମଡେଲ୍ ଆବାସିକ ବିଦ୍ୟାଳୟ ଗୁଡିକର ନିର୍ମାଣ କାର୍ଯ୍ୟ କାର୍ଯ୍ୟକାରୀ କରାଯିବ ।

**ହଷ୍ଟେଲ ବିଲ୍ଡିଂର ନିର୍ମାଣ :** ଆବାସିକ ବିଦ୍ୟାଳୟରେ ଉନ୍ନତ ଭିତ୍ତିଭୂମି ସୁବିଧା ପାଇଁ ବିଭାଗ ନୂତନ ହଷ୍ଟେଲ  କୋଠା ନିର୍ମାଣ କରିବା ସହିତ ଅର୍ଦ୍ଧନିର୍ମିତ ହଷ୍ଟେଲ କୋଠାର ନିର୍ମାଣ କାର୍ଯ୍ୟ ସମାପ୍ତ ପାଇଁ ଯୋଜନା କରିଛି ।

**ଏସ୍.ଟି ଏବଂ ଏସ୍.ସି ଛାତ୍ରମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ :** ରାଜ୍ୟର ୧୭ଟି ଜିଲ୍ଲାର ବିଭିନ୍ନ ସହର ଏବଂ ସହରର ସର୍ବୋତ୍ତମ ଇଂରାଜୀ ମଧ୍ୟମ ବିଦ୍ୟାଳୟରେ ଏସ୍.ଟି ଏବଂ ଏସ୍.ସି ଛାତ୍ରମାନଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ କରିବାର ଉଦ୍ଦେଶ୍ୟ ସହିତ "ଅନ୍ୱେଶା" ନାମକ ଏକ କାର୍ଯ୍ୟକ୍ରମ ସହରୀ ଶିକ୍ଷାନୁଷ୍ଠାନ ସହ ସହଭାଗିତାରେ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ଅଧିନରେ ସହରଗୁଡିକରେ ସହରୀ ଶିକ୍ଷା କମ୍ପ୍ଲେକ୍ସ ପ୍ରତିଷ୍ଠା ହେବାକୁ ଯାଉଛି, ଯେଉଁଠାରେ ହଷ୍ଟେଲ ସୁବିଧା, ପଢିବା ଏବଂ ଲେଖିବା ସାମଗ୍ରୀ, ବେଡ୍, ବାସନ, ପରିବହନ ଏବଂ ଟ୍ୟୁସନ୍ ଫି ଇତ୍ୟାଦି ସମସ୍ତ ସହାୟତା ପ୍ରଦାନ କରାଯିବ ।

**ବିଦ୍ୟାଳୟ ଏବଂ ହଷ୍ଟେଲଗୁଡିକ ପାଇଁ ସୁବିଧା ସୁଯୋଗ :** ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଶ୍ରମ ସ୍କୁଲ, କେ.ଏମ.ଆର୍.ସି ଓ ବି.ପି.ଏ.ଭି ବିଦ୍ୟାଳୟଗୁଡିକୁ ସୁବିଧା ଯୋଗାଇଦେବାକୁ ବିଭାଗ ଯୋଜନା କରିଛି । ଏହି ସବୁ ବିଦ୍ୟାଳୟ ତଥା ହଷ୍ଟେଲ ଗୁଡିକରେ ଭିତ୍ତିଭୂମିର ଉନ୍ନତି ପାଇଁ ସହାୟତା ଦିଆଯିବ ଯାହା ଗୁଣାତ୍ମକ ଶିକ୍ଷା ପାଇଁ ସହାୟକ ହେବ ।

**ବିଦ୍ୟାଳୟଗୁଡିକରେ ଆଇସିଟି (ICT) ଶିକ୍ଷା ଏବଂ ସ୍ମାର୍ଟ କ୍ଲାସ୍ ରୁମ୍ (କୋଠରୀ) ବ୍ୟବସ୍ଥା :** ଏହି ଯୋଜନା ମାଧ୍ୟମରେ ବିଭାଗ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକରେ ସୂଚନା-ଯୋଗାଯୋଗ-ପ୍ରଯୁକ୍ତିବିଦ୍ୟା ପ୍ରଦାନ କରିବାର ବ୍ୟବସ୍ଥା କରିଛି । ଯୋଜନା ଅଧିନରେ (ଏସ୍.ଏସ୍.ଡି) ବିଦ୍ୟାଳୟ ଗୁଡିକରେ ସ୍ମାର୍ଟ କ୍ଲାସରୁମ୍ ସୁବିଧା ଯୋଗାଇ ଦିଆଯିବ ।

**ବିଶେଷ ବିକାଶ ପରିଷଦ :** ବିକାଶ ପ୍ରକ୍ରିୟାରେ ଆଦିବାସୀମାନଙ୍କର ସକ୍ରିୟ ଭାଗିଦାରୀକୁ ସୁନିଶ୍ଚିତ କରିବା ନିମନ୍ତେ ଆଦିବାସୀ ବହୁଳ ୯ଟି ଜିଲ୍ଲାର ୧୧୭ଟି ବ୍ଲକ ଅନ୍ତର୍ଗତ ୨୦୨୨ଟି ଗ୍ରାମ ପଞ୍ଚାୟତରେ ବିଶେଷ ବିକାଶ ପରିଷଦ ଗଠିତ ହୋଇସାରିଛି । ବିଶେଷ ବିକାଶ ପରିଷଦଗୁଡିକ ନିଜ ଗ୍ରାମପଞ୍ଚାୟତରେ ବିକାଶ ପ୍ରକ୍ରିୟାରେ ଆଦିବାସୀମାନଙ୍କୁ ସାମିଲ୍ ହେବାରେ ସହଯୋଗ କରୁଛନ୍ତି ।

**ଓଡ଼ିଶାର ବିଶେଷ ଭାବରେ ଅବହେଳିତ/ଦୁର୍ବଳ ଆଦିବାସୀ ଗୋଷ୍ଠୀର ସଶକ୍ତିକରଣ ଏବଂ ଜୀବିକା ଉନ୍ନତି କାର୍ଯ୍ୟକ୍ରମ :** "ଓପେଲିପି" ହେଉଛି ଏକ ରାଜ୍ୟ ଅଧିନରେ ଆସୁଥିବା ଏକ କାର୍ଯ୍ୟକ୍ରମ ଯାହା କୃଷି ବିକାଶ ପାଇଁ ଆନ୍ତର୍ଜାତୀୟ ପାଣ୍ଠି ସହଯୋଗରେ କାର୍ଯ୍ୟକାରୀ କରାଯାଉଅଛି । ଓପେଲିପି କାର୍ଯ୍ୟକ୍ରମ ଓଡିଶାର ସମସ୍ତ ୧୩ ଟି ପିଭିଟିଜି ସମ୍ପ୍ରଦାୟକୁ ସେମାନଙ୍କର ସର୍ବାଙ୍ଗିନ ବିକାଶ ପାଇଁ ସହାୟତା ଦେବାନିମନ୍ତେ ପ୍ରସ୍ତୁତ କରାଯାଇଛି । ସ୍ଥାନୀୟ ଗୋଷ୍ଠୀ ଅନୁଷ୍ଠାନ ଯେପରିକି ଏସ୍.ଏଚ୍.ଜି. ଏବଂ ଗ୍ରାମ ଉନ୍ନୟନ ସଙ୍ଗଠନ ଇତ୍ୟାଦି ଏହି ପ୍ରକଳ୍ପର କେନ୍ଦ୍ରରେ ଅଛି । ଏହି କାର୍ଯ୍ୟକ୍ରମ ଏକ ସମନ୍ୱିତ ଉପାୟ ଅବଲମ୍ବନ କରେ, ଯେଉଁଥିରେ ଜମି, ପ୍ରାକୃତିକ ସମ୍ପଦ, କୃଷି ପ୍ରଯୁକ୍ତିବିଦ୍ୟା, ଆର୍ଥିକ ସେବା, ବଜାର, ଉତ୍ପାଦନକାରୀ ଏବଂ ସାମାଜିକ ଭିତ୍ତିଭୂମି ଏବଂ ଅତ୍ୟାବଶ୍ୟକ ସାମାଜିକ ସେବାରେ ଉନ୍ନତ ପ୍ରବେଶ ପାଇଁ ସହାୟତା ଅନ୍ତର୍ଭୁକ୍ତ । ନିମ୍ନଲିଖିତ ପ୍ରମୁଖ କାର୍ଯ୍ୟକ୍ରମଗୁଡିକ ଓପେଲିପି ଅଧିନରେ କରାଯାଏ ।

- ଜଙ୍ଗଲ ଅଧିକାର ଆଇନ୍ କାର୍ଯ୍ୟକାରୀ କରାଇ ସୁରକ୍ଷିତ ଜମି ଅଧିକାର ନିଶ୍ଚିତ କରିବା ।
- କୃଷି ଏବଂ ଉଦ୍ୟାନ କୃଷି ବିକାଶ ମାଧ୍ୟମରେ ଜୀବିକା ପ୍ରୋତ୍ସାହନ ।
- ଯୁବ ଉଦ୍ୟୋଗୀ ଏବଂ ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମ (ଆଇଜିପି)ର ପ୍ରୋତ୍ସାହନ ମାଧ୍ୟମରେ ଆୟ ବୃଦ୍ଧି ।
- ପୁଷ୍ଟିକର ସମ୍ବେଦନଶୀଳ କୃଷି ମାଧ୍ୟମରେ ପୁଷ୍ଟିହୀନତାକୁ ରୋକିବା ।
- ମୌଳିକ ଭିତ୍ତିଭୂମି ବିକାଶ ଇତ୍ୟାଦି ପାଇଁ ସମର୍ଥନ ।

**ଏସ୍.ଟି ଏବଂ ଏସ୍.ସି ବିଦ୍ୟାଳୟଗୁଡିକରେ ଅତିରିକ୍ତ ପାଠ୍ୟକ୍ରମ କାର୍ଯ୍ୟକ୍ରମ :** ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏବଂ ଅନ୍ୟ ଛାତ୍ରମାନଙ୍କ ସହିତ ଯୋଗାଯୋଗ କରି ଏସ୍.ଟି ଏବଂ ଏସ୍.ସି ଛାତ୍ର ଛାତ୍ରୀମାନଙ୍କ ପାଇଁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ଏବଂ ସେମାନଙ୍କ ବହିର୍ବିଭାଗ ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପକୁ ନବୀକରଣ/ଉଜ୍ଜୀବିତ କରିବା ପାଇଁ ବିଭାଗ ବିଭିନ୍ନ ମଞ୍ଚ (ପ୍ଲାଟଫର୍ମ)ଯୋଗଇବାକୁ ଯୋଜନା କରିଛି । ନିମ୍ନଲିଖିତ କାର୍ଯ୍ୟକ୍ରମ ସବୁ ଯୋଜନା କରାଯାଇଛି ।

- କେବିକେ ଜିଲ୍ଲାର ନୋଡାଲ ସ୍କୁଲରେ ତୀରନ୍ଦାଜ ତାଲିମ କେନ୍ଦ୍ରର ପ୍ରୋତ୍ସାହନ (ଉତ୍ସବ୍ୟକ୍ତି/ତାଲିମ ଦାତାଙ୍କୁ ଦରମା ପ୍ରଦାନ ଏବଂ କ୍ରୀଡା କିଟ୍‌ର ବ୍ୟବସ୍ଥା)
- କ୍ରୀଡା ଏବଂ ଖେଳର ପ୍ରୋତ୍ସାହନ ଏବଂ ବିଦ୍ୟାଳୟ ଏବଂ ଜିଲ୍ଲା ସ୍ତରୀୟ ପ୍ରତିଯୋଗତାରେ ଅଂଶଗ୍ରହଣ ।
- ଉଚ୍ଚ ବିଦ୍ୟାଳୟରେ ଏନସିସି, ସ୍କାଉଟ୍ ଏବଂ ରେଡ୍ କ୍ରସ ନିୟୋଜନ ।
- ବିଦ୍ୟାଳୟ ସ୍ତରୀୟ, ଜୋନାଲ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଏବଂ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ।
- ଏସ୍.ଟି ଏବଂ ଏସ୍.ସି ବିଭାଗ ଅଧିନରେ ଥିବା ହାଇସ୍କୁଲ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକର ନବମ ରୁ ଦ୍ୱାଦଶ ଶ୍ରେଣୀର ଏସ୍.ଟି ଏବଂ ଏସ୍.ସି ଛାତ୍ରଛାତ୍ରୀମାନଙ୍କୁ ମାଗଣା ୟୁନିଫର୍ମ ଯୋଗାଣ ।
- ତାଲିମ୍/ପ୍ରଶିକ୍ଷଣ ଇତ୍ୟାଦି ।

**ଶିକ୍ଷା ଅନୁଷ୍ଠାନ ଏବଂ ହଷ୍ଟେଲଗୁଡିକରେ ସେବିକା ଓ ଏ.ଏନ୍.ଏମ୍. (ANM) ଙ୍କୁ ନିଯୁକ୍ତି :** ଏହି ଯୋଜନା ଅଧିନରେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗରେ ୩୩୬ଟି ଏ.ଏନ୍.ଏମ୍ ପଦବୀର ସୃଷ୍ଟି କରାଯାଇଛି । ଏହି ଏ.ଏନ୍.ଏମ୍. ମାନେ ସି.ଡି.ଏମ୍.ଓ ଙ୍କ ଦ୍ୱାରା ନିଯୁକ୍ତି ପାଇଅଛନ୍ତି । ବହୁସଂଖ୍ୟାରେ ଏସ୍.ଟି ଏବଂ ଏସ୍.ସି ଛାତ୍ରଛାତ୍ରୀମାନେ ରହୁଥିବା ହଷ୍ଟେଲରେ ସ୍ୱାସ୍ଥ୍ୟ-ଯତ୍ନ, ପରିମଳ ଏବଂ ସ୍ୱଚ୍ଛତା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ସବୁର ଦେଖାଶୁଣା କରିବା ନିମନ୍ତେ, ନିଯୁକ୍ତି ପାଇବା ପରେ ଏହି ଏ.ଏନ୍.ଏମ୍ ମାନଙ୍କୁ ଏସ୍.ଟି ଏବଂ ଏସ୍.ସି ବିକାଶ ବିଭାଗକୁ ପଠାଇଦିଆଯାଇଛି ।

**ସହରୀ ଛାତ୍ରବାସ କମ୍ପ୍ଲେକ୍ସ ର କାର୍ଯ୍ୟକାରିତା :** ଭୁବନେଶ୍ୱରରେ ମେଗା ସହରୀ ହଷ୍ଟେଲ କମ୍ପ୍ଲେକ୍ସ ସ୍ଥାପନ କରାଯାଇଛି ଯେଉଁଠାରେ ଏସ୍.ଟି ଏବଂ ଏସ୍.ସି ଛାତ୍ର ଛାତ୍ରୀମାନେ ସେମାନଙ୍କର ଅଧ୍ୟୟନ ଜାରିରଖରବା ନିମନ୍ତେ ହଷ୍ଟେଲର ସୁବିଧା ସହିତ ଅନ୍ୟ ସମସ୍ତ ଆବଶ୍ୟକୀୟ ଭିତ୍ତିଭୂମିର ସୁବିଧା ମଧ୍ୟ ପାଇପାରିବେ ।

**ଆଶ୍ରମ ବିଦ୍ୟାଳୟଗୁଡିକୁ ସହାୟତା :** ଏସ୍.ଟି ଛାତ୍ରଛାତ୍ରୀମାନଙ୍କ ଉପଯୁକ୍ତ ଶିକ୍ଷା ପାଇଁ ପ୍ରତିଷ୍ଠିତ ଆବାସିକ ସୁବିଧା ଥିବା ଆଶ୍ରମ ବିଦ୍ୟାଳୟଗୁଡ଼ିକୁ ଆଦିବାସୀ ଉନ୍ନୟନ ବିଭାଗ ସାହାଯ୍ୟ ପ୍ରଦାନ କରେ ।

**ଆଦିବାସୀ ସଂସ୍କୃତି ଏବଂ ହସ୍ତଶିଳ୍ପର ସଂରକ୍ଷଣ ଏବଂ ପ୍ରୋତ୍ସାହନ :** ଏହି ଯୋଜନା ଅଧୀନରେ ନିଆଯାଇଥିବା ଏକ ବିଶେଷ କାର୍ଯ୍ୟକ୍ରମ ହେଉଛି ଓଡିଆ ଏବଂ ଆଦିବାସୀ ଭାଷାରେ ସ୍ୱତନ୍ତ୍ର ଦ୍ୱିଭାଷୀ ପ୍ରାଥମିକ ପ୍ରକାଶନ । ବିଭାଗ ଦ୍ୱାରା ଆଦିବାସୀ ଉପଭାଷା ଏବଂ ସଂସ୍କୃତିର ଏକାଡେମୀକୁ ଏହାର କାର୍ଯ୍ୟକ୍ରମଗୁଡିକର ପରିଚାଳନା ପାଇଁ ତଥା ବିଶେଷ ପ୍ରାଥମିକ ଗୁଡିକ ଏବଂ ଆଦିବାସୀ ମେଳା/ସରଗିଫୁଲ ଇତ୍ୟାଦିର ପ୍ରକାଶନ ଖର୍ଚ୍ଚ ନିମନ୍ତେ ଆର୍ଥିକ ସହାୟତା (ଗ୍ରାଣ୍ଟ-ଇନ୍-ଏଡ୍ )ପ୍ରଦାନ କରାଯାଏ ।

**ଆଦିବାସୀ ଉତ୍ପାଦ/ଉତ୍ପାଦନ ଗୁଡିକର ବିକାଶ ଏବଂ ବଜାରୀକରଣ (ମାର୍କେଟିଂ) :** ଓଡିଶା ଆଦିବାସୀ ବିକାଶ ସମବାୟ ନିଗମ ଲିମିଟେଡ୍ ଏସ୍.ଟି ଓ ଏସ୍.ସି ବିକାଶ ବିଭାଗ ଅଧୀନରେ ଥିବା ଏକ ଆପେକ୍ସ କୋ-ଅପରେଟିଭ୍ ଅଟେ । ଆଦିବାସୀ ଉତ୍ପାଦନର ବିକ୍ରୟକୁ ସୁଗମ କରିବା ତଥା ପ୍ରାଥମିକ ଉତ୍ପାଦକ/ସଂଗ୍ରହକାରୀଙ୍କ ନିମନ୍ତେ ଉଚିତ୍ ମୂଲ୍ୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ନିଗମ ୧୯୬୭ରୁ କାର୍ଯ୍ୟ କରୁଛି । ଓଡିଶା ଆଦିବାସୀ ବିକାଶ ସମବାୟ ନିଗମ ଲିମିଟେଡ୍ ମାଧ୍ୟମରେ ଆଦିବାସୀ ଉତ୍ପାଦ/ଉତ୍ପାଦନ ଯଥା, ଧାତୁ ଶିଳ୍ପ, ଆଦିବାସୀ ବସ୍ତ୍ର, ଆଦିବାସୀ ଅଳଙ୍କାର, ଆଦିବାସୀ ଚିତ୍ର, ଲଙ୍ଗପି କୁମ୍ଭାର, ବେତ ଏବଂ ବାଉଁଶ ଶିଳ୍ପ ସାମଗ୍ରୀ, ଉପହାର ଏବଂ ଉପନ୍ୟାସ, ଜୈବିକ ଓ ପ୍ରାକୃତିକ ଦ୍ରବ୍ୟ ଏବଂ ଅଣ କାଠ ଜଙ୍ଗଲ ଉତ୍ପାଦନ ଇତ୍ୟାଦି ବଜାରିତ ହୁଏ ।

**କୋଣ୍ଡା ରେଡ୍ଡୀ ସମ୍ପ୍ରଦାୟ ନିମନ୍ତେ ଆବସିକ ଶିକ୍ଷା :** କୋଣ୍ଡା ରେଡ୍ଡୀ ସମ୍ପ୍ରଦାୟ ମୁଖ୍ୟତ ଉତ୍ତମ ଗମନାଗମନ ନଥିବା ତଥା ମୁଖ୍ୟ ସ୍ରୋତରୁ ବାହାରେ ଥିବା ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ବସବାସକରନ୍ତି । ପାରମ୍ପରିକ ଭାବେ, ସେମାନେ ପୋଡୁଚାଷ କରୁଥିଲେ ଏବଂ ନିକଟରେ ସେମାନଙ୍କ ମଧ୍ୟରୁ କେତେକ ସ୍ଥାୟୀ କୃଷି ଏବଂ ଉଦ୍ୟାନ କୃଷି ଗ୍ରହଣ କରିଛନ୍ତି । ଅଣ କାଠ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଏବଂ ଟୋକେଇ ତିଆରି ସେମାନଙ୍କ ଜବିକାର ମୁଖ୍ୟ ଉତ୍ସକୁ ସହାୟକ ହୁଏ । କୋଣ୍ଡା ରେଡ୍ଡୀ ସମ୍ପ୍ରଦାୟକୁ ଆବାସିକ ଶିକ୍ଷା ଯୋଗାଇବା ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ବୀଭାଗ ତରଫରୁ ବିଭିନ୍ନ ସହାୟତାର ଯୋଜନା କରାଯାଇଛି ।

**ଓଡ଼ିଶା ଆଦିବାସୀ ସଶକ୍ତୀକରଣ ଏବଂ ଜୀବିକା କାର୍ଯ୍ୟକ୍ରମ (ପ୍ରୋଗାମ୍) :** ଓ.ଟି.ଇ.ଏଲ୍.ପି. ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଜୀବିକା ସହାୟତା ଏବଂ ଖାଦ୍ୟ ନିରାପତ୍ତା ମାଧ୍ୟମରେ ଦୁର୍ଗମ ଅଞ୍ଚଳରେ ବସବାସକରୁଥିବା ଗରିବ ଆଦିବାସୀ ପରିବାରମାନଙ୍କର ଜୀବନଶୈଳୀରେ ଉନ୍ନତି ଆଣିବା । ଏହି କାର୍ଯ୍ୟକ୍ରମ ମୁଖ୍ୟତ ସେମାନଙ୍କର ପ୍ରାକୃତିକ ସମ୍ପଦ ଏବଂ ନିଜସ୍ୱ ଦକ୍ଷତା ଉପରେ ଆଧାର କରି ଗରିବ ଆଦିବାସୀମାନଙ୍କ ଜୀବିକାର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ । ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଥିବା ଅଞ୍ଚଳରେ ବସବାସକରୁଥିବା ଗରିବ ଆଦିବାସୀ ସମ୍ପ୍ରଦାୟ ସେମାନଙ୍କର ମୁଖ୍ୟ ଜୀବିକାର ସ୍ରୋତ ହିସାବରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ନିର୍ଭର କରିଥାନ୍ତି, ଯେପରି ଦିନ ମଜୁରୀ, କୃଷି, ଜଙ୍ଗଲ ଉତ୍ପାଦ ବିକ୍ରୟ, ସ୍ଥାନାନ୍ତରଣ ଇତ୍ୟାଦି ।

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପ୍ରାକୃତିକ ସମ୍ପଦ ଗୁଡ଼ିକର ଅଧିକ ଦକ୍ଷ, ସମାନ୍ତରାଳ, ସ୍ୱ-ପରିଚାଳିତ, ତଥା ସଠିକ୍ ସଂରକ୍ଷଣ ଓ ପରିଚାଳନା କରିବା ଏବଂ ଅଫ୍ ଫାର୍ମ/ଅଣଫାର୍ମ ଉଦ୍ୟୋଗ ବିକାଶ ମାଧ୍ୟମରେ ଗରିବ ଆଦିବାସୀ ପରିବାରର ଜୀବିକା ଏବଂ ଖାଦ୍ୟ ନିରାପତ୍ତାର ନିରନ୍ତର ଉନ୍ନତି ଆଣିବା । ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ୫ଟି ଜିଲ୍ଲା (ରାୟଗଡା, ମାଲକାନଗିରି, କେଉଁଝର, ସୁନ୍ଦରଗଡ ଏବଂ ସମ୍ବଲପୁର) ଅନ୍ତର୍ଗତ ୬ଟି ଆଇ.ଟି.ଡି.ଏର ୩୧୦ ଟି କ୍ଷୁଦ୍ର ଜଳଛାୟା ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଅଛି ।

**ଏସ୍.ଟି ଏବଂ ଏସ୍.ସି ଛାତ୍ରଛାତ୍ରୀମାନଙ୍କୁ  ଜାତୀୟ ସ୍ତରର ଅନୁଷ୍ଠାନ/କଲେଜଗୁଡ଼ିକରେ ତଥା ରାଜ୍ୟ ସ୍ତରର ସରକାରୀ ଅନୁଷ୍ଠାନ/କଲେଜ ଗୁଡ଼ିକରେ ଅଧ୍ୟୟନ ପାଇଁ ଆର୍ଥିକ ସହାୟତା :** ଜନଜାତି ଛାତ୍ରଛାତ୍ରୀମନାଙ୍କ ପାଇଁ ଜାତୀୟ ସ୍ତରର ସଂସ୍ଥା/କଲେଜ ଗୁଡ଼ିକରେ ସେମାନଙ୍କର ଅଧ୍ୟୟନ ଜାରି ରଖିବା ପାଇଁ ବିଭାଗ ତରଫରୁ ମାଟ୍ରିକ୍ ପରର ଛାତ୍ରବୃତ୍ତି ପ୍ରଦାନ କରାଯାଏ ।

**ଶିକ୍ଷା ପରିଚାଳନା ୟୁନିଟ୍ ସ୍ଥାପନା - ଅନ୍ୟାନ୍ୟ ଖର୍ଚ୍ଚ :** ଏସ୍.ଟି ଓ ଏସ୍.ସି ସମ୍ପ୍ରଦାୟ ତଥା ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ଯୋଗାଇବା ନିମନ୍ତେ ବିଭାଗ ତରଫରୁ ମୋଟ୍ ୧୭୩୮ ଗୋଟି ଶିକ୍ଷାନୁଷ୍ଠାନ ଚଳାଯାଇଥାଏ । ବିଭାଗ ଦ୍ୱାରା ପରିଚାଳିତ ଅଧିକାଂଶ ବିଦ୍ୟାଳୟରେ ଆବାସିକ/ହଷ୍ଟେଲର ବ୍ୟବସ୍ଥା ଅଛି । ବୀଭାଗ ତରଫରୁ ଆବାସିକ ବିଦ୍ୟାଳୟରେ ରହୁଥିବା ଛାତ୍ରଛାତ୍ରୀମାନଙ୍କର ବିଶେଷ କରି ବାଳିକାମାନଙ୍କର କଲ୍ୟାଣ ଏବଂ ନିରାପତ୍ତା ନିଶ୍ଚିତ କରିବା ପ୍ରତି ବିଭାଗ ପ୍ରଥମିକତା ଦେଉଅଛି ।

ସମୁଦାୟ ୪.୨୪ଲକ୍ଷରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ଆବାସିକ ସୁବିଧା ଯୋଗାଇଦେବା ନିମନ୍ତେ ମୋଟ୍ ୭୨୮୮ ଗୋଟି ହଷ୍ଟେଲର ନିର୍ମାଣ ପାଇଁ ଅନୁମୋଦିତ ହୋଇଛି ଯେଉଁଥିରୁ  ବର୍ତ୍ତମାନ ୫୫୬୮ ରୁ ଅଧିକ ହଷ୍ଟେଲ କାର୍ଯ୍ୟରତ ଅଛି ଏବଂ ରାଜ୍ୟ ବିଭାଗ ଦ୍ୱାରା ପରିଚାଳିତ ହେଉଛି ।

**ବୋର୍ଡିଂ ସ୍କୁଲ୍‌ର ଛାତ୍ର/ଛାତ୍ରୀଙ୍କର ପରବର୍ତ୍ତୀ ନିକଟ ସମ୍ପର୍କୀୟଙ୍କୁ ନଗଦ କ୍ଷତିପୂରଣ ଦେବା :** ବୋର୍ଡିଂ ସ୍କୁଲ୍‌ର ଛାତ୍ର/ଛାତ୍ରୀଙ୍କର ଦୁର୍ଘଟଣାଜନିତ/ଦୁର୍ଭାଗ୍ୟଜନକ ଘଟଣାରେ ମୃତ୍ୟୁ ହେଲେ ତାଙ୍କର ପରବର୍ତ୍ତୀ କିକଟ ସମ୍ପର୍କୀୟ କୁ ବିଭାଗ ଦ୍ୱାରା ଅନୁମୋଦିତ ହାରରେ ନଗଦ କ୍ଷତିପୂରଣ ଦେବା ନିମନ୍ତେ ବିଭାଗ ସ୍ଥିର କରିଛି ।

**ସୈନିକ ସ୍କୁଲ୍ ରେ ଅଧ୍ୟୟନ କରୁଥିବା ଛାତ୍ର/ଛାତ୍ରୀଙ୍କର ଟିଉସନ୍ ଫି ଛାଡ :** ସୈନିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଏସ୍.ଟି/ଏସ୍.ସି ଛାତ୍ରଛାତ୍ରୀମାନଙ୍କୁ ବିଭାଗ ତରଫରୁ ସ୍ୱତନ୍ତ୍ର ମେରିଟ୍ ସ୍କଲାରସିପ୍ ପ୍ରଦାନ କରାଯାଇଥାଏ । ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କିତ ନିୟମାବଳୀର ସବିଶେଷ ବିବରଣୀ ଏହି ବିଭାଗର ରିଜୋଲ୍ୟୁସନ୍ ନଂ ୧୨୩୮୮ (ତା. ୧୫/୦୪/୨୦୨୧ ରିଖ)ରେ ଧାର୍ଯ୍ୟ କରାଯାଇଛି ।

**ନବମ ଏବଂ ଦଶମ ଶ୍ରେଣୀର ଏସ୍.ଟି/ଏସ୍.ସି ଛାତ୍ରଛାତ୍ରୀମାନଙ୍କୁ ଲେଖା ସାମଗ୍ରୀ, ଏଚ୍.ଏସ୍.ସି ପରୀକ୍ଷା ଦେୟ ଏବଂ ପାଠ୍ୟ ପୁସ୍ତକ ଯୋଗାଣ ଇତ୍ୟାଦି ସହାୟତା :** ସମସ୍ତ ଏସ୍.ଏସ୍.ଡି ବିଦ୍ୟାଳୟ ଗୁଡ଼ିକର ଏସ୍.ଟି/ଏସ୍.ସି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଅଧ୍ୟୟନରେ ସହାୟତା କରିବା ନିମନ୍ତେ ବିଭାଗ ତରଫରୁ ପାଠ୍ୟ ପୁସ୍ତକ, ନାମଲେଖା, ଦେୟ, ପରୀକ୍ଷା ଦେୟ (ଫି), ପଢିବା/ଲେଖିବା ସାମଗ୍ରୀ ଯୋଗାଇ ଦିଆଯାଏ ।

**ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପଢୁଥିବା ବିଜ୍ଞାନ ଏବଂ ବାଣିଜ୍ୟ ଛାତ୍ରମାନଙ୍କ ପାଇଁ ପାଠ୍ୟ ପୁସ୍ତକ ପ୍ରଦାନ :** ସମସ୍ତ ଏସ୍.ଏସ୍.ଡି ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ ବିଜ୍ଞାନ ଏବଂ ବାଣିଜ୍ୟ ଅଧ୍ୟୟନ କରୁଥିବା ଏସ୍.ଟି/ଏସ୍.ସି ଛାତ୍ରଛାତ୍ରୀମାନଙ୍କ ସହାୟତା ନିମନ୍ତେ ଆବଶ୍ୟକୀୟ ପାଠ୍ୟ ପୁସ୍ତକ ବିଭାଗ ଦ୍ୱାରା ପ୍ରଦାନ କରାଯାଉଛି ।

**ଓଡିଶା ବାଳିକା ଉତ୍ସାହ କାର୍ଯ୍ୟକ୍ରମ ମାଧ୍ୟମରେ ଏସ୍.ଟି ଛାତ୍ରୀମାନଙ୍କୁ ପ୍ରି-ମ୍ୟାଟ୍ରିକ୍ ସ୍କଲାରସିପ୍ ପ୍ରଦାନ :** "ଓଡିଶା ବାଳିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ" ହେଉଛି ଏକ ରାଜ୍ୟ କ୍ଷେତ୍ର ଯୋଜନା । ଏହି ଯୋଜନା ମାଧ୍ୟମରେ ନବମ ଏବଂ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଏସ୍.ଟି/ଏସ୍.ସି ଛାତ୍ରୀ ମାନଙ୍କୁ ଅଧିକ ନାମଲେଖା ଏବଂ ଡ୍ରପ୍‌ଆଉଟ୍ ହାର ହ୍ରାସ ପାଇଁ ଦିଆଯାଉଥିବା ନିୟମିତ ସହାୟତା ରାଶିଠାରୁ ବାର୍ଷିକ ଅଧିକ ଡ୫୦ ଟଙ୍କା ପ୍ରଦାନ କରାଯାଏ ।

ପ୍ରଥମେ ଏହି ଯୋଜନା ଡି.ଏଫ୍.ଆଇ.ଡି ସହାୟତାରେ ୨୦୧୩ରୁ ୨୯୧୬ ପର୍ଯ୍ୟନ୍ତ ଜାରି ରହିଲା ଏବଂ ଏହାପରେ ରାଜ୍ୟ ଯୋଜନା ତରଫରୁ ଏହା ୨୦୧୬-୧୭ ରୁ ୨୦୨୦-୨୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଗଲା । ଏହି କାର୍ଯ୍ୟକ୍ରମ ନିମନ୍ତେ ଆର୍ଥିକ ବର୍ଷ ୨୦୨୩-୨୪ରେ "ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ" ଯୋଜନା ଅଧୀନରେ ପାଣ୍ଠିର ବ୍ୟବସ୍ଥା କରାଯାଇଅଛି ।

**ଅନୁସୂଚିତ ଜନଜାତିମାନଙ୍କ ଜୀବିକା ଏବଂ ଆୟ ଉତ୍ପାଦନ କାର୍ଯ୍ୟକ୍ରମ :** ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଜୀବିକା ପ୍ରୋତ୍ସାହନ ପାଇଁ ଓଡିଶା ସରକାର ବର୍ତ୍ତମାନ ଜୀବିକା କ୍ଲଷ୍ଟର ମଡେଲକୁ ଅନୁସରଣ କରୁଛନ୍ତି ଯାହାକି ବର୍ଷ-୨୦୧୯-୨୦୨୦ ସମୟରେ ବ୍ୟକ୍ତିଗତ ଆଦିବାସୀ ହିତାଧିକାରୀ/ଏସ୍.ଏଚ.ଜି ସଦସ୍ୟଙ୍କୁ ଜୀବିକା ପ୍ରୋତ୍ସାହନ ନିମନ୍ତେ ସମୁଦାୟ/ଗୋଷ୍ଠୀ ସ୍ତରର ସମ୍ପତ୍ତି ସୃଷ୍ଟି ପାଇଁ ସହାୟତା କରିବା ପାଇଁ ଚିନ୍ତା କରାଯାଇଥିଲା । ସମସ୍ତ ୨୨ଟି ଇଣ୍ଟିଗ୍ରେଟେଡ୍ ଆଦିବାସୀ ବିକାଶ ଏଜେନ୍ସି (ଆଇ.ଟି.ଡି.ଏ)ରେ ଏହି କାର୍ଯକ୍ରମ କାର୍ଯ୍ୟକାରୀ ହେଉଛି । ମିଶନ୍ ଜୀବିକା କାର୍ଯ୍ୟକ୍ରମ ଆଦିବାସୀ ବ୍ୟାପାର ମନ୍ତ୍ରାଣଳୟର ଆଦିବାସୀ ଉପ-ଯୋଜନା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ବାବଦକୁ ପ୍ରାପ୍ତ ପାଣ୍ଠି ବ୍ୟବହାରକରି ତଥା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍, ଜାତୀୟ ଉଦ୍ୟାନ କୃଷି ମିଶନ୍, ରାଷ୍ଟ୍ରିୟ କୃଷି ବିକାଶ ଯୋଜନା, କୃଷି ଉତ୍ପାଦନ କ୍ଲଷ୍ଟର ଇତ୍ୟାଦି ଯୋଜନା ସହ ସମନ୍ୱୟ ରଖି କାର୍ଯ୍ୟକାରୀ କରାଯାଥାଏ । ଏହି ପଦକ୍ଷେପ ଅନୁଯାୟୀ, ପ୍ରତ୍ୟେକ ସମନ୍ୱିତ ଆଦିବାସୀ ବିକାଶ ଏଜେନ୍ସି (ଆଇ.ଟି.ଡି.ଏ) ଅନ୍ତର୍ଗତ କେବଳ କ୍ଲଷ୍ଟର ଅଞ୍ଚଳରେ କିଛି ବଛା ବଛା କାର୍ଯ୍ୟକ୍ରମ ନିମନ୍ତେ ପ୍ରୋତ୍ସାହନ ଦିଆଯାଉଛି ଯାହା ଆଦିବାସୀ ସମ୍ପ୍ରଦାୟର ଅନେକ ଆନୁଷଙ୍ଗିକ ଓ ସହାୟତା ସେବା ସହିତ ସାମଗ୍ରିକ ଜୀବିକା ବିକାଶରେ ଆଗଭର କରାଉଛି ।

ଅନୁସୂଚିତ ଜନଜାତି ସମ୍ପ୍ରଦାୟର ହିତାଧିକାରୀ ମାନଙ୍କୁ ନେଇ ଫାର୍ମ ଭିତ୍ତିକ କ୍ଲଷ୍ଟର ପାଇଁ ସର୍ବନିମ୍ନ ୫୦ ଏକର ଏବଂ ଅଫ୍ -ଫାର୍ମ କ୍ଲଷ୍ଟର ପାଇଁ ସର୍ବନିମ୍ନ ୧୦୦ ହିତାଧିକାରୀଙ୍କୁ ନେଇ ସଂଲଗ୍ନ ପ୍ୟାଚରେ ବଜାର-ଲିଙ୍କ ଉତ୍ପାଦନ ବୃଦ୍ଧିର ବ୍ୟବସ୍ଥା କରାଯାଇଛି । କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ଅଧୀନରେ ପ୍ରାଥମିକତା ଭିତ୍ତିରେ ବିକାଶ ପାଇଁ କେତେକ ସୂଚକ କ୍ଷେତ୍ରଗୁଡିକ ହେଉଛି -

(୧) କୃଷି ଏବଂ କୃଷି ସମ୍ବନ୍ଧିତ ଅନ୍ୟାନ୍ୟ (ମାଛ ଚାଷ, ମହୁ ମାଛି ପାଳନ ଇତ୍ୟାଦି) କାର୍ଯ୍ୟକ୍ରମ

(୨) ପଶୁ (ଛେଳି ଓ କୁକୁଡା ଇତ୍ୟାଦି) ପାଳନ

(୩) ପ୍ରକ୍ରିୟାକରଣ ଏବଂ ବଜାରୀକରଣ (ମାର୍କେଟିଂ)

(୪) ଗ୍ରାମାଞ୍ଚଳର କ୍ଷୁଦ୍ର ଏବଂ କୁଟୀର ଶିଳ୍ପ ଉଦ୍ୟୋଗ, ଏବଂ

(୫) ହସ୍ତଶିଳ୍ପ ଏବଂ ହସ୍ତତନ୍ତ ପରି ପାରମ୍ପରିକ କଳା ।

୨୦୨୩ ମସିହାରେ ଓଡିଶା ସରକାର ଆଦିବାସୀ ବିକାଶ ତଥା ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟର ଜୀବିକା ବୃଦ୍ଧିର ଲକ୍ଷ୍ୟ ନେଇ ରାଜ୍ୟର ସମ୍ପୂର୍ଣ୍ଣ ନିଜସ୍ୱ ପାଣ୍ଠି ଅଧୀନରେ "ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍" କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମ, ଦେଶର ଏକ ବୃହତ ସ୍ୱତନ୍ତ୍ର ଆଦିବାସୀ ଜୀବିକା ପ୍ରୋତ୍ସାହନ ପଦକ୍ଷେପ ଭାବରେ ରାଜ୍ୟ ବଜେଟ୍ ଅଧୀନରେ ଅନୁଦାନ ପ୍ରାପ୍ତ ହୋଇଛି ଯାହା ଜୀବିକା କ୍ଲଷ୍ଟର ମଡେଲ ସହ ସମାନ ଭାବରେ କାର୍ଯ୍ୟକାରୀ ହେଉଛି । ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମ ମାଧ୍ୟମରେ ବିଭାଗ ଓଡିଶାରେ ଆଦିବାସୀ ସମ୍ପ୍ରଦାୟର ନିରନ୍ତର ଜୀବିକା ନିର୍ବାହ, ସେମାନଙ୍କ ଅନ୍ତର୍ଭୂକ୍ତିକୁ ପ୍ରୋତ୍ସାହିତ କରିବା ତଥା ସେମାନଙ୍କୁ ସଶକ୍ତ କରିବାକୁ ଆଶା ରଖିଛି ।

**ଓଡିଶାରେ ଜଙ୍ଗଲ ଅଧିକାର ଆଇନ୍, ୨୦୦୬ର କାର୍ଯ୍ୟାନ୍ୱୟନ (ମୋ ଜଙ୍ଗଲ ଜମି ଯୋଜନା):** ଓଡିଶା ସରକାର "ମୋ ଜଙ୍ଗଲ ଜମି ଯୋଜନା" ଜରିଆରେ, ଜଙ୍ଗଲ ଅଧିକାର ଆଇନ୍, ୨୦୦୬ର ସଫଳ କାର୍ଯ୍ୟକାରିତା ନିମନ୍ତେ ଆଇ.ଏଫ୍.ଆର୍., ସି.ଏଫ୍.ଆର୍. (ସି.ଆର୍ ଓ ସି.ଏଫ୍.ଆର୍), ହାବିଟାଟ୍ ଅଧିକାର ଏବଂ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମକୁ ରୂପାନ୍ତର କରିବା ଭଳି ଜଙ୍ଗଲ ଅଧିକାର ଗୁଡିକୁ ପରିପୂର୍ଣ୍ଣତା ଆଧାରରେ ସ୍ୱୀକୃତି ପ୍ରଦାନର ଲକ୍ଷ୍ୟ ରଖିଛନ୍ତି । ମୋ ଜଙ୍ଗଲ ଜମି ଯୋଜନା ଅଧୀନରେ, ଜଙ୍ଗଲ ଅଧିକାର ଆଇନ୍, ୨୦୦୬ର ସଫଳ କାର୍ଯ୍ୟକାରିତାର ସୁନିଶ୍ଚିତ କରିବା ତଥା ଗ୍ରାମସଭା ଗୁଡିକୁ ସହାୟତା କରିବା ନିମନ୍ତେ ତହସିଲ ଏବଂ ଜିଲ୍ଲା ସ୍ତରରେ ବନ ଅଧିକାର କକ୍ଷ (ଏଫ୍.ଆର୍.ଏ.ସେଲ୍) ଗଠନ କରାଯାଇ ବୃତ୍ତିଗତ ମାନବ ସମ୍ବଳର ନିଯୁକ୍ତି କରାଯାଇଅଛି ।

"ମୋ ଜଙ୍ଗଲ ଜମି ଯୋଜନା" ଅଧିନରେ , ଜଙ୍ଗଲ ଅଧିକାରଗୁଡିକୁ ସ୍ୱୀକୃତି ଦେବା ସହିତ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଧିକାରଧାରୀ ବ୍ୟକ୍ତି ବିଶେଷ ଏବଂ ଗ୍ରାମସଭାମାନଙ୍କର ରେକର୍ଡ ଏବଂ ମାନଚିତ୍ର ସଂଶୋଧନ, ଆଇ.ଏଫ୍.ଆର୍ ଜମିର ବିକାଶ ଏବଂ ଏହାର ବ୍ୟବହାର, ଗୋଷ୍ଠୀ ଜଙ୍ଗଲ ସମ୍ବଳର ସଂରକ୍ଷଣ ଓ ପରିଚାଳନା ଇତ୍ୟାଦି ପରି ଅଧିକାର ସ୍ୱୀକୃତିର ପରବର୍ତ୍ତୀ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

**ଅଣ କାଠ ଜଙ୍ଗଲ ଉତ୍ପାଦନ ଗୁଡିକର ବଜାରୀକରଣ (ମାର୍କେଟିଂ) ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ :** ଜଙ୍ଗଲ ଉତ୍ପାଦନ ଗୁଡିକର ମୂଲ୍ୟ ଶୃଙ୍ଖଳାର ବିକାଶ ପାଇଁ ତଥା ଅଣ କାଠ ଜଙ୍ଗଲ ଉତ୍ପାଦନ ସଂଗ୍ରହକାରୀ ବିଶେଷକରି ଆଦିବାସୀ ମାନେ କିପରି ସେମାନେ ସଂଗ୍ରହ କରିଥିବା ଜଙ୍ଗଲ ଉପଜ ଗୁଡିକର ଉପଯୁକ୍ତ ମୂଲ୍ୟ ପାଇପାରିବେ ସେଥି ନିମନ୍ତେ ବିଭାଗ ତରଫରୁ ଅଣ କାଠ ଜଙ୍ଗଲ ଉତ୍ପାଦନ ଗୁଡିକର ସର୍ବନିମ୍ନ ସହାୟତା ମୂଲ୍ୟ (ଏମ.ଏସ୍.ପି) ଧାର୍ଯ୍ୟ କରାଯାଇ ସେଥି ସମ୍ପର୍କିତ କାର୍ଯ୍ୟ ପନ୍ଥା ସ୍ଥିର କରାଯାଇଅଛି ।

## ୨.୨ ଅନୁସୂଚିତ ଜନଜାତିଙ୍କ ପାଇଁ କେନ୍ଦ୍ରୀୟ ସେକ୍ଟର ସ୍କିମ୍ ଅଧୀନରେ ଥିବା କାର୍ଯ୍ୟକ୍ରମ :

**ଭିତ୍ତିଭୂମି ସୃଷ୍ଟି, ମଡେଲ ସ୍କୁଲ ଗୁଡିକର ପ୍ରତିଷ୍ଠା ଏବଂ ଏକଲବ୍ୟ ମଡେଲ୍ ଆବସିକ ବିଦ୍ୟାଳୟଗୁଡ଼ିକୁ ଅନୁଦାନ :** ଭାରତ ସରକାରଙ୍କର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସମ୍ବିଧାନର ଧାରା ୨୭୫ (ଆଇ) ର ପ୍ରଥମ ପ୍ରୋଭିଜୋକୁ ଭିତ୍ତିକରି ସମସ୍ତ ଟି.ଏସ୍.ପି କ୍ଷେତ୍ରରେ ମଡେଲ୍ ସ୍କୁଲ ପ୍ରତିଷ୍ଠା ନିମନ୍ତେ ଭିତ୍ତିଭୂମି ସୃଷ୍ଟି ପାଇଁ ଅନୁଦାନ/ସହାୟତା ପ୍ରଦାନ କରେ । ଏହି ଯୋଜନା ଅନୁଯାୟୀ ଆର୍ଥିକ ବର୍ଷ ୨୦୨୩-୨୪ରେ ଟି.ଏସ୍.ପି ଅଞ୍ଚଳରେ ଭିତ୍ତିଭୂମି ସୃଷ୍ଟି ଏବଂ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟଗୁଡ଼ିକୁ ଅନୁଦାନ/ସହାୟତା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଇଅଛି ।

**ବିଶେଷ ଭାବରେ ଦୁର୍ବଳ ଆଦିବାସୀ ଗୋଷ୍ଠୀଗୁଡ଼ିକର ବିକାଶ :** ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଣଳୟ, ଓଡିଶାର ସମସ୍ତ ୧୩ଟି ପି.ଭି.ଟି.ଜି ସମ୍ପ୍ରଦାୟର ସାମାଜିକ ଓ ଆର୍ଥିକ ବିକାଶ ନିମନ୍ତେ ରାଜ୍ୟକୁ  ପାଣ୍ଠି ଯୋଗାଏ । ଏହି ଯୋଜନା ଅଧୀନରେ ୧୭ଟି କ୍ଷୁଦ୍ର ପ୍ରକଳ୍ପ (ମାଇକ୍ରୋ ପ୍ରୋଜେକ୍ଟ)ରେ ପାଣ୍ଠି ବ୍ୟବହାର କରାଯାଇଛି ଯେଉଁଠାରେ ବର୍ତ୍ତମାନ ଓପେଲିପି କାର୍ଯ୍ୟକାରୀ ହେଉଛି ।  SCSTRTI ଦ୍ୱାରା କରାଯାଇଥିବା ବେସ୍-ଲାଇନ୍ ସର୍ବେକ୍ଷଣର ଆଧାରରେ ଚିହ୍ନଟ ହୋଇଥିବା ସମସ୍ୟା ଯେପରିକି କୃଷି-ଜଳବାୟୁ ଭିତ୍ତିକ କୃଷି ଏବଂ ଉଦ୍ୟାନ କୃଷି ବିକାଶ, ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ଆବଶ୍ୟକତା ତଥା ଆର୍ଥିକ ଏବଂ ସାମାଜିକ ଭିତ୍ତିଭୂମିର ଅଭାବ ଇତ୍ୟାଦି ଆଧାରରେ ଦୃଷ୍ଟିକୋଣ ଯୋଜନା ପ୍ରସ୍ତୁତ ହୋଇସାରିଛି ।

**ଏସ୍.ଟି ଛାତ୍ରମାନଙ୍କର ଶିକ୍ଷା (ମ୍ୟାଟ୍ରିକ ଛାତ୍ରବୃତ୍ତି) :** ବିଶେଷ କରି ପ୍ରାଥମିକ ଶିକ୍ଷା ସ୍ତରରୁ ମାଧମିକ ଶିକ୍ଷାସ୍ତରକୁ ଯିବା ସମୟରେ ଏସ୍.ଟି ଏବଂ ଏସ୍.ସି ଛାତ୍ରଛାତ୍ରୀମାନଙ୍କର ଡ୍ରପ-ଆଉଟ୍ ହାର କମ୍ କରିବା ନିମନ୍ତେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଣଳୟ, ନବମ ଏବଂ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରି-ମ୍ୟାଟ୍ରିକ୍ ଛାତ୍ରବୃତ୍ତି ଦେବା ନିମନ୍ତେ ଏକ ନୂତନ କେନ୍ଦ୍ରୀୟ ସହାୟକ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟର ଯୋଗଦାନ ମଧ୍ୟ ରହିଛି ।

**ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଯୋଜନା -** ଏସ୍.ସି.ଏ ରୁ ଟି.ଡି କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ଦ୍ୱାରା ୧୦୦% କେନ୍ଦ୍ରୀୟ ସହାୟତା ସହ "ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଯୋଜନା" ଭାବରେ ନବୀକରଣ କରାଯାଇଛି । ଏହି ଯୋଜନା ଅନ୍ତର୍ଗତ ପାଣ୍ଠି ବିଜ୍ଞପ୍ତି ପ୍ରାପ୍ତ ଆଦିବାସୀ ମାନଙ୍କ ବିକାଶ ଏବଂ କଲ୍ୟାଣ ପାଇଁ ବ୍ୟବହାର କରାଯିବ ଯେଉଁଥିରେ ଶିକ୍ଷା, ସ୍ୱାସ୍ଥ୍ୟ,କୃଷି, ଦକ୍ଷତା ବିକାଶ, ରୋଜଗାର-ଓ-ଆୟ, ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରହିଛି । ଏହି ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟର ଯୋଗଦାନ ମଧ୍ୟ ରହିଛି ।

**ନାଗରିକ ଅଧିକାର ସୁରକ୍ଷା ଅଧିନିୟମ, ୧୯୮୯ର କାର୍ଯ୍ୟକାରିତା :** ନାଗରିକ ଅଧିକାର ସୁରକ୍ଷା ଅଧିନିୟମ, ୧୯୫୫ ତଥା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ରୋକିବା) ଅଧିନିୟମ, ୧୯୮୯ ରେ ଥିବା ସମସ୍ତ ବ୍ୟବସ୍ଥାର କାର୍ଯ୍ୟକାରିତା ନିମନ୍ତେ ରାଜ୍ୟସରକାରଙ୍କୁ ବିଶେଷ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଆନ୍ତ-ଜାତି ବିବାହ କରୁଥିବା ଦମ୍ପତିଙ୍କୁ ନଗଦ ଟଙ୍କା ଆକାରରେ ପୁରସ୍କାର ତଥା ଏଥି ସମ୍ପର୍କିତ ସଚେତନତା ସୃଷ୍ଟି କାର୍ଯ୍ୟରେ ନିୟୋଜିତ ହେଉଥିବା ବେସରକାରୀ ସଂଗଠନଗୁଡ଼ିକୁ ଅନୁଦାନ ସହାୟତା ଦିଆଯାଉଅଛି । ଏହି ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟର ସମାନ ଯୋଗଦାନ ରହିଛି ।

**ଅନୁସନ୍ଧାନ-ଓ-ତାଲିମ :** ଏହି ଯୋଜନା ସମ୍ପୂର୍ଣ୍ଣ ୧୦୦% କେନ୍ଦ୍ରୀୟ ସହାୟତା ସହ ରାଜ୍ୟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଅନୁସନ୍ଧାନ ଏବଂ ତାଲିମ ପ୍ରତିଷ୍ଠାନ ଅଧୀନରେ କାର୍ଯ୍ୟକାରୀ କରାଯାଏ । ଏହି ଅନୁଷ୍ଠାନ, ଆଦିବାସୀ ସମ୍ପ୍ରଦାୟର ପରମ୍ପରା, ସଂସ୍କୃତି ଏବଂ କଳା କ୍ଷେତ୍ରରେ ତଥା ସେମାନଙ୍କର ହସ୍ତଶିଳ୍ପ ଇତ୍ୟାଦିର ଏକ ପ୍ରାଥମିକ ଅନୁସନ୍ଧାନ କେନ୍ଦ୍ର ଭାବରେ କାର୍ଯ୍ୟକରେ ଏବଂ ରାଜ୍ୟର ଆଦିବାସୀଙ୍କ ଅର୍ଥନୈତିକ ଓ ସାମାଜିକ ତଥ୍ୟର ଭଣ୍ଡାର ଅଟେ ।

ଏହି ଅନୁଷ୍ଠାନ ଏକ ଉଚ୍ଚ ଶ୍ରେଣୀର ଆଦିବାସୀ ସଂଗ୍ରାହଳୟ ପ୍ରତିଷ୍ଠା କରିଛି ଏବଂ ବର୍ତ୍ତମାନ ଏକ ଆଦିବାସୀ କଳା ଗ୍ୟାଲେରୀର ବିକାଶ ନିମନ୍ତେ କାର୍ଯ୍ୟ କରୁଛି । ଏକ ଡକ୍ୟୁମେଣ୍ଟେସନ୍ ସେଣ୍ଟର ଏବଂ ଏକ ରିସୋରସ୍ (ଉତ୍ସ) ସେଣ୍ଟର ମଧ୍ୟ ତିଆରି ଚାଲିଛି । ଏହି ଅନୁଷ୍ଠାନ ଉଭୟ ଜାତୀୟ ଏବଂ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣର ଆୟୋଜନ କରିଥାଏ ଯେଉଁଥିରେ ରାଜ୍ୟ ତଥା କେନ୍ଦ୍ରସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀଙ୍କ ପାଇଁ କାର୍ଯ୍ୟକ୍ରମ ହେଉଛି । ଜାତୀୟ ସ୍ତରର ପ୍ରଶିକ୍ଷଣ ଗୁଡିକ ଭାରତ ସରକାରଙ୍କ କର୍ମଚାରୀ ଏବଂ ତାଲିମ ବିଭାଗର ଡିଭିଜନ୍ ଏବଂ ପରିବେଶ , ଜଙ୍ଗଲ ଏବଂ ବନ୍ୟ ପ୍ରାଣୀ ବିଭାଗ ଦ୍ୱାରା ପ୍ରାୟୋଜିତ ହୋଇଥାଏ । ଅନେକ ବିଷୟ ବସ୍ତୁ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଅଟନ୍ତି ଯେପରିକି ;

(୧) ଅନୁସନ୍ଧାନ ପଦ୍ଧତି (୨) ସ୍ୱାସ୍ଥ୍ୟ ଚିନ୍ତା (୩) ଆଦିବାସୀ ବିକାଶରେ ମହିଳା ଏବଂ ଲିଙ୍ଗ ଗତ ସମସ୍ୟା (୪)ପ୍ରକଳ୍ପ ଯୋଜନା, କାର୍ଯ୍ୟକାରିତା, ନିରୀକ୍ଷଣ ଏବଂ ମୂଲ୍ୟାଙ୍କନ (୫) ଶିକ୍ଷା ଏବଂ ସଂସ୍କୃତି ଏବଂ (୬) ଜଙ୍ଗଲ ସମସ୍ୟାଗୁଡିକ ଇତ୍ୟାଦି ।

**ଏସ.ଟି ଛାତ୍ରଛାତ୍ରୀ ମାନଙ୍କ ପାଇଁ ହଷ୍ଟେଲ ଗୁଡିକର ନିର୍ମାଣ :** ଏସ୍.ଟି ଛାତ୍ର ଛାତ୍ରୀ ମାନଙ୍କ ହଷ୍ଟେଲଗୁଡିକର ନିର୍ମାଣ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟର ସମାନ ଯୋଗଦାନ ରହିଛି ।

**ଆଶ୍ରମ ବିଦ୍ୟାଳୟର ନିର୍ମାଣ :** ଏସ୍.ଟି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆଶ୍ରମ ବିଦ୍ୟାଳୟ ଓ ହଷ୍ଟେଲଗୁଡିକର ନିର୍ମାଣ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟର ସମାନ ଯୋଗଦାନ ରହିଛି ।

**ସର୍ବନିମ୍ନ ସହାୟତା ମୂଲ୍ୟ ମାଧ୍ୟମରେ ଅଣ କାଠ ଜଙ୍ଗଲ ଉତ୍ପାଦନ ଗୁଡିକର ବଜାରୀକରଣ (ମାର୍କେଟିଂ) :** ଅଣ କାଠ ବନ ଉପଜ ଗୁଡିକର ବିକ୍ରୟ ତଥା ବନ ଉପଜ ଗୁଡିକର ମୂଲ୍ୟ ଶୃଙ୍ଖଳାର ବିକାଶ କାର୍ଯ୍ୟକ୍ରମକୁ ଆମ ରାଜ୍ୟରେ ଟି.ଡି.ସି.ସି କାର୍ଯ୍ୟକାରୀ କରେ । ଏହି ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟର ସମାନ ଯୋଗଦାନ ରହିଛି ।

**ଆଦିବାସୀ ଦ୍ରବ୍ୟ/ଉତ୍ପାଦନର ବିକାଶ ଏବଂ ମାର୍କେଟିଂ ପାଇଁ ଅନୁଷ୍ଠାନିକ ସହାୟତା :** ଆଦିବାସୀ ଦ୍ରବ୍ୟ ଯେପରିକି ଧାତୁ ଶିଳ୍ପ, ଆଦିବାସୀ ବସ୍ତ୍ର, ଆଦିବାସୀ ଅଳଙ୍କାର, ଆଦିବାସୀ ଚିତ୍ର, ଲଙ୍ଗପି କୁମ୍ଭାର, ବେତ ଏବଂ ବାଉଁଶ ଶିଳ୍ପ ସାମଗ୍ରୀ, ଉପହାର ଏବଂ ଉପନ୍ୟାସ, ଜୈବିକ ଏବଂ ପ୍ରାକୃତିକ ଦ୍ରବ୍ୟ ଏବଂ ଅଣ କାଠ ବନ ଉପଜ ଇତ୍ୟାଦିର ବିକାଶ ଏବଂ ମାର୍କେଟିଂ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟର ସହଯୋଗରେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଅଛି ।

### ୨.୩ ଆଦିବାସୀମାନଙ୍କ କଲ୍ୟାଣ ପାଇଁ ଆଇ.ଟି.ଡି.ଏ (ITDA) :

ସମନ୍ୱିତ ଆଦିବାସୀ ବିକାଶ ସଙ୍ଗଠନ (ITDA) ଗୁଡିକ ୧୯୭୦ ଏବଂ ୧୯୮୦ ଦଶକରେ ଆମ ଦେଶର ଅନୁସୂଚିତ ଜନଜାତିଙ୍କୁ ସାଧାରଣ ସାମଗ୍ରୀ ଏବଂ ସେବା ବିତରଣ ପାଇଁ ଅତିରିକ୍ତ ଅନୁଷ୍ଠାନ ଭାବରେ ସୃଷ୍ଟି କରାଯାଇଥିଲା । ଅଦ୍ୟାବିଧି ଆମ ରାଜ୍ୟ ଓଡିଶାର ୧୪ଟି ଜିଲ୍ଲାରେ ମୋଟ୍ ୨୩ଟି ସମନ୍ୱିତ ଆଦିବାସୀ ବିକାଶ ସଙ୍ଗଠନ ବିଦ୍ୟମାନ ଅଛି ଓ ଅନୁସୂଚିତ ଜନଜାତିଙ୍କୁ ସାଧାରଣ ସାମଗ୍ରୀ ଏବଂ ସେବା ବିତରଣ ପାଇଁ ଉତ୍ସର୍ଗୀକୃତ ଅନୁଷ୍ଠାନ ଭାବରେ କାର୍ଯ୍ୟ କରୁଛି ।

ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଅଧିନରେ ଆଦିବାସୀମାନଙ୍କ ପାଇଁ କରାଯାଉଥିବା ସମସ୍ତ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଗୁଡିକ ଯେପରିକି ଛାତ୍ରବୃତ୍ତି, ଆବସିକ ବିଦ୍ୟାଳୟ, ହଷ୍ଟେଲ, ଧନ୍ଦାମୂଳକ ତାଲିମ, ଦକ୍ଷତା ବୃଦ୍ଧି, ଗୃହ, ଉଦ୍ୟାନ କୃଷି, ବାଡିପଟ କୁକୁଡା ପାଳନ, ମତ୍ସ୍ୟଚାଷ, ଆଦିବାସୀ ଉତ୍ପାଦ ପାଇଁ ବଜାର ସହାୟତା, ଅନୁସୂଚିତ ଜନଜାତିର ଅଧିକାର ସୁନିଶ୍ଚିତ ତଥା ସୁରକ୍ଷା ଇତ୍ୟାଦି ଏହି ଆ.ଟି.ଡି.ଏ ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥାଏ ।

# ତୃତୀୟ ବିଷୟ : ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ କାର୍ଯ୍ୟକ୍ରମ

## ୩.୧. ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମ କହିଲେ କ'ଣ ବୁଝାଯାଏ ?

ଓଡିଶାରେ ଆଦିବାସୀ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଆଦିବାସୀ ସମ୍ପ୍ରଦାୟର ନିରନ୍ତର ଜୀବିକା ନିର୍ବାହରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ରାଜ୍ୟସରକାର "ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ" କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ରାଜ୍ୟ ଯୋଜନା ଅଧୀନରେ ଅନୁଦାନ ପ୍ରାପ୍ତ ଏବଂ ଏହା ହେଉଛି ଅଦ୍ୟାବିଧି ରାଜ୍ୟ ତରଫରୁ ହୋଇଥିବା ସର୍ବବୃହତ ସ୍ୱତନ୍ତ୍ର ଆଦିବାସୀ ଜୀବିକା ପ୍ରୋତ୍ସାହନ ପଦକ୍ଷେପ । **୨୦୨୩-୨୦୨୪** ରୁ **୨୦୨୫-୨୦୨୬** ପର୍ଯ୍ୟନ୍ତ ତିନି ବର୍ଷ ମଧ୍ୟରେ ଏହି ଯୋଜନାରେ **୧.୫** ଲକ୍ଷ ଆଦିବାସୀ ପରିବାରକୁ ସହାୟତା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି ଯେଉଁଥିରେ ରାଜ୍ୟର **୧୨୧**ଟି ଏସ୍.ପି. (ଆଦିବାସୀ ଉପ-ଯୋଜନା) ବ୍ଲକରେ **୫୦୦** କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରାଯାଇଛି । ଏହି ପଦକ୍ଷେପ ଆମ ରାଜ୍ୟର ଆଦିବାସୀ ସମ୍ପ୍ରଦାୟ ପାଇଁ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆଣିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ହାସଲ କରିବା ଦିଗରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ କାର୍ଯ୍ୟକ୍ରମ ଅଧୀନରେ, ଗୋଟିଏ କିମ୍ବା ଅଧିକ ଗାଁର ସଦସ୍ୟା/ସଦସ୍ୟଙ୍କୁ ନେଇ **ଫାର୍ମ, ଅଫ୍-ଫାର୍ମ ଏବଂ ନନ୍-ଫାର୍ମ (ଅଣ-ଚାଷ)** ଜୀବିକା କ୍ଲଷ୍ଟର ଗଠନ କରାଯାଇଥାଏ । ଜନଜାତି ସମ୍ପ୍ରଦାୟର ଅଂଶଗ୍ରହଣ, ମାଲିକାନା ଏବଂ ଜୀବିକା କ୍ଲଷ୍ଟରର ପ୍ରଭାବଶାଳୀ ପରିଚାଳନା ନିଶ୍ଚିତ କରିବାକୁ ପ୍ରତ୍ୟେକ କ୍ଲଷ୍ଟର ଅଞ୍ଚଳରେ **ଜନଜାତି ଜୀବିକା ପରିଷଦ (ଜେଜେପି)** ଗଠନ କରାଯାଏ ।

କ୍ଲଷ୍ଟର ଅଞ୍ଚଳର/ଗ୍ରାମଗୁଡିକର ସମସ୍ତ ବୟସ୍କ ଲୋକ (ପୁରୁଷ ଏବଂ ମହିଳା) ଜେଜେପିର ସାଧାରଣ ପରିଷଦର ସଦସ୍ୟା/ସଦସ୍ୟ ଭାବେ ଅନ୍ତର୍ଭୁକ୍ତ ଅଟନ୍ତି । ଜେଜେପି ଏହାର କା ସାଧାରଣ ପରିଷଦ ମଧ୍ୟରୁ ଏକ କାର୍ଯ୍ୟନିର୍ବାହୀ ପରିଷଦ ନିମନ୍ତେ **୧୧** ରୁ **୧୩** ଜଣ ସଦସ୍ୟା/ସଦସ୍ୟ ମାନଙ୍କୁ ଚୟନ କରେ ଯେଉଁଥିରେ ମହିଳା ମାନଙ୍କର ଅତି କମରେ ୫୦% ପ୍ରତିନିଧିତ୍ୱ ରହିଥାଏ । ଜେଜେପିର କାର୍ଯ୍ୟନିର୍ବାହୀ ପରିଷଦଏହାର ସଭାପତି ଏବଂ ସଚିବଙ୍କୁ କାର୍ଯ୍ୟ ନିର୍ବାହୀ ପରିଷଦର ସଦସ୍ୟମାନଙ୍କ ମଧ୍ୟରୁ ଚୟନ କରିଥାନ୍ତି ।

ପ୍ରତ୍ୟେକ ଜେଜେପି ଜଣେ ସକ୍ରିୟ କୃଷକ (ଭଲଚାଷୀ)ଙ୍କୁ "ଜନଜାତି ଜୀବିକା ସାଥୀ" ଭାବରେ ଚୟନ କରନ୍ତି ଯିଏ ଜନଜାତି ଜୀବିକା ପରିଷଦ (ଜେଜେପି) ଏବଂ ସେହି କ୍ଲଷ୍ଟରର ସମସ୍ତ କୃଷକମାନଙ୍କୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥାଆନ୍ତି । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମକୁ ସଠିକ୍ ରୂପାୟନ ଦେବାରେ ଏହି ଜନଜାତି ଜୀବିକା ସାଥୀ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗ୍ରାମୀଣ ସ୍ତରରେ କାମକରୁଥିବା ବିଭିନ୍ନ ବେସରକାରୀ ସଂସ୍ଥା ଦ୍ୱାରା ନିୟୋଜିତ ବ୍ଲକ ଜୀବିକା ବିଶେଷଜ୍ଞଙ୍କ ସହିତ ଘନିଷ୍ଠ ସମନ୍ୱୟରେ ଜେଜେଏସ୍ ମାନେ ଜେଜେପି କୁ ଏକ ଗୋଷ୍ଠୀ ସଂଗଠନ ଭାବେ ସୁଦୃଢ କରିବା ସହ ଜେଜେପିର ନିୟମିତ ମିଟିଂ (ସଭା) କରାଇବା ତଥା ଅନ୍ୟ ସମସ୍ତ କାର୍ଯ୍ୟକ୍ରମରେ ସହାୟତା କରବାର ଦାୟିତ୍ୱ ନେଇଥାଆନ୍ତି । ଏତଦ୍ ବ୍ୟତୀତ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ପ୍ରୋଗାମ୍‌ରେ ସ୍ୱତନ୍ତ୍ରଭାବେ ନିୟୋଜିତ ଆଇ.ଟି.ଡି.ଏ ସ୍ତରର ବିଶେଷଜ୍ଞ ମାନେ ମଧ୍ୟ କ୍ଷେତ୍ର ପରିଦର୍ଶନ ସମୟରେ ଏବଂ ବ୍ଲକ / ଆଇ.ଟି.ଡି.ଏ ସ୍ତରୀୟ ସଭା ଏବଂ ତାଲିମ ମାଧ୍ୟମରେ ଜେ.ଜେ.ଏସ୍‌ଙ୍କୁ ସମର୍ଥନ କରିଥାଆନ୍ତି ।

ଫାର୍ମ କ୍ଲଷ୍ଟର କ୍ଷେତ୍ରରେ, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ପାଖାପାଖି ଥିବା ସର୍ବନିମ୍ନ ୫୦ ଏକର ଚାଷ ଜମି ଏବଂ ଚାଷୀ/ହିତାଧିକାରୀଙ୍କୁ ନେଇ ଏକ କ୍ଲଷ୍ଟର ତିଆରି କରାଯାଇଥାଏ । କ୍ଲଷ୍ଟର କ୍ଷେତ୍ର ନିମନ୍ତେ ଫସଲ ଚୟନ କରିବା ପାଇଁ ନିମ୍ନ ଲିଖିତ ନୀତି ଅନୁସରଣ କରାଯାଇଥାଏ ।

(କ)କ୍ଷୁଦ୍ର ଚାଷୀଙ୍କୁ ସୁହାଉଥିବା

(ଖ) କୃଷି ଜଳବାୟୁ ଅନୁସାରେ ଉପଯୁକ୍ତ ହୋଇଥିବା ଏବଂ

(ଗ) ବଜାର ପାଇଁ ଆକର୍ଷଣୀୟ ହୋଇଥିବା ଫସଲ

ପନିପରିବା, ସୁଗନ୍ଧିତ ଚାଉଳ, ଡାଲି, ତେଲ ମଞ୍ଜି ଏବଂ ଅନ୍ୟାନ୍ୟ ପ୍ରକାରର ଫସଲର ସଠିକ ମିଶ୍ରଣକୁ ବିଚାର କରି ଫସଲ ପସନ୍ଦ କରାଯାଏ । ଫଳ ବଗିଚା ପରି ବହୁ ବର୍ଷର ଫସଲ କ୍ଲଷ୍ଟର ଗୁଡିକ ପାଇଁ , ସର୍ବନିମ୍ନ କ୍ଲଷ୍ଟର ଅଞ୍ଚଳ ଏକ ସଂଲଗ୍ନ ପ୍ୟାଚ୍ ରେ ୫ ଏକର ପର୍ଯ୍ୟନ୍ତ ନିଆଯାଇଥାଏ । ପଶୁପାଳନ ଏବଂ ମାଛ ଚାଷ ଭଳି କ୍ଲଷ୍ଟର କ୍ଷେତ୍ରରେ ପ୍ରାୟ ୧୦୦ ପରିବାରକୁ ନେଇ ଏକ କ୍ଲଷ୍ଟର ତିଆରି କରାଯାଇଥାଏ । କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ସମ୍ପ୍ରଦାୟର ଆବଶ୍ୟକତା ଏବଂ ପ୍ରାଥମିକତା ଅନୁଯାୟୀ ଏକାଧିକ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମକୁ ନେଇ ମଧ୍ୟ ଏକ କ୍ଲଷ୍ଟର ତିଆରି କରାଯାଇଥାଏ । ପ୍ରତିଟି କ୍ଲଷ୍ଟରର ମୁଖ୍ୟ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ପାରୁ ନଥିବା ପରିବାରଗୁଡିକୁ ସେମାନଙ୍କର ଦକ୍ଷତା, ପସନ୍ଦ ଏବଂ ଉପଯୁକ୍ତତା ଉପରେ ଆଧାର କରି ଅନ୍ୟ କିଛି ଆୟ ସୃଷ୍ଟି କରୁଥିବା କାର୍ଯ୍ୟକ୍ରମ ନିମନ୍ତେ ସହାୟତା ଦିଆଯାଏ ।

ଫାର୍ମ ଏବଂ ଅଫ୍ ଫାର୍ମ ଭିତ୍ତିକ କାର୍ଯ୍ୟକ୍ରମ ବ୍ୟତୀତ, ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ କ୍ଷୁଦ୍ର-ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ପାଇଁ ଆଗ୍ରହୀ ଆଦିବାସୀ ଯୁବକ (ପୁରୁଷ ଏବଂ ମହିଳା) ମାନଙ୍କୁ ତାଲିମ୍ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯାଏ । ଏହି ଆଦିବାସୀ ଯୁବ ଉଦ୍ୟୋଗୀ ମାନେ ସେହି ଅଞ୍ଚଳର ଅନ୍ୟାନ୍ୟ ଆଦିବାସୀ ଯୁବକ ଯୁବତି ମାନଙ୍କ ନିମନ୍ତେ ବିଭିନ୍ନ ସମ୍ଭାବ୍ୟ ଉଦ୍ୟୋଗୀ ବିକାଶ ପଦକ୍ଷେପ ସମ୍ବନ୍ଧରେ ଜ୍ଞାନ ଏବଂ ଦକ୍ଷତା ବଢାଇବା ପାଇଁ ଏକ ଆଦର୍ଶ ଭାବରେ କାର୍ଯ୍ୟ କରିବେ । ଏମ୍,ଏମ୍.ଜେ.ଜେଏମ୍ ତରଫରୁ ଆଦିବାସୀ ଯୁବ ଉଦ୍ୟୋଗୀମାନଙ୍କର ଦକ୍ଷତା ବିକାଶ କରାଯିବ ଏବଂ ସ୍ଥାନୀୟ ଅଞ୍ଚଳରେ ଏକ ମଡେଲ ଭାବରେ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା କରିବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯିବ ।

ମଡେଲ ଭାବେ ପ୍ରତିଷ୍ଠିତ ଏହିସବୁ କ୍ଷୁଦ୍ର ଉଦ୍ୟୋଗ ଗୁଡିକୁ ସେହି ଅଞ୍ଚଳର ଅନ୍ୟ ଯୁବକ/ଯୁବତୀ ତଥା ବିଭିନ୍ନ ଗୋଷ୍ଠୀ ଅନୁଷ୍ଠାନ ପରିଦର୍ଶନ କରିପାରିବେ ଏବଂ ଶିଖିପାରିବେ ଯାହାଫଳରେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅନ୍ୟ ଯୁବକ ଯୁବତୀମାନେ ସମାନ ପ୍ରକାରର ଅଥବା ସେହିପରି ଅନ୍ୟକିଛି କ୍ଷୁଦ୍ର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମରେ ସାମିଲ୍ ହେବାକୁ ଆଗ୍ରହ ବଢାଇବେ ।

ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ପରି ଅତ୍ୟନ୍ତ ଗରିବ ଶ୍ରେଣୀ ଏବଂ ଆର୍ଥିକ ଭାବେ ଦୁର୍ବଳ ପରିବାରର (ବିଧବା, ଏକାକିନୀ ମହିଳା, ଦିବ୍ୟାଙ୍ଗ ଇତ୍ୟାଦି) ଆଗ୍ରହୀ ସଦସ୍ୟା/ସଦସ୍ୟଙ୍କୁ ଆୟବୃଦ୍ଧି କାର୍ଯ୍ୟକ୍ରମ ନ୍ତେ ତାଲିମ୍ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ ଯୋଜନା କରାଯାଇଅଛି । ଏମ୍.ଏମ୍.ଜେ.ଜେ.ଏମ୍. କାର୍ଯ୍ୟକ୍ରମ ଅଧୀନରେ ଅଣ-ଚାଷ ଜୀବିକା ପ୍ରୋତ୍ସାହନ ପଦକ୍ଷେପ ପୂର୍ବକ ଏହି ଆୟ ବୃଦ୍ଧି କାର୍ଯ୍ୟକ୍ରମ (IGA) ହିତାଧିକାରୀମାନେ ବିଭିନ୍ନ ସାମ୍ଭାବ୍ୟ ଆୟ ବୃଦ୍ଧି ପଦକ୍ଷେପ ସମ୍ବନ୍ଧରେ ଜ୍ଞାନ ଏବଂ ଦକ୍ଷତା ବୃଦ୍ଧି ନିମନ୍ତେ ଆଦର୍ଶ ଭାବରେ କାର୍ଯ୍ୟ କରିବେ । ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମ ତରଫରୁ ଏହି ହିତାଧିକାରୀଙ୍କୁ ବିଭିନ୍ନ ଆୟ ବୃଦ୍ଧି କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ତାଲିମ୍ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହି ସବୁ ଆୟ ବୃଦ୍ଧି କାର୍ଯ୍ୟକ୍ରମ ର ସଫଳତାକୁ ଦେଖି କ୍ଲଷ୍ଟର ଅଞ୍ଚଳର, ଭୂମିହୀନ, ଗରିବ ଏବଂ ଅବହେଳିତ ପରିବାରର ଅନ୍ୟ ଆଗ୍ରହୀ ସଦସ୍ୟା/ସଦସ୍ୟମାନେ ନିଜସ୍ୱ ଆୟ-ବୃଦ୍ଧି କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିବେ ।

ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଞ୍ଚଳ/ଗ୍ରାମର ସମସ୍ତ (କ୍ଷୁଦ୍ର ଚାଷୀ, ବିଧବା, ଏକାକିନୀ ମହିଳା, ଦିବ୍ୟାଙ୍ଗ ଇତ୍ୟାଦି) ଆଦିବାସୀ ପରିବାର ସେମାନଙ୍କୁ ସୁହାଇବା ପରି କୌଣସି ଏକ ଜୀବିକା ବିକାଶ କାର୍ଯ୍ୟକ୍ରମରେ ଜୋଡି ହୋଇପାରିବେ ଯାହାଦ୍ୱାରା କେହିବି ପରିବାର ଏହି କାର୍ଯ୍ୟକ୍ରମରୁ ବାଦ ପଡିବେ ନାହିଁ ।

ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଦାନ ପ୍ରାପ୍ତ ୨୦୨୩-୨୪ ରୁ ୨୦୨୫-୨୬ ତିନି ବର୍ଷ ପାଇଁ ଏହି କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ବଜେଟରେ ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଅନ୍ୟ ଯୋଜନାଗୁଡ଼ିକ ସହ ସମନ୍ୱୟ (କନଭରଜେନ୍ସ) ରକ୍ଷା କରାଯାଇ ଅନ୍ୟ ଯୋଜନାଗୁଡ଼ିକରୁ ଅତିରିକ୍ତ ଅର୍ଥ ପାଇବାକୁ ଉଦ୍ୟମ କରାଯିବ ଏବଂ ଏକ ଉପଯୁକ୍ତ ସମ୍ମିଶ୍ରଣ ପ୍ରଣାଳୀ ମାଧ୍ୟମରେ ଏହି ସବୁ ପାଣ୍ଠିର ବ୍ୟବହାର କରାଯିବ । ଏହି କାର୍ଯ୍ୟକ୍ରମରେ କୃଷି ଉତ୍ପାଦ, ଲଘୁ ବନ ଉପଜ ତଥା ଲଘୁ ଉଦ୍ୟୋଗ ଓ ଆୟ ବୃଦ୍ଧି କାର୍ଯ୍ୟକ୍ରମ (ଆଇ.ଜି.ଏ) ମାଧ୍ୟମରେ ପ୍ରସ୍ତୁତ ଅନ୍ୟାନ୍ୟ ଉତ୍ପାଦ ଗୁଡ଼ିକର ସଠିକ୍ ବଜାରୀକରଣ ପ୍ରତି ଗୁରୁତ୍ୱର ସହ ଧ୍ୟାନ ଦିଆଯିବ ।

## ୩.୨ ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଥିବା ଅଞ୍ଚଳ

- ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମ ୧୩ଟି ଆଦିବାସୀ ବହୁଳ ଜିଲ୍ଲାର ୧୧୯ଟି ଆଦିବାସୀ ଉପ-ଯୋଜନା ବ୍ଲକରେ କାର୍ଯ୍ୟ କରେ ।
- ଏହା ଓଡ଼ିଶାର ସମସ୍ତ ୨୩ଟି ସମନ୍ୱିତ ଆଦିବାସୀ ବିକାଶ ସଂଗଠନ (ITDA) କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରେ ।

  ଚିହ୍ନଟ କରାଯାଇଥିବା ମୋଟ ୯୧୮ଟି ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମକୁ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯିବ ।
- କାର୍ଯ୍ୟକ୍ରମର ପ୍ରାରମ୍ଭିକ ପର୍ଯ୍ୟାୟ ୨୦୨୩-୨୪ ରୁ ୨୦୨୫-୨୬ ପର୍ଯ୍ୟନ୍ତ ଚାଲିବ ।

ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ୧.୫ ଲକ୍ଷ ଆଦିବାସୀ ପରିବାରକୁ ସିଧାସଳଖ ଉପକୃତ କରିବାକୁ ଲକ୍ଷ୍ୟ ରଖିଛି, ଏହା ୫ ଲକ୍ଷରୁ ଅଧିକ ପରୋକ୍ଷ ହିତାଧିକାରୀଙ୍କ ଉପରେ ସକାରତ୍ମକ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି ।



## ଏମ୍.ଏମ୍.କେ.ଜେ.ଏମ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଥିବା ଅଞ୍ଚଳ ର ତଥ୍ୟ

| କ୍ର.ନଂ. | ଜିଲ୍ଲା | ଆଇ.ଟି.ଡି.ଏ ର ନାମ/ ଟି.ଏସ୍.ପି କ୍ଷେତ୍ର | ବ୍ଲକଗୁଡିକର ନାମ |
|---|---|---|---|
| ୧ | ବାଲେଶ୍ୱର | ନୀଳଗିରି | (୧)ନୀଳଗିରି |
| ୨ | ମୟୂରଭଞ୍ଜ | ବାରିପଦା | (୧)ବାରିପଦା (୨)ବଡସାହି (୩)ସାମାଖୁଣ୍ଟା (୪)ବେତନାଟି (୫) ରାସଗୋବିନ୍ଦପୁର (୬)ବାଙ୍ଗିରିପୋଷି (୭)ସରସ କଣା (୮)କୁଲିଆନା (କୋଲିଆନା) (୯)ସୁଲିଆପଡା |
| | | କପ୍ତିପଦା | (୧)ଖୁଣ୍ଟା (୨)ଗୋପବନ୍ଧୁ ନଗର (୩)କପ୍ତିପଦା (୪)ଉଦଳା |
| | | କରଞ୍ଜିଆ | (୧)କରଞ୍ଜିଆ (୨)ରରୁଆଁ (୩)ଜଶିପୁର (୪)ଠାକୁରମୁଣ୍ଡା (୫)ସୁକ୍ରୁଲି |
| | | ରାଇରଙ୍ଗପୁର | (୧)ବିସୋଇ (୨)ବିଜାଟୋଲା (୩)କୁସୁମି (୪)ରାଇରଙ୍ଗପୁର (୫)ତରିଙ୍ଗ (୬) ବହାଲଦା (୭) ଜାମଦା |
| ୩ | କେନ୍ଦୁଝର | ଚମ୍ପୁଆ | (୧) ଯୋଡା (୨)ଚମ୍ପୁଆ (୩ )ଝୁମ୍ପୁରା |
| | | କେନ୍ଦୁଝର | (୧) ପାଟନା (୨)ଘଟଗାଁ (୩)କେନ୍ଦୁଝର (୪)ସାହରପଡା (୫)ହରିଚନ୍ଦନପୁର (୬)ତେଲକୋଇ (୭)ବାଂସପାଳ |
| ୪ | ସମ୍ବଲପୁର | କୁଚିଣ୍ଡା | (୧) କୁଚିଣ୍ଡା (୨)ବାମରା (୩)ଜାମନକିରା |
| ୫ | ସୁନ୍ଦରଗଡ | ବଣାଇ | (୧) ବଣାଇଗଡ (୨)ଲହୁଣୀପଡା (୩)ଗୁରୁଣ୍ଡିଆ (୪)କୋଇଡା |
| | | ପାନପୋଶ୍ | (୧)କୁଆଁରମୁଣ୍ଡା (୨)ବିସ୍ରା (୩)ନୂଆଗାଁ (୪)ଲାଠିକଟା |
| | | ସୁନ୍ଦରଗଡ | (୧)ସୁନ୍ଦରଗଡ (୨)ସବଡେଗା (୩)ବାଲିସଙ୍କର (୪)ଲେଫ୍ରିପାରା (୫)ବଡଗାଁ (୬)ଟାଙ୍ଗରପଲ୍ଲୀ (୭)ହେମଗିରି (୮)କୁତ୍ରା (୯)ରାଜଗାଙ୍ଗପୁର |
| ୬ | ଦେବଗଡ | ତିଲେଇବଣୀ | (୧) ତିଲେଇବଣୀ |
| ୭ | ଗଜପତି | ପାରଳାଖେମୁଣ୍ଡି | (୧)ଗୁମ୍ମା (୨)ରାୟଗଡା (୩)ମୋହନା (୪)ଆର୍ ଉଦୟଗିରି (୫)ନୂଆଗଡ |
| ୮ | କଳାହାଣ୍ଡି | ଥୁ. ରାମପୁର | (୧) ଥୁ. ରାମପୁର (୨)ଲାଞ୍ଜିଗଡ |
| ୯ | ରାୟଗଡା | ଗୁଣୁପୁର | (୧) ଗୁଣୁପୁର (୨)ଗୁଡ୍ଡାରି (୩)ପଦ୍ମପୁର (୪)ରାମନାଗୁଡ (୫)ବିଶମ କଟକ (୬)ମୁନିଗୁଡା (୭)ଚନ୍ଦ୍ରପୁର |
| | | ରାୟଗଡା | (୧)ରାୟଗଡା(୨) କୋଲନରା (୩)କାଶୀପୁର (୪)କଲ୍ୟାଣସିଂହପୁର |
| ୧୦ | କୋରାପୁଟ | ଜୟପୁର | (୧)ଜୟପୁର (୨)ବୋରିଗୁମ୍ମା (୩)କୋଟପାଡ (୪)ବୈପାରିଗୁଡା (୫) କୁନ୍ଦ୍ରା |
| | | କୋରାପୁଟ | (୧)କୋରାପୁଟ (୨)ସିମିଳିଗୁଡା (୩)ପୋଟାଙ୍ଗି (୪)ନନ୍ଦପୁର (୫)ଦସମନ୍ତପୁର (୬) ଲମତାପୁଟ (୭)ନାରାୟଣପାଟଣା (୮)ଲକ୍ଷ୍ମୀପୁର (୯)ବନ୍ଧୁଗାଁ |

| କ୍ର.ନଂ. | ଜିଲ୍ଲା | ଆଇ.ଟି.ଡି.ଏ ର ନାମ/ ଟି.ଏସ୍.ପି କ୍ଷେତ୍ର | ବ୍ଲକଗୁଡିକର ନାମ |
|---|---|---|---|
| ୧୧ | ମାଲକାନାଗିରି | ମାଲକାନାଗିରି | (୧)ମାଲକାନାଗିରି (୨)କୋରମୁଣ୍ଡା (୩)କାଲିମେଳା (୪)ପୋଡିଆ (୫)ଖଇରପୁଟ୍ (୬)କୁଡୁମୁଲଗୁମ୍ମା (୬)ମାଥିଲି |
| ୧୨ | ନବରଙ୍ଗପୁର | ନବରଙ୍ଗପୁର | (୧)ନବରଙ୍ଗପୁର (୨)ତେନ୍ତୁଳିଖୁଣ୍ଟ (୩)ପାପଡାହାଣ୍ଡି (୪)ନନ୍ଦାହାଣ୍ଡି (୫)କୋସାଗୁମୁଡା (୬)ରାଇଘର (୭)ଉମରକୋଟ୍ (୮)ଚନ୍ଦାହାଣ୍ଡି (୯)ଜରିଗାଁ (୧୦)ଡାବୁଗାଁ |
| ୧୩ | କନ୍ଧମାଳ | ବାଲିଗୁଡା | (୧)ବାଲିଗୁଡା (୨)କେ. ନୂଆଗାଁ (୩)ଦାରିଙ୍ଗିବାଡି (୪)ତୁମୁଡିବନ୍ଧ (୫)କୋଟଗଡ (୬)ଟିକାବାଲି (୭)ଜି.ଉଦୟଗିରି (୮)ରାଇକିଆ (୯)ଚକାପାଦ |
| | | ଫୁଲବାଣୀ | (୧)ଫୁଲବାଣୀ (୨)ଫିଙ୍ଗିରିଆ (୩)ଖଜୁରୀପଡା |
| ୧୪ | ଝାରସୁଗୁଡା | ଝାରସୁଗୁଡା | (୧)କିରିମିରା (୨)ଲାଇକେରା |

### ୩.୩ ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମରୁ ଆଶାକରାଯାଉଥିବା ଫଳାଫଳ

ମୋଟ୍ ୩ ବର୍ଷ ପାଇଁ ପ୍ରସ୍ତାବିତ ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମରୁ ନିମ୍ନଲିଖିତ ଫଳାଫଳ ସବୁ ମିଳିବ ବୋଲି ଆଶା କରାଯାଏ ।

- ତିନି ବର୍ଷ ମଧ୍ୟରେ କ୍ଲଷ୍ଟର କ୍ଷେତ୍ରଗୁଡିକରେ ୧୦୦% ହିତାଧିକାରୀଙ୍କ ଚାଷରୁ ଆୟ ଦ୍ୱିଗୁଣିତ ହୋଇଛି ।
- କ୍ଲଷ୍ଟର ଅଞ୍ଚଳରେ ଚାଷ ଅଧିନରେ ଥିବା କ୍ଷେତ୍ର ଦ୍ୱିଗୁଣିତ ହୋଇଛି ।
- କ୍ଲଷ୍ଟର ଅଞ୍ଚଳର ୧୦୦% ଚାଷୀ ପରିବାର ଉନ୍ନତ କୃଷି ପ୍ରଣାଳୀ ଅଭ୍ୟାସ କରୁଛନ୍ତି ।
- କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ଅଧୀନରେ ନିଆଯାଇଥିବା ଫସଲର ଉତ୍ପାଦନରେ ୫୦% ବୃଦ୍ଧି ହୋଇଛି ।
- କ୍ଲଷ୍ଟର ଅଞ୍ଚଳଗୁଡିକର ୫୦% ଜମି ଜଳ ସେଚିତ ହୋଇପାରିଛି ।
- କ୍ଲଷ୍ଟର କ୍ଷେତ୍ରର ୫୦% ଜମିରେ ଡବଲ୍ ଫସଲ ହୋଇପାରୁଛି, ଅର୍ଥାତ୍ ଖରିଫ ପରେ ରବି ଫସଲ ଚାଷ ହେଉଛି ।
- ଉଭୟ ଶୀତ ଦିନିଆ ଫସଲ ଏବଂ ଖରା ଦିନଆ ଫସଲ ଚାଷରେ ୫୦% ବୃଦ୍ଧି ହୋଇଛି ।
- କ୍ଲଷ୍ଟର ଅଞ୍ଚଳରେ ଥିବା ମୋଟ୍ ପତିତ ଜମି, ପଡିଆ ଜମି ଏବଂ ଆଇ.ଏଫ୍.ଆର ଜମିର ଅନ୍ୟୁନ ୪୦% ଅଞ୍ଚଳରେ ଚାଷ କରାଯାଉଅଛି ।
- ଫସଲର ତ୍ରୀବତାର ଦ୍ୱିଗୁଣିତ ହୋଇଛି ।

### ୩.୪. ମୁଖ୍ୟ ମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ଅଧିନରେ ନିଆଯାଉଥିବା କାର୍ଯ୍ୟକ୍ରମ ।

- ପ୍ରବେଶବିନ୍ଦୁ କାର୍ଯ୍ୟକ୍ରମ ଯେପରିକି ଫସଲ ଅମଳ ନିମନ୍ତେ ଖଳା ଇତ୍ୟାଦି ।
- ବହୁମୁଖୀ କମ୍ୟୁନିଟି ହଲ୍ ନିର୍ମାଣ (ବୈଠକ ଏବଂ ଅମଳ ହେଉଥିବା ଫସଲକୁ ଏକତ୍ରିକରଣ କରିବା ଇତ୍ୟାଦି ନିମନ୍ତେ) ।
- କୃଷକ ମାନଙ୍କୁ କୃଷି ସମାଗ୍ରୀ (ଇନ୍‌ପୁଟ୍) ସହାୟତା ମାଧ୍ୟମରେ ବର୍ଷାଦିନିଆ, ଶୀତ ଦିନିଆ ଓ ଖରା ଦିନିଆ କୃଷି (ପ୍ରତ୍ୟେକ କୃଷକ/ହିତାଧିକାରୀ ପରିବାରକୁ ୩ ଋତୁର ଫସଲ ନିମନ୍ତେ ସର୍ବାଧିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ମୁଲ୍ୟର ଆବଶ୍ୟକୀୟ କୃଷି ସାମଗ୍ରୀର ସହାୟତା )
- ଜମି ବିକାଶ କାର୍ଯ୍ୟକ୍ରମ ଯେପରିକି ଜମି ସମତଳ କରିବା, ହିଡ ଦେବା ଇତ୍ୟାଦି ।
- ଜଳସେଚନ ଭିତ୍ତିଭୂମି ଗୁଡିକର ମରାମତି ଓ ନୂତନ ଜଳସେଚନ ଭିତ୍ତିଭୂମି ଗଠନ ।
- ଯୁବ ଉଦ୍ୟୋଗୀଙ୍କୁ ତାଲିମ୍ ପ୍ରଦାନ ଓ ଉଦ୍ୟୋଗ ବିକାଶ ନିମନ୍ତେ ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ।
- ଅତ୍ୟନ୍ତ ଗରିବ ଓ କମ୍ ସମ୍ବଳ ଥିବା ପରିବାରଗୁଡିକ ପାଇଁ ଆୟ ବୃଦ୍ଧି କାର୍ଯ୍ୟକ୍ରମ (ପ୍ରତ୍ୟେକ ପରିବାର ପାଇଁ ସର୍ବାଧିକ ୫୦ ହଜାର ଟଙ୍କା ଆର୍ଥିକ ସହାୟତା) ।

# ଚତୁର୍ଥ ବିଷୟ : ଜନଜାତି ଜୀବିକା ସାଥୀଙ୍କର ଭୂମିକା ଏବଂ ଦାୟିତ୍ୱ

## ୪.୧ ଜନଜାତି ଜୀବିକା ସାଥି କହିଲେ କ'ଣ ବୁଝାଯାଏ ?

ଏମ୍.ଏମ୍.ଜେ.ଜେ.ଏମ୍. କାର୍ଯ୍ୟକ୍ରମ ଅଧୀନରେ ପ୍ରତ୍ୟେକ ଜନଜାତି ଜୀବିକା ପରିଷଦ, ଏହାର ସଦସ୍ୟା/ସଦସ୍ୟ ମାନଙ୍କ ମଧ୍ୟରୁ ଜଣେ ସକ୍ରିୟ କୃଷକ (ଭଲ ଚାଷୀ) ଙ୍କୁ ଜନଜାତି ଜୀବିକା ସାଥି ଭାବରେ ଚୟନ କରନ୍ତି ଯିଏକି ମହିଳା କିମ୍ବା ପୁରୁଷ ହୋଇଥାଇ ପାରନ୍ତି । ଏହି ଜନଜାତି ଜୀବିକା ସାଥି, ଏମ୍.ଏମ୍.ଜେ.ଜେ.ଏମ୍. କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜନଜାତି ଜୀବିକା ପରିଷଦ ଏବଂ କ୍ଲଷ୍ଟର ଅଞ୍ଚଳର ସମସ୍ତ କୃଷକ/ହିତାଧିକାରୀମାନଙ୍କ ପରିଷଦକୁ ଏକ ଗୋଷ୍ଠୀ ସଂଗଠନ ହିସାବରେ ମଜବୁତ କରିବା, ଆବଶ୍ୟକୀୟ ତାଲିମ ପ୍ରଦାନ ଏବଂ ନିୟମିତ ସହାୟତା ପ୍ରଦାନ (ହ୍ୟାଣ୍ଡହୋଲ୍ଡିଂ)ରେ ସହଯୋଗ କରନ୍ତି । ଜନଜାତି ଜୀବିକା ପରିଷଦ ମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ (ହ୍ୟାଣ୍ଡହୋଲ୍ଡିଂ) ତଥା କ୍ଲଷ୍ଟର ସ୍ତରରେ ଜୀବିକା ବିକାଶ କାର୍ଯ୍ୟକ୍ରମର ସଠିକ୍ କାର୍ଯ୍ୟକାରିତା ରେ ସହୟତା କରିବା ନିମନ୍ତେ ଜନଜାତି ଜୀବିକା ସାଥି ମାନଙ୍କୁ ଆଇ.ଟି.ଡି.ଏ ସ୍ତରରେ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇଥାଏ ।

## ୪.୨. ଜନଜାତି ଜୀବିକା ସାଥି ମାନଙ୍କୁ ନିୟୋଜିତ କରିବାର ଉଦ୍ଦେଶ୍ୟ

ଜନଜାତି ଜୀବିକା ସାଥି ମାନଙ୍କୁ ନିୟୋଜିତ କରିବାର ଉଦ୍ଦେଶ୍ୟ ହେଉଛି ଏମ୍.ଏମ୍.ଜେ.ଜେ.ଏମ୍ କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଞ୍ଚଳର ଅଗ୍ରଣୀ କୃଷକ (ଭଲ ଚାଷୀ) ମାନଙ୍କୁ ଜନଜାତି ଜୀବିକା ସାଥି ହିସାବରେ ବିକାଶ କରିବା, ଯେଉଁମାନେ କ୍ଲଷ୍ଟର ଅଞ୍ଚଳର ଅନ୍ୟ ଚାଷୀମାନଙ୍କୁ ଫାର୍ମ, ଅଫ୍-ଫାର୍ମ ଏବଂ ନନ୍-ଫାର୍ମ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ଜୀବିକା ବୃଦ୍ଧି ପାଇଁ ଆବଶ୍ୟକ ତାଲିମ ଏବଂ ସହାୟତା (ହ୍ୟାଣ୍ଡହୋଲ୍ଡିଂ) ପ୍ରଦାନ କରିପାରିବେ ।

ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟଗୁଡିକ ହେଉଛି

- ପର୍ଯ୍ୟାପ୍ତ ତାଲିମ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ସ୍ଥାନୀୟ ଭଲ ଚାଷୀ/ଆଦିବାସୀ ମୁଖିଆଙ୍କୁ **ଖାଲି ପାଦ ଜୀବିକା ବିଶେଷଜ୍ଞ** ଭାବରେ ବିକାଶ କରିବା ।
- କ୍ଲଷ୍ଟର/ଗ୍ରାମ ସ୍ତରରେ ଯୋଜନା ପ୍ରସ୍ତୁତିକୁ ଗୁରୁତ୍ୱ ଦେବା ଏବଂ ଗୋଷ୍ଠୀ ସ୍ତରରେ ହିତାଧିକାରୀମାନଙ୍କ ଭାଗିଦାରିତାରେ ଯୋଜନା ପ୍ରସ୍ତୁତି, ଯୋଜନାର କାର୍ଯ୍ୟକାରିତା ତଥା କାର୍ଯ୍ୟକ୍ରମର ନିରୀକ୍ଷଣ/ଦେଖାଶୁଣା ନିଶ୍ଚିତ କରିବା ।
- ଯୋଜନା ସବୁର ସଫଳ କାର୍ଯ୍ୟକାରିତା ପାଇଁ କ୍ଲଷ୍ଟର କ୍ଷେତ୍ରରେ ଜୀବିକା ବିକାଶ କାର୍ଯ୍ୟକ୍ରମର ସଠିକ୍ ନୀରିକ୍ଷଣ ନିଶ୍ଚିତ କରିବା ।
- କ୍ଲଷ୍ଟର ଅଞ୍ଚଳର କୃଷକମାନଙ୍କୁ ସେହି ଅଞ୍ଚଳର କୃଷି ତଥା ଅନ୍ୟାନ୍ୟ ଜୀବିକା ବିକାଶ କାର୍ଯ୍ୟକ୍ରମର ମଡେଲ୍ ତିଆରି କରି ପ୍ରଦର୍ଶନ କରାଇବା ।
- ଗୋଷ୍ଠୀ/ସମ୍ପ୍ରଦାୟ ଏବଂ ଆଇ.ଟି.ଡି.ଏର ବିଶେଷଜ୍ଞ ତଥା ଆଞ୍ଚଳିକ ବେସରକାରୀ ଅନୁଷ୍ଠାନ ମଧ୍ୟରେ ସଂଯୋଗ ସ୍ଥାପନ କରିବା ।
- ଭଲ କୃଷି ଅଭ୍ୟାସ ଅନୁସରଣ କରିବାକୁ କ୍ଲଷ୍ଟର ଅଞ୍ଚଳର ଅନ୍ୟ କୃଷକମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ।
- ପ୍ରକଳ୍ପ ଅବଧି ବାହରେ ମଧ୍ୟ କୃଷି ଉତ୍ପାଦ ଗୁଡିକର ବଜାରୀକରଣ (ମାର୍କେଟିଂ) ପାଇଁ କ୍ଲଷ୍ଟର ଅଞ୍ଚଳର କୃଷକ/ଉତ୍ପାଦକ ଏବଂ ସ୍ଥାନୀୟ ବେପାରୀଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରିବା ।

## ୪.୩ ଏକ ଭଲ ଜନଜାତି ଜୀବିକା ସାଥିଙ୍କର ଉତ୍ତମ ଗୁଣ ସମୂହ

ଏକ ଭଲ ଜନଜାତି ଜୀବିକା ସାଥି ନିମ୍ନ ଲିଖିତ ଉତ୍ତମ ଗୁଣଗୁଡିକ ଅନୁସରଣ କରିବା ଆବଶ୍ୟକ

- କୃଷିଭିତ୍ତିକ କାର୍ଯ୍ୟକ୍ରମ/ଚାଷ ବିଷୟରେ ସମୃଦ୍ଧ ଜ୍ଞାନ ବିକାଶ କରିଥିବେ।
- ନିଜ ଅଞ୍ଚଳର ବିକାଶ ପାଇଁ ସେହି ଅଞ୍ଚଳର ସ୍ଥାନୀୟ ସମ୍ପ୍ରଦାୟ ସହିତ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଦକ୍ଷତା ଥିବ।
- ନିଜ ଅଞ୍ଚଳର ବିକାଶ ପାଇଁ ପର୍ଯ୍ୟାପ୍ତ ସମୟ ଉତ୍ସର୍ଗ କରିବାକୁ ଆଗ୍ରହୀ ହୋଇଥିବେ।
- ଜଣେ ସକ୍ରିୟ, ଅଗ୍ରଣୀ କୃଷକ/ସମ୍ମାନିତ/ଗ୍ରହଣୀୟ ବ୍ୟକ୍ତି (ପୁରୁଷ କିମ୍ବା ମହିଳା) ହୋଇଥିବେ।
- ସମ୍ପ୍ରଦାୟ ସ୍ତରରେ ସମ୍ପ୍ରଦାୟର ଦ୍ୱନ୍ଦ ଓ କଳହ ସମାଧାନର କ୍ଷମତା ତାଙ୍କର ଥିବ।
- ତାଙ୍କର ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ନେବାର ପୂର୍ବ ପ୍ରମାଣ ଥିବ।
- ନିର୍ଦ୍ଧାରିତ ସମୟ ଅନୁଯାୟୀ ସମସ୍ତ ସଭା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରିବାର ଅଭ୍ୟାସ ଥିବ।
- ସମସ୍ତ ନଥି ପତ୍ର (ରେଜିଷ୍ଟର)କୁ ଅଦ୍ୟତନ ରଖୁଥିବେ।

## ୪.୪. ଜନଜାତି ଜୀବିକା ସାଥିଙ୍କର ଭୂମିକା ଏବଂ ଦାୟିତ୍ୱ

ଜନଜାତି ଜୀବିକା ସାଥିଙ୍କର ଭୂମିକା ଏବଂ ଦାୟିତ୍ୱ ନିମ୍ନ ପ୍ରକାର ରହିବ।

- କ୍ଲଷ୍ଟର ଅଞ୍ଚଳର ସମସ୍ତ କୃଷକ ଏବଂ ଅନ୍ୟ ହିତାଧିକାରୀଙ୍କୁ ଜନଜାତି ଜୀବିକା ପରିଷଦରେ ସାମିଲ୍ କରିବା।
- ଜନଜାତି ଜୀବିକା ପରିଷଦର ନିୟମିତ ମାସିକ ସଭା କରାଇବା।
- କ୍ଲଷ୍ଟର କ୍ଷେତ୍ର ନିର୍ଦ୍ଧାରଣ ଏବଂ କ୍ଲଷ୍ଟର ସ୍ତରର ଯୋଜନା ପ୍ରସ୍ତୁତିରେ ଜନଜାତି ଜୀବିକା ପରିଷଦକୁ ସହଯୋଗ କରିବା।

    କ. ବହୁମୁଖୀ କମ୍ୟୁନିଟି ହଲ୍ ପାଇଁ କ୍ଷେତ୍ର ଚୟନ ଏବଂ ଯୋଜନା।

    ଖ. ପ୍ରବେଶ ବିନ୍ଦୁ କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତି।

    ଗ. କୃଷି ଋତୁକୁ ଭିତ୍ତି କରି ବାର୍ଷିକ ଫସଲ ଯୋଜନା ପ୍ରସ୍ତୁତି।

    ଘ. ଜମି ବିକାଶ (ଜମି ସମତଳ କରିବା, ହିଡ ଦେବା ଇତ୍ୟାଦି) ନିମନ୍ତେ ଯୋଜନା।

    ଙ. ଜଳସେଚନ ଉତ୍ସ ସୃଷ୍ଟି ନିମନ୍ତେ ଯୋଜନା।

    ଚ. ପଶୁପାଳନ ବିକାଶ ନିମନ୍ତେ ଯୋଜନା।

    ଛ ଯୁବ ଉଦ୍ୟୋଗୀ ଚୟନ ଓ ଉଦ୍ୟୋଗ ବିକାଶ ନିମନ୍ତେ ଯୋଜନା।

    ଜ. ଆୟ ସୃଷ୍ଟି କାର୍ଯ୍ୟକ୍ରମ ହିତାଧିକାରୀ ଚୟନ ଇତ୍ୟାଦି।

    ଝ. ଅନ୍ୟସବୁ ସରକାରୀ ବିଭାଗ ସହ ସମନ୍ୱୟରେ କାର୍ଯ୍ୟକାରୀ କରିବାକୁ ଥିବା ଯୋଜନା ଇତ୍ୟାଦି।

- ବିଭିନ୍ନ କାର୍ଯ୍ୟକ୍ରମର ନିୟମିତ ନିରୀକ୍ଷଣ (ମନିଟରିଂ)ରେ ଜନଜାତି ଜୀବିକା ପରିଷଦ କୁ ସହେଯାଗ କରିବା।
- ଫସଲ ଉତ୍ପାଦନ, ପଶୁପାଳନ କାର୍ଯ୍ୟକ୍ରମର ପରିଚାଳନା ଏବଂ ଆୟ ବୃଦ୍ଧି କାର୍ଯ୍ୟକ୍ରମ ପାଇଁ କୃଷକ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କୁ ତାଲିମ୍ ଏବଂ ସହାୟତା (ହ୍ୟାଣ୍ଡ ହୋଲ୍ଡିଂ) ପ୍ରଦାନ କରିବା।
- ପ୍ରସ୍ତୁତ ହୋଇଥିବା କ୍ଲଷ୍ଟର ଯୋଜନା ଅନ୍ତର୍ଗତ ଏମ୍.ଜି.ଏନ.ଆର.ଜି.ଏସ୍ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଯୋଜନା ଗୁଡିକୁ ପଲ୍ଲିସାଭା ଓ ଗ୍ରାମ ସଭାର ଅନୁମୋଦନ ନିମନ୍ତେ ଜନଜାତି ଜୀବିକା ପରିଷଦକୁ ସହେଯାଗ କରିବା।
- ସମସ୍ତ କୃଷି ସାମଗ୍ରୀ (ଇନ୍‌ପୁଟ୍ ) ବଣ୍ଟନ ପରିଚାଳନାରେ ସହଯୋଗ କରିବା ଏବଂ ଏହାର ହିତାଧିକାରୀ ରେକର୍ଡ ରଖିବା ।

- ଦ୍ୱନ୍ଦ ସମାଧାନ/ଅଭିଯୋଗ ସମାଧାନ ଏବଂ କ୍ଲଷ୍ଟର ସ୍ତରରେ ବିଭିନ୍ନ ନିଷ୍ପତ୍ତି ନେବାରେ ଜନଜାତି ଜୀବିକା ପରିଷଦକୁ ସହଯୋଗ କରିବା ।
- ନିୟମିତ ବୈଠକ (ଆବଶ୍ୟକତା ଭିତ୍ତିକ ବୈଟକକୁ ମିଶାଇ) କରିବା ଏବଂ ସମସ୍ତ ଆବଶ୍ୟକୀୟ ପୁସ୍ତକ ଏବଂ ରେକର୍ଡଗୁଡିକ ନଜାୟ ରଖିବାରେ ଜନଜାତି ଜୀବିକା ପରିଷଦକୁ ସହଯୋଗ କରିବା ।
- କେସ୍ ରେକର୍ଡ ସଂଗ୍ରହ ଏବଂ ଦଲିଲକରଣ ଇତ୍ୟାଦିରେ ଆଇ.ଟି.ଡି.ଏ ସ୍ତରର ଏମ୍.ଏମ୍.ଜେ.ଜେ.ଏମ୍ ଟିମ୍ ଏବଂ ବ୍ଲକ ସ୍ତରର ଜୀବିକା ବିଶେଷଜ୍ଞ ମାନଙ୍କୁ ସହଯୋଗ କରିବା ।
- ସମସ୍ତ କ୍ଲଷ୍ଟର ଚାଷୀଙ୍କ ଏକ୍ସପୋଜର୍ ପାଇଁ ନିଜସ୍ୱ ଡେମୋ ଫାର୍ମ କ୍ଷେତ୍ର ବିକାଶ କରିବା
- ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହେବାର ପୂର୍ବ ସ୍ଥିତିର, କାର୍ଯ୍ୟକ୍ରମ ଚାଲୁଥିବା ସମୟର ଏବଂ କାର୍ଯ୍ୟକ୍ରମ ସମାପ୍ତ ହେବା ପରର ଭଲ ଭଲ ଫଟୋଗ୍ରାଫ୍ ନିୟମିତ ଭାବେ ସଂଗ୍ରହ କରିବା ଏବଂ ଆଇ.ଟି.ଡି.ଏ ସ୍ତରର ବିଶେଷଜ୍ଞ ମାନଙ୍କୁ ପଠାଇବା ।
- ଏମ୍.ଏମ୍.ଜେ.ଜେ. ଏମ୍ କାର୍ଯ୍ୟକ୍ରମକୁ ସଫଳ କରାଇବା ନିମନ୍ତେ କାର୍ଯ୍ୟକ୍ରମର ମୁଖ୍ୟ ଭୂମିକା ଗ୍ରହଣ କରିବା ।

ଅଧିକ ଭଲ ପ୍ରଭାବ ନିମନ୍ତେ ନିକଟସ୍ଥ ତିନୋଟି କ୍ଲଷ୍ଟରର ଜନଜାତି ଜୀବିକା ସାଥି ମିଳିତ ଭାବରେ କାର୍ଯ୍ୟ କରିବେ ।

# ପଞ୍ଚମ ବିଷୟ : ଜେଜେପି (JJP) ସ୍ତରରେ ବ୍ୟବହୃତ ନଥିପତ୍ର (ରେଜିଷ୍ଟର)

ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ଅନ୍ତର୍ଗତ ଜନଜାତି ଜୀବିକା ପରିଷଦ (ଜେଜେପି) ସ୍ତରରେ ବିଭିନ୍ନ ନଥିପତ୍ର/ ଖାତା/ରେଜିଷ୍ଟର ସବୁ ବ୍ୟବହାର କରାଯାଏ ଯାହାକି ଜନଜାତି ଜୀବିକା ସାଥି (ଜେଜେଏସ୍ ) ଙ୍କ ସହଯୋଗରେ ଜେଜେପି ଦ୍ୱାରା ନିୟମିତ ଭାବରେ ଅଦ୍ୟତନ ହେବା ଆବଶ୍ୟକ । ଜେଜେପି ସ୍ତରରେ ବ୍ୟବହୃତ ମୁଖ୍ୟ ନଥିପତ୍ର/ ଖାତା/ରେଜିଷ୍ଟର ଗୁଡିକ ବିଷୟରେ ସମ୍ୟକ୍ ଧାରଣା ନିମ୍ନରେ ଦିଆଯାଇଅଛି ।

## ୫.୧. ଜେଜେପି ସଦସ୍ୟତା ବହି:

ଜେଜେପି ସଦସ୍ୟତା ରେଜିଷ୍ଟର ଏକ କ୍ଲଷ୍ଟର ଅଞ୍ଚଳର (ଗ୍ରାମ / ଗ୍ରାମ ଗୁଡିକର) ସମସ୍ତ ସଦସ୍ୟା/ସଦସ୍ୟ ମାନଙ୍କର ବିବରଣୀ ଓ ସୂଚନା ଅନ୍ତର୍ଭୁକ୍ତ କରେ । ଏହି ରେଜିଷ୍ଟର ଜେଜେପିର ଗଠନ ସମୟରେ ପ୍ରସ୍ତୁତ କରାଯାଏ । ଆବଶ୍ୟକତା ଅନୁଯାୟୀ ସାଧାରଣ ପରିଷଦ ବୈଠକରେ ଅନୁମୋଦନ ଓ ପାରିତ କରାଯାଇ ନୂଆ ସଦସ୍ୟା/ସଦସ୍ୟମାନଙ୍କୁ ପରିଷଦରେ ଅନ୍ତର୍ଭୁକ୍ତ କରାଗଲେ ଏହି ରେଜିଷ୍ଟରକୁ ଅଦ୍ୟତନ କରିବାକୁ ପଡେ ।

| ଜନଜାତି ଜୀବିକା ପରିଷଦ ସାଧାରଣ ପରିଷଦ (ଜେନେରାଲ ବଡି) ର ସଭ୍ୟା / ସଭ୍ୟ ସମ୍ପର୍କିତ ତଥ୍ୟ | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| କ୍ର. ନଂ | ଘର ସଂଖ୍ୟା | ସଭ୍ୟା/ସଭ୍ୟଙ୍କ ନାମ | ପିତା/ ସ୍ୱାମୀ ଙ୍କ ନାମ | ଲିଙ୍ଗ | | ଜାତି (ଆଦିବାସୀ /ଅନ୍ୟ) | ମୋଟ୍ ପରିବାର ସଂଖ୍ୟା | ମୁଖ୍ୟ ଜୀବିକା | କ୍ଲଷ୍ଟର୍ ଅଞ୍ଚଳ ମଧ୍ୟରେ ଥିବା ମୋଟ୍ ଜମିର ପରିମାଣ (ଏକର) | | | | | ମୋଟ ଜଳ ସେଚିତ ଜମି (ଏକର) | ସଭ୍ୟା/ ସଭ୍ୟଙ୍କ ଦସ୍ତଖତ |
| | | | | ପୁ | ମ | | | | ଆଇ.ଏଫ୍. ଆର. ଜମି | ଅନ୍ୟ ଜମି | | | ମୋଟ୍ ଜମି | | |
| | | | | | | | | | | ପତିତ | ପଡିଆ | ଚାଷ ହେଉଥିବା | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| | | | | | | | | | | | | | | | |

| ଜନଜାତି ଜୀବିକା ପରିଷଦ କାର୍ଯ୍ୟ ନିର୍ବାହୀ ପରିଷଦ (ଏକ୍ସେକ୍ୟୁଟିବ ବଡି) ର ସଭ୍ୟା / ସଭ୍ୟ ସମ୍ପର୍କିତ ତଥ୍ୟ | | | | | | | | | |
|---|---|---|---|---|---|---|---|---|---|
| କ୍ର. ନଂ | ଘର ସଂଖ୍ୟା | ସଭ୍ୟା/ ସଭ୍ୟଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ପଦବୀ (ସଭାପତି, ସମ୍ପାଦିକା/ସମ୍ପାଦ, ସଭ୍ୟା/ସଭ୍ୟ) | ଚୟନ ତାରିଖ | ଫୋନ୍ ନଂ. | ସଭ୍ୟା/ସଭ୍ୟଙ୍କ ଦସ୍ତଖତ / ଟିପଚିହ୍ନ |
| | | | | ପୁରୁଷ | ମହିଳା | | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | 10 |
| | | | | | | | | | |

*ସର୍ବ ମୋଟ୍ ୧୧ ଅଥବା ୧୩ ଜଣ ସଭ୍ୟା / ସଭ୍ୟ ରହିପାରିବେ, ଯେଉଁଥିରେ ଅନ୍ୟୁନ ୫୦ ପ୍ରତିଶତ ମହିଳା ରହିବେ ।

## ୫.୨. ଜେଜେପି ସାଧାରଣ ପରିଷଦର ସଭା ବହି:

ଜେଜେପିର ସାଧାରଣ ପରିଷଦରେ କ୍ଲଷ୍ଟର ଅଞ୍ଚଳ/ଗାଁର ସମସ୍ତ ଆଦିବାସୀ ପରିବାରର ସଦସ୍ୟା/ସଦସ୍ୟ ହିସାବରେ ଅନ୍ତର୍ଭୁକ୍ତ । ଜେଜେପିର ଗଠନ ସମୟରେ ଜେଜେପିର ସଦସ୍ୟା/ସଦସ୍ୟ ତାଲିକା ପ୍ରସ୍ତୁତ କରାଯଇଥାଏ ଏବଂ ଏହି ତାଲିକାର ଅନ୍ତର୍ଭୁକ୍ତ ସମସ୍ତ ସଦସ୍ୟା/ସଦସ୍ୟ ଜେଜେପିର ସାଧାରଣ ପରିଷଦର ସଭ୍ୟା ସଭ୍ୟ ଅଟନ୍ତି । ଜେଜେପି ସାଧାରଣ ପରିଷଦର ସଭା ଅତିକମରେ ବର୍ଷକୁ ଥରେ ବସିଥାଏ । ଦୈନ୍ୟନ୍ଦିନ କାର୍ଯ୍ୟକ୍ରମ ଯେପରିକି, ବିଭିନ୍ନ ଯୋଜନା ପ୍ରସ୍ତୁତି, ଯୋଜନାର କାର୍ଯ୍ୟକାରିତା, କାର୍ଯ୍ୟକ୍ରମର ତଦାରଖ ଓ ଦେଖାଶୁଣା ଇତ୍ୟାଦି ନିମନ୍ତେ ଜେଜେପି ସାଧାରଣ ପରିଷଦ ଏହାଦ୍ୱାରା ୧୧ ରୁ ୧୩ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏକ କାର୍ଯ୍ୟନିର୍ବାହୀ ପରିଷଦକୁ ନିୟୋଜିତ କରିଥାଏ ।

ଜେଜେପି ସାଧାରଣ ପରିଷଦ ସଭା ବହିରେ ସାଧାରଣ ପରିଷଦ ସଭାର ସମସ୍ତ ଅଲୋଚନା ଓ ନିଷ୍ପତି ଗୁଡିକ ପୁଙ୍ଖାନୁ ପୁଙ୍ଖ ଭାବେ ଲେଖାଯାଏ । ଜେଜେପି ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟା/ସଦସ୍ୟ ତଥା ଜନଜାତି ଜୀବିକା ସାଥି (ଜେଜେଏସ) ବୈଠକ ଖାତାରେ ଲିଖିତ ଏହି ବିବରଣୀକୁ ପଢିଶୁଣିଲା ପରେ ନିଷ୍ପତ୍ତି ଗୁଡିକୁ ପାରିତ କରିବାପୂର୍ବକ ସ୍ୱାକ୍ଷର କରିବେ ।

| ସଭା ବିବରଣୀ | | | |
|---|---|---|---|
| ସାଧାରଣ ପରିଷଦ ବୈଠକ ସଂଖ୍ୟା /ନଂ : | | ସ୍ଥାନ : | |
| ତାରିଖ : | | ସମୟ : | |
| | | | |
| ଆଲଚ୍ୟ ବିଷୟବସ୍ତୁ: | | | |
| ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତି ଗୁଡିକ ଉପରେ ପଦକ୍ଷେପ | | | |
| କ୍ର.ନଂ | ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତି / ଯୋଜନା କରାଯାଇଥିବା କାର୍ଯ୍ୟକ୍ରମ | ନିଷ୍ପତ୍ତିର କାର୍ଯ୍ୟକାରିତା ଓ କାର୍ଯ୍ୟକ୍ରମର ବର୍ତ୍ତମାନ ସ୍ଥିତି | |
| | | | |
| ଚଳିତ ବୈଠକର ଆଲୋଚନା, କାର୍ଯ୍ୟ ବଣ୍ଟନ ଏବଂ ଅନ୍ୟାନ୍ୟ ନିସ୍ପତି | | | |
| କ୍ର.ନଂ | ଆଲଚ୍ୟ ବିଷୟ / ଯୋଜନା କରାଯାଇଥିବା କାର୍ଯ୍ୟକ୍ରମ | ସର୍ବ ସମ୍ମତି କ୍ରମେ ନିଆଯାଇଥିବା ନିଷ୍ପତ୍ତି | |
| | | | |
| | | | |
| ସଭାପତିଙ୍କ ସ୍ୱାକ୍ଷର | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | |
| ଉପସ୍ଥିତ ସାଧାରଣ ପରିଷଦର ସଦସ୍ୟା/ସଦସ୍ୟ ମାନଙ୍କ ସ୍ୱାକ୍ଷର | | | |
| | | | |

## ୫.୩. ଜେଜେପି କାର୍ଯ୍ୟନିର୍ବାହୀ ପରିଷଦର ସଭା ବହି:

କ୍ଲଷ୍ଟର ଅଞ୍ଚଳରେ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ସହିତ ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମର ସଠିକ୍ ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ତଦାରଖ/ଦେଖାଶୁଣା ପାଇଁ "ଜେଜେପି କାର୍ଯ୍ୟନିର୍ବାହୀ ପରିଷଦ" ପ୍ରତି ମାସରେ ଥରେ ସଭା (ମିଟିଙ୍ଗ) କରିବେ । କାର୍ଯ୍ୟନିର୍ବାହୀ ପରିଷଦ ଏହି ବୈଠକରେ କ୍ଲଷ୍ଟର ବିକାଶ ଯୋଜନା, ହିତାଧିକାରୀ ଚୟନ, ଯୋଜନାର କାର୍ଯ୍ୟକାରିତା ଏବଂ ଦେଖାଶୁଣା, ଅନ୍ୟ ସରକାରୀ ବିଭାଗ ସହ ସମନ୍ୱୟ, ଉତ୍ପାଦ ଗୁଡିକର ସଠିକ ମୂଲ୍ୟରେ ବିକ୍ରୟ, ତଥା ସମ୍ପତ୍ତିର ରକ୍ଷଣାବେକ୍ଷଣ ଇତ୍ୟାଦି ଉପରେ ଆଲୋଚନା କରିବ । କାର୍ଯ୍ୟନିର୍ବାହୀ ପରିଷଦ ବୈଠକର ସମସ୍ତ ଆଲୋଚନା ଏବଂ ନିଷ୍ପତ୍ତି ସଭା ବହି (ରିଜୋଲ୍ୟୁସନ୍ ରେଜିଷ୍ଟର)ରେ ରେକର୍ଡ ହେବ ଏବଂ କାର୍ଯ୍ୟନିର୍ବାହୀ ପରିଷଦର ଉପସ୍ଥିତ ସମସ୍ତ ସଦସ୍ୟା / ସଦସ୍ୟ ତଥା ଜେଜେଏସ୍ ଏଥିରେ ଦସ୍ତଖତ କରିବେ ।

| ସଭା ବିବରଣୀ | | |
|---|---|---|
| କାର୍ଯ୍ୟକାରୀ ପରିଷଦ ବୈଠକ ସଂଖ୍ୟା /ନଂ : | | ସ୍ଥାନ : |
| ତାରିଖ : | | ସମୟ : |
| ଆଲଚ୍ୟ ବିଷୟବସ୍ତୁ: | | |
| ପୂର୍ବ ମାସରେ ନିଆଯାଇଥିବା ନିଷ୍ପତି ଗୁଡିକ ଉପରେ ପଦକ୍ଷେପ | | |
| କ୍ର.ନଂ | ପୂର୍ବ ମାସରେ ନିଆଯାଇଥିବା ନିଷ୍ପତ୍ତି / ଯୋଜନା କରାଯାଇଥିବା କାର୍ଯ୍ୟକ୍ରମ | ନିଷ୍ପତ୍ତିର କାର୍ଯ୍ୟକାରିତା ଓ କାର୍ଯ୍ୟକ୍ରମର ବର୍ତ୍ତମାନ ସ୍ଥିତି |
| | | |

| ଚଳିତ ମାସର ଆଲୋଚନା, କାର୍ଯ୍ୟ ବଣ୍ଟନ ଏବଂ ଅନ୍ୟାନ୍ୟ ନିଷ୍ପତି | | | |
|---|---|---|---|
| କ୍ର.ନଂ | ଆଲଚ୍ୟ ବିଷୟ / ଚଳିତ ମାସ ନିମନ୍ତେ ଯୋଜନା କରାଯାଇଥିବା କାର୍ଯ୍ୟକ୍ରମ | ସର୍ବ ସମ୍ମତି କ୍ରମେ ନିଆଯାଇଥିବା ନିଷ୍ପତ୍ତି | |
| | | | |
| କାର୍ଯ୍ୟକାରୀ ପରିଷଦର ସଦସ୍ୟା/ସଦସ୍ୟ ମାନଙ୍କ ସ୍ୱାକ୍ଷର | | | |
| | | | |
| ଅନ୍ୟ ସଦସ୍ୟା/ସଦସ୍ୟ ମାନଙ୍କ ସ୍ୱାକ୍ଷର | | | |
| | | | |
| | | | |
| ସଭାପତିଙ୍କ ସ୍ୱାକ୍ଷର | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | |

## ୫.୪. କ୍ଲଷ୍ଟର ଯୋଜନା ବହି:

କ୍ଲଷ୍ଟର ଯୋଜନା ବହି, କ୍ଲଷ୍ଟରର ଜୀବିକା ବିକାଶ ଯୋଜନା (ଫାର୍ମ, ଅଫ୍-ଫାର୍ମ ଏବଂ ନନ୍ -ଫାର୍ମ) ସମ୍ବନ୍ଧୀୟ ସମସ୍ତ ସୂଚନାକୁ ଅନ୍ତର୍ଭୁକ୍ତ କରେ । ବ୍ୟକ୍ତିଗତ, ପରିବାର ତଥା ଗୋଷ୍ଠୀ ସ୍ତରର ସମସ୍ତ ଯୋଜନା ଏବଂ ପ୍ରସ୍ତାବିତ କାର୍ଯ୍ୟକ୍ରମଗୁଡ଼ିର ସବିଶେଷ ତଥ୍ୟ ଏହି କ୍ଲଷ୍ଟର ଯୋଜନା ବହିରୁ ମିଳିଥାଏ । ସହଜରେ ବୁଝିପାରିବା ତଥା ସଠିକ୍ ସମୟରେ କାର୍ଯ୍ୟକାରୀ କରାଇବା ନିମନ୍ତେ ବାର୍ଷିକ ଯୋଜନା ଏବଂ କୃଷିଋତୁ (ବର୍ଷାଦିନିଆ ଫସଲ, ଶୀତଦିନିଆ ଫସଲ, ଖରା ଦିନିଆ ଫସଲ ଓ ବହୁବର୍ଷ ନିମନ୍ତେ ଫସଲ) ଅନୁଯାୟୀ ଯୋଜନାଗୁଡିକୁ ପ୍ରଥମରୁ ପୃଥକ୍ ପୃଥକ୍ ଭାବେ ଲେଖାଯଇଥାଏ । ଜନଜାତି ଜୀବିକା ସାଥି (ଜେଜେଏସ୍), ଫସଲ ଯୋଜନା, ଜଳସେଚନ ଯୋଜନା, ଜମି ବିକାଶ ଯୋଜନା, ପଶୁପାଳନ ବିକାଶ ଯୋଜନା, ଆଦିବାସୀ ଯୁବ ଉଦ୍ୟୋଗୀ ବିକାଶ ଯୋଜନା ଏବଂ ଆୟ ବୃଦ୍ଧି କାର୍ଯ୍ୟକ୍ରମ (ଆଇଜିଏ) ନିମନ୍ତେ ଯୋଜନା ଇତ୍ୟାଦି ପାଇଁ ଜେଜେପିର କାର୍ଯ୍ୟନିର୍ବାହୀ ପରିଷଦକୁ ସାହାଯ୍ୟ କରିବେ ଏବଂ ଏହିସବୁ କ୍ଲଷ୍ଟର ଯୋଜନାକୁ ରେକର୍ଡ କରିବେ ।

| କୃଷି ନିମନ୍ତେ ଯୋଜନା | | | | | | | | | | | | | | | ବର୍ଷ: ୨୦........ |
|---|---|---|---|---|---|---|---|---|---|---|---|---|---|---|---|
| କ୍ର.ନଂ | ଘର ସଂଖ୍ୟା | ସଭ୍ୟା/ସଭ୍ୟ/ଚାଷୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ବର୍ଷାଦିନିଆ (ଖରିଫ) ଫସଲ | | | | | | | | | |
| | | | | ପୁରୁଷ | ମହିଳା | ଫସଲର ନାମ (...........) | ଜମିର ପରିମାଣ (ଏକର) | ଫସଲର ନାମ (...........) | ଜମିର ପରିମାଣ (ଏକର) | ଫସଲର ନାମ (...........) | ଜମିର ପରିମାଣ (ଏକର) | ଫସଲର ନାମ (...........) | ଜମିର ପରିମାଣ (ଏକର) | ମୋଟ୍ ଜମିର ପରିମାଣ (ଏକର) | ଚାଷୀଙ୍କ ଦସ୍ତଖତ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| | | | | | | | | | | | | | | | |
| ମୋଟ୍ | | | | | | | | | | | | | | | |
| | | | | | | | | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | | | | | |

| କୃଷି ନିମନ୍ତେ ଯୋଜନା | | | | | | | | | | | | | | | ବର୍ଷ: ୨୦........ |
|---|---|---|---|---|---|---|---|---|---|---|---|---|---|---|---|
| କ୍ର.ନଂ | ଘର ସଂଖ୍ୟା | ସଭ୍ୟା/ସଭ୍ୟ/ଚାଷୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ଶୀତଦିନିଆ (ରବି) ଫସଲ | | | | | | | | | |
| | | | | ପୁରୁଷ | ମହିଳା | ଫସଲର ନାମ (..........) | ଜମିର ପରିମାଣ (ଏକର) | ଫସଲର ନାମ (..........) | ଜମିର ପରିମାଣ (ଏକର) | ଫସଲର ନାମ (..........) | ଜମିର ପରିମାଣ (ଏକର) | ଫସଲର ନାମ (..........) | ଜମିର ପରିମାଣ (ଏକର) | ମୋଟ୍ ଜମିର ପରିମାଣ (ଏକର) | ଚାଷୀଙ୍କ ଦସ୍ତଖତ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| | | | | | | | | | | | | | | | |
| | | | | | | | | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | | | | | |

## କୃଷି ନିମନ୍ତେ ଯୋଜନା   ବର୍ଷ: ୨୦.......

| କ୍ର.ନଂ | ଘର ସଂଖ୍ୟା | ସଭ୍ୟା/ସଭ୍ୟ/ଚାଷୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ଖରା ଦିନିଆ (ସମର)ଫସଲ | | | | | | ବହୁ ବର୍ଷର ଫସଲ | | ଚାଷୀଙ୍କ ଦସ୍ତଖତ |
|---|---|---|---|---|---|---|---|---|---|---|---|---|---|---|
| | | | | ପୁରୁଷ | ମହିଳା | ଫସଲର ନାମ (..........) | ଜମିର ପରିମାଣ (ଏକର) | ଫସଲର ନାମ (..........) | ଜମିର ପରିମାଣ (ଏକର) | ଫସଲର ନାମ (..........) | ମୋଟ୍ ଜମିର ପରିମାଣ (ଏକର) | ଫସଲର ନାମ (..........) | ଜମିର ପରିମାଣ (ଏକର) | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| | | | | | | | | | | | | | | |
| ମୋଟ୍ | | | | | | | | | | | | | | |

ସଭାପତିଙ୍କ ସ୍ୱାକ୍ଷର | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର

## ପଶୁପାଳନ (ଛେଳି ଓ କୁକୁଡା ଇତ୍ୟାଦି) ନିମନ୍ତେ ଯୋଜନା   ବର୍ଷ: ୨୦.......

| କ୍ର.ନଂ | ଘର ସଂଖ୍ୟା | ସଭ୍ୟା/ସଭ୍ୟ/ ଚାଷୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ପଶୁପାଳନର ପ୍ରକାର ଅନୁଯାୟୀ ଯୋଜନା | | | | | | | | ଚାଷୀଙ୍କ ଦସ୍ତଖତ |
|---|---|---|---|---|---|---|---|---|---|---|---|---|---|---|
| | | | | | | ୧ | | | | ୨ | | | | |
| | | | | ପୁରୁଷ | ମହିଳା | ପଶୁ ପାଳନର ପ୍ରକାର (...........) | ପଶୁଙ୍କ ସଂଖ୍ୟା | ଗୁହାଳ/ଭାଡି ନିମନ୍ତେ ଯୋଜନା (ପ୍ରକାର) | ଅନ୍ୟାନ୍ୟ ଯୋଜନା (ସ୍ୱାସ୍ଥ୍ୟ/ ଟିକାକାରଣ) | ପଶୁ ପାଳନର ପ୍ରକାର (...........) | ପଶୁଙ୍କ ସଂଖ୍ୟା | ଗୁହାଳ/ଭାଡି ନିମନ୍ତେ ଯୋଜନା (ପ୍ରକାର) | ଅନ୍ୟାନ୍ୟ ଯୋଜନା (ସ୍ୱାସ୍ଥ୍ୟ/ ଟିକାକାରଣ) | |
| ୧ | ୨ | ୩ | ୪ | ୫ | | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| | | | | | | | | | | | | | | |
| ମୋଟ୍ | | | | | | | | | | | | | | |

ସଭାପତିଙ୍କ ସ୍ୱାକ୍ଷର | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର

## ଜମି ଉନ୍ନତିକରଣ ସମ୍ପର୍କିତ ଯୋଜନା   ବର୍ଷ:୨୦.......

| କ୍ର.ନଂ | ଘର ସଂଖ୍ୟା | ସଭ୍ୟା/ସଭ୍ୟ/ ଚାଷୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ଆଇ.ଏଫ୍.ଆର. ଜମି (IFR Land) | | ପତିତ ଜମି (Waste Land) | | ପଡିଆ ଜମି (Fallow Land) | | ଅନ୍ୟାନ୍ୟ ଜମି (Other Land) | | ଜମି ଉନ୍ନତିକରଣ ନିମନ୍ତେ ମୋଟ ଜମି | ଚାଷୀଙ୍କ ଦସ୍ତଖତ |
|---|---|---|---|---|---|---|---|---|---|---|---|---|---|---|---|
| | | | | ପୁରୁଷ | ମହିଳା | ଜମି ଉନ୍ନତିକରଣ କାର୍ଯ୍ୟର ପ୍ରକାର | ଜମିର ପରିମାଣ (ଏକର) | ଜମି ଉନ୍ନତିକରଣ କାର୍ଯ୍ୟର ପ୍ରକାର | ଜମିର ପରିମାଣ (ଏକର) | ଜମି ଉନ୍ନତିକରଣ କାର୍ଯ୍ୟର ପ୍ରକାର | ଜମିର ପରିମାଣ (ଏକର) | ଜମି ଉନ୍ନତିକରଣ କାର୍ଯ୍ୟର ପ୍ରକାର | ଜମିର ପରିମାଣ (ଏକର) | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| | | | | | | | | | | | | | | | |
| ମୋଟ୍ | | | | | | | | | | | | | | | |

ସଭାପତିଙ୍କ ସ୍ୱାକ୍ଷର | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର

## ଜଳସେଚନ ନିମନ୍ତେ ବ୍ୟକ୍ତିଗତ ଭିତ୍ତିଭୂମୀ/ ସମ୍ପତ୍ତିର ସୃଷ୍ଟି/ଉନ୍ନତିକରଣ ସମ୍ପର୍କିତ ଯୋଜନା   ବର୍ଷ:୨୦.......

| କ୍ର.ନଂ | ଘର ସଂଖ୍ୟା | ସଭ୍ୟା/ସଭ୍ୟ/ ଚାଷୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ଯୋଜନା – ୧ | | | | ଯୋଜନା – ୨ | | | | ଜମି ଉନ୍ନତିକରଣ ନିମନ୍ତେ ମୋଟ ଜମି | ସଭ୍ୟା/ସଭ୍ୟ/ ଚାଷୀଙ୍କ ଦସ୍ତଖତ / ଟିପଚିହ୍ନ |
|---|---|---|---|---|---|---|---|---|---|---|---|---|---|---|---|
| | | | | ପୁରୁଷ | ମହିଳା | ଜଳସେଚନ ଭିତ୍ତିଭୂମୀ/ ସମ୍ପତ୍ତିର ପ୍ରକାର | ଆନୁମାନିକ ମୋଟ ଖର୍ଚ୍ଚ (ଟଙ୍କା) | ଏମ୍. ଏମ୍. ଜେ .ଜେ. ଏମ୍. ରୁ ଆଶାକରା ଯାଉଥିବା ଖର୍ଚ୍ଚ | ଜଳସେଚିତ ହେବାକୁ ଥିବା ଜମିର ପରିମାଣ (ଏକର) | ଜଳସେଚନ ଭିତ୍ତିଭୂମୀ / ସମ୍ପତ୍ତିର ପ୍ରକାର | ଆନୁମାନିକ ମୋଟ ଖର୍ଚ୍ଚ (ଟଙ୍କା) | ଏମ୍. ଏମ୍. ଜେ .ଜେ. ଏମ୍. ରୁ ଆଶାକରା ଯାଉଥିବା ଖର୍ଚ୍ଚ | ଜଳସେଚିତ ହେବାକୁ ଥିବା ଜମିର ପରିମାଣ (ଏକର) | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| | | | | | | | | | | | | | | | |
| ମୋଟ୍ | | | | | | | | | | | | | | | |

ସଭାପତିଙ୍କ ସ୍ୱାକ୍ଷର | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର

| ଜନଜାତି ଯୁବ ଉଦ୍ୟୋଗୀ ବିକାଶ ନିମନ୍ତେ ଯୋଜନା | | | | | | | ବର୍ଷ:୨୦........ | |
|---|---|---|---|---|---|---|---|---|
| କ୍ର.ନଂ | ଘର ସଂଖ୍ୟା | ପ୍ରସ୍ତାବିତ ଯୁବଉଦ୍ୟୋଗୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ପ୍ରସ୍ତାବିତ ଉଦ୍ୟୋଗର ପ୍ରକାର | ଉଦ୍ୟୋଗ ସମ୍ପର୍କିତ ପୂର୍ବ ଅଭିଜ୍ଞତା | ପ୍ରସ୍ତାବିତ ଯୁବଉଦ୍ୟୋଗୀଙ୍କ ଦସ୍ତଖତ / ଟିପଚିହ୍ନ |
| | | | | ପୁରୁଷ | ମହିଳା | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| | | | | | | | | |
| ମୋଟ୍ | | | | | | | | |
| | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | |

| ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ ନିମନ୍ତେ ଯୋଜନା | | | | | | | ବର୍ଷ:୨୦........ | |
|---|---|---|---|---|---|---|---|---|
| କ୍ର.ନଂ | ଘର ସଂଖ୍ୟା | ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତାବିତ ହିତାଧିକାରୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ପ୍ରସ୍ତାବିତ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମର ପ୍ରକାର | ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ ସମ୍ପର୍କିତ ପୂର୍ବ ଅଭିଜ୍ଞତା | ପ୍ରସ୍ତାବିତ ହିତାଧିକାରୀଙ୍କ ଦସ୍ତଖତ / ଟିପଚିହ୍ନ |
| | | | | ପୁରୁଷ | ମହିଳା | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| | | | | | | | | |
| ମୋଟ୍ | | | | | | | | |
| | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | |

| ଅନ୍ୟାନ୍ୟ ବିକାଶ ନିମନ୍ତେ ଯୋଜନା | | | | | | | ବର୍ଷ:୨୦........ | |
|---|---|---|---|---|---|---|---|---|
| କ୍ର.ନଂ | ଘର ସଂଖ୍ୟା | ସଭ୍ୟା/ସଭ୍ୟ/ ଚାଷୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ବିକାଶ କାର୍ଯ୍ୟକ୍ରମର ପ୍ରକାର | ପରିମାଣ | ସଭ୍ୟା/ସଭ୍ୟ/ ଚାଷୀଙ୍କ ଦସ୍ତଖତ / ଟିପଚିହ୍ନ |
| | | | | ପୁରୁଷ | ମହିଳା | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| | | | | | | | | |
| ମୋଟ୍ | | | | | | | | |
| | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | |

| ଗୋଷ୍ଠୀ ସ୍ତରରେ ଯୋଜନା କରାଯାଇଥିବା କାର୍ଯ୍ୟକ୍ରମ | | | | | | | ବର୍ଷ:୨୦........ | |
|---|---|---|---|---|---|---|---|---|
| କ୍ର.ନଂ | କାର୍ଯ୍ୟକ୍ରମର ପ୍ରକାର | ପରିମାଣ | କାର୍ଯ୍ୟକ୍ରମରୁ ମିଳିବାକୁ ଥିବା ଲାଭ | ଉପକୃତ ହେବାକୁ ଥିବା ପରିବାର ସଂଖ୍ୟା | | ଉପକୃତ ହେବାକୁ ଥିବା ଜମିର ପରିମାଣ (ଏକର) | ଆନୁମାନିକ ଖର୍ଚ୍ଚ | ମନ୍ତବ୍ୟ |
| | | | | ପୁରୁଷ | ମହିଳା | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| | | | | | | | | |
| ମୋଟ୍ | | | | | | | | |
| | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | |

## ୫.୫. ହିତାଧିକାରୀ ଖାତା (ସମସ୍ତ ପ୍ରକାରର ହିତାଧିକାରୀ):

ହିତାଧିକାରୀ ଖାତାରେ, ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିସନ୍ କାର୍ଯ୍ୟକ୍ରମରୁ ସିଧାସଳଖ କିମ୍ବା ପରୋକ୍ଷ ଭାବରେ (କନଭର୍ଜେନ୍ସ ମାଧ୍ୟମରେ) ପାଇଥିବା ସମସ୍ତ ସାହାଯ୍ୟ ସହଯୋଗ ସମ୍ପର୍କିତ ତଥ୍ୟ ଲେଖାଯାଇଥାଏ । ହିତାଧିକାରୀମାନେ ଯେକୌଣସି ସହାୟତା ଗ୍ରହଣ କରିବାର ତାରିଖ ଓ ସମୟରେହିଁ ଏଥି ସମ୍ପର୍କିତ ସମସ୍ତ ତଥ୍ୟ ଲେଖାଯାଇଥାଏ ଓ ହିତାଧିକାରୀ ଏଥିରେ ଦସ୍ତଖତ କରିଥାଆନ୍ତି । ସେହିଭଳି, ସମ୍ପତ୍ତି , ସାଧନ ଏବଂ ଉପକରଣ ଇତ୍ୟାଦୀ ହିତାଧିକାରୀଙ୍କୁ ହସ୍ତାନ୍ତର ହେବା ସମୟରେ ଏହି ଖାତାକୁ ସଙ୍ଗେ ସଙ୍ଗେ ଅଦ୍ୟତନ କରିବାକୁ ପଡେ ।

| ହିତାଧିକାରୀମାନଙ୍କ ତଥ୍ୟ: କୃଷି ନିମନ୍ତେ ସହାୟତା (ଇନ୍‌ପୁଟ୍ ସପୋର୍ଟ୍) ସମ୍ପର୍କିତ ତଥ୍ୟ — ବର୍ଷ:୨୦........ <br> କୃଷିଋତୁ: ବର୍ଷାଦିନିଆ ଫସଲ (ଖରିଫ କ୍ରପ୍) / ଶୀତଦିନିଆ ଫସଲ (ରବି କ୍ରପ୍) / ଖରା ଦିନିଆ ଫସଲ (ସମର କ୍ରପ୍) / ବହୁବର୍ଷ ନିମନ୍ତେ ଫସଲ (ପେରେନିଆଲ୍ କ୍ରପ୍) | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| କ୍ର.ନଂ | ଘର ସଂଖ୍ୟା | ଗ୍ରାମ | ହିତାଧିକାରୀଙ୍କ ନାମ | ପିତା/ ସ୍ୱାମୀଙ୍କ ନାମ | ଲିଙ୍ଗ | | ଫସଲର ନାମ | ଜମିର ପରିମାଣ (ଏକର) | କୃଷି ନିମନ୍ତେ ମିଳିଥିବା ସହାୟତା ସମଗ୍ରୀ ସବୁର ପରିମାଣ | | | | | | ହିତାଧିକାରୀଙ୍କ ଦସ୍ତଖତ / ଟିପଚିହ୍ନ |
| | | | | | ପୁରୁଷ | ମହିଳା | | | | | | | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| | | | | | | | | | | | | | | | |
| | | | | | | | | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | | | | | |

**ହିତାଧିକାରୀମାନଙ୍କ ତଥ୍ୟ: ଜଳସେଚନ ନିମନ୍ତେ ସହାୟତା ସମ୍ପର୍କିତ ତଥ୍ୟ** ବର୍ଷ:୨୦........

| କ୍ର.ନଂ | ଘର ସଂଖ୍ୟା | ଗ୍ରାମ | ହିତାଧିକାରୀଙ୍କ ନାମ | ପିତା/ ସ୍ୱାମୀଙ୍କ ନାମ | ଲିଙ୍ଗ | | ଜଳସେଚନ ନିମନ୍ତେ ପ୍ରସ୍ତୁତ ଭିତ୍ତିଭୂମୀ/ ସମ୍ପତ୍ତିର ପ୍ରକାର | ମୋଟ୍ ଅଟକଳ ମୁଲ୍ୟ | କାର୍ଯ୍ୟ ଆରମ୍ଭ ହେବାର ତାରିଖ | କାର୍ଯ୍ୟ ସମାପ୍ତ ହେବାର ତାରିଖ | ସମ୍ପତ୍ତି କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି (ହଁ /ନା) | ସମ୍ପତ୍ତି ହସ୍ତାନ୍ତର ହୋଇଛି (ହଁ /ନା) | ହିତାଧିକାରୀଙ୍କ ଦସ୍ତଖତ / ଟିପଚିହ୍ନ |
|---|---|---|---|---|---|---|---|---|---|---|---|---|---|
| | | | | | ପୁରୁଷ | ମହିଳା | | | | | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| | | | | | | | | | | | | | |
| ମୋଟ୍ | | | | | | | | | | | | | |

| ସଭାପତିଙ୍କ ସ୍ୱାକ୍ଷର | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର |
|---|---|---|

**ହିତାଧିକାରୀମାନଙ୍କ ତଥ୍ୟ: ଜମି ଉନ୍ନତିକରଣ ନିମନ୍ତେ ସହାୟତା ସମ୍ପର୍କିତ ତଥ୍ୟ** ବର୍ଷ:୨୦........

| କ୍ର.ନଂ | ଘର ସଂଖ୍ୟା | ଗ୍ରାମ | ହିତାଧିକାରୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ଜମି ଉନ୍ନତିକରଣ କାର୍ଯ୍ୟର ପ୍ରକାର | ମୋଟ୍ ଜମିର ପରିମାଣ (ଏକର) | ଜମିର ପ୍ରକାର* | କାର୍ଯ୍ୟ ଆରମ୍ଭ ହେବାର ତାରିଖ | କାର୍ଯ୍ୟ ସମାପ୍ତ ହେବାର ତାରିଖ | ହିତାଧିକାରୀଙ୍କ ଦସ୍ତଖତ / ଟିପଚିହ୍ନ |
|---|---|---|---|---|---|---|---|---|---|---|---|---|
| | | | | | ପୁରୁଷ | ମହିଳା | | | | | | |
| ୧ | ୨ | ୩ | ୪ | ୫ | ୬ | | ୭ | ୮ | ୯ | ୧୦ | ୧୧ | ୧୨ |
| | | | | | | | | | | | | |
| ମୋଟ୍ | | | | | | | | | | | | |
| | | | | | | | | | | | | |

| ସଭାପତିଙ୍କ ସ୍ୱାକ୍ଷର | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର |
|---|---|---|

****ଜମିର ପ୍ରକାର:*** *ଆଇ.ଏଫ୍.ଆର. ଜମି/ପଟିତ ଜମି/ପଡିଆ ଜମି/ ଅନ୍ୟ)*

**ହିତାଧିକାରୀମାନଙ୍କ ତଥ୍ୟ: ପଶୁପାଳନ ନିମନ୍ତେ ସହାୟତା ସମ୍ପର୍କିତ ତଥ୍ୟ** ବର୍ଷ:୨୦........

| କ୍ର.ନଂ | ଘର ସଂଖ୍ୟା | ଗ୍ରାମ | ହିତାଧିକାରୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ପଶୁପାଳନ ନିମନ୍ତେ ମିଳିଥିବା ସହାୟତାର ପ୍ରକାର | ସହାୟତାର ପରିମାଣ | ସହାୟତା ମିଳିବାର ତାରିଖ | ହିତାଧିକାରୀଙ୍କ ଦସ୍ତଖତ / ଟିପଚିହ୍ନ |
|---|---|---|---|---|---|---|---|---|---|---|
| | | | | | ପୁରୁଷ | ମହିଳା | | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | | | | | | | | | | |
| ମୋଟ୍ | | | | | | | | | | |

| ସଭାପତିଙ୍କ ସ୍ୱାକ୍ଷର | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର |
|---|---|---|

**ହିତାଧିକାରୀମାନଙ୍କ ତଥ୍ୟ: ଜନଜାତି ଯୁବ ଉଦ୍ୟୋଗୀ ବିକାସ ନିମନ୍ତେ ସହାୟତା ସମ୍ପର୍କିତ ତଥ୍ୟ** ବର୍ଷ:୨୦........

| କ୍ର.ନଂ | ଘର ସଂଖ୍ୟା | ଗ୍ରାମ | ହିତାଧିକାରୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ଉଦ୍ୟୋଗର ପ୍ରକାର | ମିଳିଥିବା ମୋଟ୍ ସହାୟତା ରାସି (ଟଙ୍କା) | ଶେଷ ପର୍ଯ୍ୟାୟ ସହାୟତା ରାଶି ମିଳିବାର ତାରିଖ | ଉଦ୍ୟୋଗ / କାର୍ଯ୍ୟକ୍ରମ କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି (ହଁ /ନା) | ହିତାଧିକାରୀଙ୍କ ଦସ୍ତଖତ / ଟିପଚିହ୍ନ |
|---|---|---|---|---|---|---|---|---|---|---|---|
| | | | | | ପୁରୁଷ | ମହିଳା | | | | | |
| ୧ | ୨ | | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | | | | | | | | | | | |
| ମୋଟ୍ | | | | | | | | | | | |

| ସଭାପତିଙ୍କ ସ୍ୱାକ୍ଷର | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର |
|---|---|---|

**ହିତାଧିକାରୀମାନଙ୍କ ତଥ୍ୟ: ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ (IGA )ନିମନ୍ତେ ସହାୟତା ସମ୍ପର୍କିତ ତଥ୍ୟ** ବର୍ଷ:୨୦........

| କ୍ର.ନଂ | ଘର ସଂଖ୍ୟା | ଗ୍ରାମ | ହିତାଧିକାରୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | କି ପ୍ରକାରର ହିତାଧିକାରୀ (ଭୂମିହୀନ / ଏକାକିନୀ ମହିଳା/ ଦିବ୍ୟାଙ୍ଗ ଇତ୍ୟାଦି ) | ଆୟ ସୃଷ୍ଟିକାରୀ କାର୍ଯ୍ୟର ପ୍ରକାର | ମିଳିଥିବା ମୋଟ୍ ସହାୟତା ରାସି (ଟଙ୍କା) | ଶେଷ ପର୍ଯ୍ୟାୟ ସହାୟତା ରାଶି ମିଳିବାର ତାରିଖ | କାର୍ଯ୍ୟକ୍ରମ କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି (ହଁ /ନା) | ହିତାଧିକାରୀଙ୍କ ଦସ୍ତଖତ / ଟିପଚିହ୍ନ |
|---|---|---|---|---|---|---|---|---|---|---|---|---|
| | | | | | ପୁରୁଷ | ମହିଳା | | | | | | |
| ୧ | ୨ | | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| | | | | | | | | | | | | |
| ମୋଟ୍ | | | | | | | | | | | | |

| ସଭାପତିଙ୍କ ସ୍ୱାକ୍ଷର | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର |
|---|---|---|

| ହିତାଧିକାରୀମାନଙ୍କ ତଥ୍ୟ: ଅନ୍ୟାନ୍ୟ ସହାୟତା (ଯଦି କିଛି ଥାଏ) ସମ୍ପର୍କିତ ତଥ୍ୟ | | | | | | | | ବର୍ଷ:୨୦........ | |
|---|---|---|---|---|---|---|---|---|---|
| କ୍ର.ନଂ | ଘର ସଂଖ୍ୟା | ଗ୍ରାମ | ହିତାଧିକାରୀଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଲିଙ୍ଗ | | ସହାୟତାର ପ୍ରକାର | ସହାୟତାର ପରିମାଣ | ହିତାଧିକାରୀଙ୍କ ଦସ୍ତଖତ / ଟିପଚିହ୍ନ |
| | | | | | ପୁରୁଷ | ମହିଳା | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| | | | | | | | | | |
| ମୋଟ୍ | | | | | | | | | |
| | | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | | |

## ୫.୬ ଉତ୍ପାଦନ ଏବଂ ବଜାରୀକରଣ (ବିକ୍ରୟ) ଖାତା:

ଏହି ରେଜିଷ୍ଟର ଫସଲ ଉତ୍ପାଦନ, ପଶୁପାଳନରୁ ଉତ୍ପାଦନ, ଅମଳରେ ପାର୍ଥକ୍ୟ (ଯଦି ଥାଏ), ବିକ୍ରୟ ମୂଲ୍ୟରେ (ଯଦି ଥାଏ) ଏବଂ ହିତାଧିକାରୀଙ୍କ ଆୟ ସମ୍ବନ୍ଧୀୟ ସୂଚନାକୁ ଅନ୍ତର୍ଭୁକ୍ତ କରେ । ପ୍ରତ୍ୟେକ କୃଷି ଋତୁ ଶେଷରେ କିମ୍ବା ଅଧା ବାର୍ଷିକ ଭାବରେ (ଯାହା ପୂର୍ବରୁ ଆସେ) ଏହି ଖାତା ଅଦ୍ୟତନ କରିବା ନିମନ୍ତେ ଜନଜାତି ଜୀବିକା ସାଥି (ଜେ.ଜେ.ଏସ), ଜେଜେପିର କାର୍ଯ୍ୟନିର୍ବାହୀ ପରିଷଦକୁ ସାହାଯ୍ୟ କରିବେ ।

| କୃଷି ଉତ୍ପାଦନ ଓ ବିକ୍ରୟ ସମ୍ପର୍କିତ ତଥ୍ୟ ବର୍ଷ:୨୦........ | | | | | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| କୃଷିଋତୁ: ବର୍ଷାଦିନିଆ ଫସଲ (ଖରିଫ କ୍ରପ୍) / ଶୀତଦିନିଆ ଫସଲ (ରବି କ୍ରପ୍) / ଖରା ଦିନିଆ ଫସଲ (ସମର କ୍ରପ୍) / ବହୁବର୍ଷ ନିମନ୍ତେ ଫସଲ (ପେରେନିଆଲ୍ କ୍ରପ୍) | | | | | | | | | | | | | | | | | | | | | |
| କ୍ର. ନଂ | ଘର ସଂଖ୍ୟା | ଗ୍ରାମ | ସଭ୍ୟା/ସଭ୍ୟ/ ଚାଷୀଙ୍କ ନାମ | ପିତା/ ସ୍ୱାମୀଙ୍କ ନାମ | ଲିଙ୍ଗ | | ବିଭିନ୍ନ ଫସଲ ଅନୁଯାୟୀ ଉତ୍ପାଦନ ଓ ବିକ୍ରୟ ସମ୍ପର୍କିତ ତଥ୍ୟ | | | | | | | | | | | | | | |
| | | | | | | | ଫସଲ – ୧: ........................ | | | | | ଫସଲ – ୨ : ........................ | | | | | ଫସଲ – ୩ : ........................ | | | | |
| | | | | | ପୁ | ମ | ଚାଷ ଜମିର ପରିମାଣ (ଏକର) | ମୋଟ୍ ଉତ୍ପାଦନ (କେଜି) | ମୋଟ୍ ବିକ୍ରୟ (କେଜି) | ମୋଟ୍ ବିକ୍ରୟ ମୂଲ୍ୟ (ଟଙ୍କା) | କେଉଁଠି ବିକିଛନ୍ତି | ଚାଷ ଜମିର ପରିମାଣ (ଏକର) | ମୋଟ୍ ଉତ୍ପାଦନ (କେଜି) | ମୋଟ୍ ବିକ୍ରୟ (କେଜି) | ମୋଟ୍ ବିକ୍ରୟ ମୂଲ୍ୟ (ଟଙ୍କା) | କେଉଁଠି ବିକିଛନ୍ତି | ଚାଷ ଜମିର ପରିମାଣ (ଏକର) | ମୋଟ୍ ଉତ୍ପାଦନ (କେଜି) | ମୋଟ୍ ବିକ୍ରୟ (କେଜି) | ମୋଟ୍ ବିକ୍ରୟ ମୂଲ୍ୟ (ଟଙ୍କା) | କେଉଁଠି ବିକିଛନ୍ତି |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| | | | | | | | | | | | | | | | | | | | | | |
| ମୋଟ୍ | | | | | | | | | | | | | | | | | | | | | |
| | | | | | | | | | | | | | | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | | | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | | | | | | | | | |

| ପଶୁପାଳନ (ଛେଳି ଓ କୁକୁଡା ଇତ୍ୟାଦି) ରୁ ମୋଟ୍ ଉତ୍ପାଦନ ଓ ବିକ୍ରୟ ସମ୍ପର୍କିତ ତଥ୍ୟ ବର୍ଷ:୨୦........ | | | | | | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| କ୍ର. ନଂ | ଘର ସଂଖ୍ୟା | ଗ୍ରାମ | ସଭ୍ୟା/ସଭ୍ୟ/ ଚାଷୀଙ୍କ ନାମ | ପିତା/ ସ୍ୱାମୀଙ୍କ ନାମ | ଲିଙ୍ଗ | | ବିଭିନ୍ନ ପ୍ରକାରର ପଶୁ ଓ ପକ୍ଷୀ ପାଳନ ଅନୁଯାୟୀ ଉତ୍ପାଦନ ଓ ବିକ୍ରୟ ସମ୍ପର୍କିତ ତଥ୍ୟ | | | | | | | | | | | | | | | ଚାଷୀଙ୍କ ଦସ୍ତଖତ |
| | | | | | | | ପଶୁର ପ୍ରକାର -୧: ........................ | | | | | ପଶୁର ପ୍ରକାର -୨: ........................ | | | | | ପଶୁର ପ୍ରକାର -୩: ........................ | | | | | |
| | | | | | ପୁ | ମ | କ୍ରୟ କରାଯାଇଥିବା ପଶୁଙ୍କ ସଂଖ୍ୟା | ବିକ୍ରି କରାଯାଇ ଥିବା ପଶୁଙ୍କ ସଂଖ୍ୟା | ମୋଟ୍ ବିକ୍ରୟ (କେଜି) | ମୋଟ୍ ବିକ୍ରୟ ମୂଲ୍ୟ (ଟଙ୍କା) | କେଉଁଠି ବିକିଛନ୍ତି | କ୍ରୟ କରାଯାଇଥିବା ପଶୁଙ୍କ ସଂଖ୍ୟା | ବିକ୍ରି କରାଯାଇଥିବା ପଶୁଙ୍କ ସଂଖ୍ୟା | ମୋଟ୍ ବିକ୍ରୟ (କେଜି) | ମୋଟ୍ ବିକ୍ରୟ ମୂଲ୍ୟ (ଟଙ୍କା) | କେଉଁଠି ବିକିଛନ୍ତି | କ୍ରୟ କରାଯାଇ ଥିବା ପଶୁଙ୍କ ସଂଖ୍ୟା | ବିକ୍ରି କରାଯାଇଥିବା ପଶୁଙ୍କ ସଂଖ୍ୟା | ମୋଟ୍ ବିକ୍ରୟ (କେଜି) | ମୋଟ୍ ବିକ୍ରୟ ମୂଲ୍ୟ (ଟଙ୍କା) | କେଉଁଠି ବିକିଛନ୍ତି | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| | | | | | | | | | | | | | | | | | | | | | | |
| | | | | | | | | | | | | | | | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | | | | | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | | | | | | | |

## ୫.୭. ସମ୍ପତ୍ତି ତଦାରଖ ଓ ଦେଖାଶୁଣା ନିମନ୍ତେ ରେଜିଷ୍ଟରः

ଏହି ରେଜିଷ୍ଟର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିସନ୍ ଅନ୍ତର୍ଗତ ସିଧାସଳଖ ସମର୍ଥନ ତଥା କନଭର୍ଜେନ୍ସ ମାଧ୍ୟମରେ ସୃଷ୍ଟି ହୋଇଥିବା ସମସ୍ତ ସମ୍ପତ୍ତି ର ସୂଚନା ରେକର୍ଡ କରେ ତଥା ସମ୍ପତ୍ତିର ବର୍ତ୍ତମାନର ସ୍ଥିତି ଏବଂ ଏହାର ହସ୍ତାନ୍ତର ସମ୍ପର୍କିତ ତଥ୍ୟକୁ ପ୍ରତିପାଦନ କରେ । ପ୍ରତ୍ୟେକ ସମ୍ପତ୍ତିର ହସ୍ତାନ୍ତର ପରେ ଓ ନିୟମିତ ଅର୍ଦ୍ଧବାର୍ଷିକ ଭାବରେ ଏହି ଖାତା ଅଦ୍ୟତନ କରିବା ନିମନ୍ତେ ଜନଜାତି ଜୀବିକା ସାଥି (ଜେଜେଏସ୍), ଜେଜେପିର କାର୍ଯ୍ୟନିର୍ବାହୀ ପରିଷଦକୁ ସାହାଯ୍ୟ କରିବେ ।

| ବ୍ୟକ୍ତିଗତ ସମ୍ପତ୍ତି ସମ୍ପର୍କିତ ତଥ୍ୟ | | | | | | | | | | | | | | | | | | ବର୍ଷ:୨୦....... | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|
| କ୍ର.ନଂ | ଘର ସଂଖ୍ୟା | ଗ୍ରାମ | ସଭ୍ୟା/ସଭ୍ୟ/ ଚାଷୀଙ୍କ ନାମ | ପିତା/ ସ୍ୱାମୀଙ୍କ ନାମ | ଲିଙ୍ଗ | | ସମ୍ପତ୍ତିର ପ୍ରକାର ଅନୁଯାୟୀ ତଥ୍ୟ | | | | | | | | | | | | |
| | | | | | | | ସମ୍ପତ୍ତିର ପ୍ରକାର -୧: ........................ | | | | ସମ୍ପତ୍ତିର ପ୍ରକାର -୨: ........................ | | | | ସମ୍ପତ୍ତିର ପ୍ରକାର -୩: ........................ | | | | |
| | | | | | ପୁ | ମ | ବିବରଣୀ | ମିଳୁଥିବା ଉପକାର | ହସ୍ତାନ୍ତର ହୋଇଛି (ହଁ /ନା) | କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି (ହଁ /ନା) | ବିବରଣୀ | ମିଳୁଥିବା ଉପକାର | ହସ୍ତାନ୍ତର ହୋଇଛି (ହଁ /ନା) | କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି (ହଁ /ନା) | ବିବରଣୀ | ମିଳୁଥିବା ଉପକାର | ହସ୍ତାନ୍ତର ହୋଇଛି (ହଁ /ନା) | କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି (ହଁ /ନା) | ଚାଷୀଙ୍କ ଦସ୍ତଖତ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୨ | ୧୩ | ୧୪ | ୧୫ | ୧୬ |
| | | | | | | | | | | | | | | | | | | | |
| | | | | | | | | | | | | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | | | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | | | | | | |

| ଗୋଷ୍ଠୀଗତ / ସାମୁଦାୟିକ ସମ୍ପତ୍ତି ସମ୍ପର୍କିତ ତଥ୍ୟ | | | | | | | | | | | | ବର୍ଷ:୨୦....... | | | | |
|---|---|---|---|---|---|---|---|---|---|---|---|---|---|---|---|---|
| କ୍ର.ନଂ | ଗ୍ରାମ | ସମ୍ପତ୍ତିର ପ୍ରକାର ଅନୁଯାୟୀ ତଥ୍ୟ | | | | | | | | | | | | | | |
| | | ସମ୍ପତ୍ତିର ପ୍ରକାର -୧: ........................ | | | | | ସମ୍ପତ୍ତିର ପ୍ରକାର -୨: ........................ | | | | | ସମ୍ପତ୍ତିର ପ୍ରକାର -୩: ........................ | | | | |
| | | ବିବରଣୀ | ମିଳୁଥିବା ଉପକାର | ହସ୍ତାନ୍ତର ହୋଇଛି (ହଁ /ନା) | କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି (ହଁ /ନା) | ମନ୍ତବ୍ୟ | ବିବରଣୀ | ମିଳୁଥିବା ଉପକାର | ହସ୍ତାନ୍ତର ହୋଇଛି (ହଁ /ନା) | କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି (ହଁ /ନା) | ମନ୍ତବ୍ୟ | ବିବରଣୀ | ମିଳୁଥିବା ଉପକାର | ହସ୍ତାନ୍ତର ହୋଇଛି (ହଁ /ନା) | କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି (ହଁ /ନା) | ମନ୍ତବ୍ୟ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| | | | | | | | | | | | | | | | | |
| | | | | | | | | | | | | | | | | |
| ସଭାପତିଙ୍କ ସ୍ୱାକ୍ଷର | | | | | | | ସମ୍ପାଦିକା/ସମ୍ପାଦକଙ୍କ ସ୍ୱାକ୍ଷର | | | | ଜନଜାତି ଜୀବିକା ସାଥିଙ୍କ ସ୍ୱାକ୍ଷର | | | | | |

# ଷଷ୍ଠ ବିଷୟ : ଜନଜାତି ଜୀବିକା ପରିଷଦ (JJP)ର ଗଠନ ନିମନ୍ତେ ନିର୍ଦ୍ଦେଶାବଳୀର ଓଡିଆ ଅନୁବାଦ

ଜନଜାତି ଜୀବିକା ପରିଷଦ (JJP)ର ଗଠନ ନିମନ୍ତେ ନିର୍ଦ୍ଦେଶାବଳୀ (ଗାଇଡଲାଇନ୍)
(ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍)
ରାଜ୍ୟ କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍ (SPMU)
ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ (MMJJM)
ଟିଡିକଲ୍ (TDCCOL) ବିଲ୍ଡିଂ, ୨ୟ ମହଲା, ରୁପାଲି ଛକ, ଭୋଇ ନାଗର,
ସହିଦ ନାଗର, ଭୁବନେଶ୍ୱର, ଓଡିଶା – ୭୫୧୦୨୨

## ୧ . ପୂର୍ବାବଲୋକନ :

ଓଡିଶାରେ ଆଦିବାସୀ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଆଦିବାସୀ ସମ୍ପ୍ରଦାୟର ନିରନ୍ତର ଜୀବିକା ନିର୍ବାହରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରି ଜନଜାତି ଜିଭିକା ମିଶନ୍ (MMJJM) କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ରାଜ୍ୟ ଯୋଜନା ଅଧୀନରେ ଅନୁଦାନ ପ୍ରାପ୍ତ ଏବଂ ଏହା ହେଉଛି ଅଦ୍ୟାବଧି ରାଜ୍ୟ ତରଫରୁ ହୋଇଥିବା ସର୍ବ ବୃହତ ସ୍ୱତନ୍ତ୍ର ଆଦିବାସୀ ଜୀବିକା ପ୍ରୋତ୍ସାହନ ପଦକ୍ଷେପ । ୨୦୨୩ – ୨୦୨୪ ରୁ ୨୦୨୫ – ୨୦୨୬ ପର୍ଯ୍ୟନ୍ତ ତିନି ବର୍ଷ ମଧ୍ୟରେ ଏହି ଯୋଜନାରେ ୧.୫ ଲକ୍ଷ ଆଦିବାସୀ ପରିବାରକୁ ସହାୟତା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି ଯେଉଁଥିରେ ରାଜ୍ୟର ୧୨୧ଟି ଟି.ଏସ୍.ପି. (ଆଦିବାସୀ ଉପ-ଯୋଜନା) ବ୍ଲକରେ ୫୦୦ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରାଯାଇଛି । ପ୍ରତ୍ୟେକ କ୍ଲଷ୍ଟର ଅଞ୍ଚଳରେ "ଜନଜାତି ଜୀବିକା ପରିଷଦ"(ଜେଜେପି)ର ଗଠନ, ସମ୍ପ୍ରଦାୟର ଅଂଶଗ୍ରହଣ, ମାଲିକାନା ଏବଂ ଜୀବିକା କ୍ଲଷ୍ଟରଗୁଡିକର ପ୍ରଭାବଶାଳୀ ପରିଚାଳନା ନିଶ୍ଚିତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ।

## ୨. ଉଦ୍ଦେଶ୍ୟ:

ଜୀବିକା କ୍ଲଷ୍ଟର ଅଧୀନରେ ହିତାଧିକାରୀମାନଙ୍କୁ "ଜନଜାତି ଜୀବିକା ପରିଷଦ" ନାମକ ଏକ ଗୋଷ୍ଠୀ ସଂଗଠନ ଭାବେ ଏକତ୍ର କରିବାର ଉଦ୍ଦେଶ୍ୟ:

**କ. ଆଦିବାସୀ କ୍ଷେତ୍ରରେ ସାମଗ୍ରିକ ତଥା ନିରନ୍ତର ଜୀବିକା ବିକାଶକୁ ପ୍ରୋତ୍ସାହିତ କରିବା:** ଏକ ଅନୌପଚାରିକ ଗୋଷ୍ଠୀ/ସାମୁହିକ ଅନୁଷ୍ଠାନ ଭାବରେ ଜେଜେପି ଜୀବିକା କ୍ଲଷ୍ଟରର ସଦସ୍ୟମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ଆକାଂକ୍ଷା ଉପରେ ଧ୍ୟାନ ଦେଇ ଅନ୍ତର୍ଭୂକ୍ତ, ସାମଗ୍ରିକ ତଥା ନିରନ୍ତର ଜୀବିକା ବିକାଶକୁ ବୃଦ୍ଧି କରିବ ।

**ଖ. ନିଷ୍ପତ୍ତି ପ୍ରକ୍ରିୟାରେ ସେମାନଙ୍କୁ ସିଧାସଳଖ ଜଡିତ କରି ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା:** ଜେଜେପି ଆଦିବାସୀ ସମ୍ପ୍ରଦାୟକୁ ସେମାନଙ୍କର ଜୀବିକା ସହିତ ଜଡିତ ନିଷ୍ପତ୍ତି ଏବଂ ସାମଗ୍ରିକ କ୍ଲଷ୍ଟର ବିକାଶ ପ୍ରକ୍ରିୟାରେ ସିଧାସଳଖ ଜଡିତ କରି ସଶକ୍ତ କରିବ ।

**ଗ. ବର୍ଦ୍ଧିତ ଉତ୍ପାଦକତା ଏବଂ ଆୟ ଉପାର୍ଜନ ପାଇଁ ଜୀବିକା କ୍ଲଷ୍ଟର ସୃଷ୍ଟି କରିବା ଏବଂ ଏହାର ପରିଚାଳନାକୁ ସୁଗମ କରିବା:** ଆଦିବାସୀ ସମ୍ପ୍ରଦାୟ ପାଇଁ ଉତ୍ପାଦକତା ଏବଂ ଆୟ ଉପାର୍ଜନ ସୁଯୋଗକୁ ବଢାଇବାକୁ ଲକ୍ଷ୍ୟ ରଖି ସୃଷ୍ଟି ହୋଇଥିବା ଜୀବିକା କ୍ଲଷ୍ଟର ତଥା ଏହାର ପରିଚାଳନାକୁ ସହଜ କରିବାରେ ଜେଜେପି ପ୍ରମୁଖ ଭୂମିକା ଗ୍ରହଣ କରିବ ।

**ଘ. କ୍ଲଷ୍ଟର ସଦସ୍ୟମାନଙ୍କ ମଧ୍ୟରେ ଲାଭର ସମାନ ବଣ୍ଟନକୁ ସୁନିଶ୍ଚିତ କରିବା:** ଜେଜେପି ସକ୍ରିୟ ଏବଂ ସମାନ ପ୍ରତିନିଧିତ୍ୱ ଉପରେ ଧ୍ୟାନ ଦେଇ ଜୀବିକା କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମର ଲାଭ ଏହାର ସମସ୍ତ ସଦସ୍ୟଙ୍କ ମଧ୍ୟରେ କିପରି ସମାନ ଭାବରେ ବଣ୍ଟନ ହୋଇପାରିବ ତାହା ନିଶ୍ଚିତ କରିବ ।

**ଙ. କ୍ଲଷ୍ଟରଗୁଡିକର ସାମଗ୍ରିକ ବିକାଶ ପାଇଁ ସମ୍ପ୍ରଦାୟର ସହଯୋଗ ଏବଂ ସମ୍ବଳର ଭାଗବଣ୍ଟା :** ଜେଜେପି (JJP) ଗଠନ, ସମ୍ପ୍ରଦାୟର ସହଭାଗିତା ଓ ସମ୍ବଳର ଭାଗବଣ୍ଟାକୁ ଉତ୍ସାହିତ କରିବା ସହ ଜୀବିକା କ୍ଲଷ୍ଟରଗୁଡ଼ିକର ସାମଗ୍ରିକ ବିକାଶ ଏବଂ ସ୍ଥିରତା ପାଇଁ ସହାୟକ ହେବ ।

**ଚ. କ୍ଷେତ୍ର ସ୍ତରର ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ନିରିକ୍ଷଣ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା:** ଜେଜେପି, ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ନିରୀକ୍ଷଣ/ଦେଖା ରଖାରେ ତୃଣମୂଳ ସ୍ତରରେ ସମ୍ପ୍ରଦାୟର ସକ୍ରିୟ ଯୋଗଦାନକୁ ନିଶ୍ଚିତ କରିବ । ଏହା କ୍ଷେତ୍ରିୟ ସ୍ତରରେ ଯୋଜନା କରିବା ଏବଂ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଗୋଷ୍ଠୀ/ସମ୍ପ୍ରଦାୟର ଭାଗିଦାରିତାକୁ ବଢ଼ାଇବ ।

**ଛ. ଏମ୍.ଏମ୍.ଜେ.ଜେ.ଏମ୍ (MMJJM) କାର୍ଯ୍ୟକ୍ଷେତ୍ରର କ୍ଲଷ୍ଟର/ଗ୍ରାମ ସ୍ତରରେ ଆଦିବାସୀ ସମ୍ପ୍ରଦାୟର ଏକ ଗୋଷ୍ଠୀ ସଂଗଠନ ଭାବରେ କାର୍ଯ୍ୟ କରିବା:** ସମସ୍ତ ବୟସ୍କ ବ୍ୟକ୍ତି ଓ ପରିବାରଙ୍କୁ ଅନ୍ତର୍ଭୁକ୍ତ କରି ଏହା ଏକ ଅନ୍ତର୍ଭୂକ୍ତ ଗୋଷ୍ଠୀ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବ ।

**ଜ. ଦ୍ୱନ୍ଦ୍ୱ/ବିବାଦର ସମାଧାନ ପାଇଁ ଏକ ଗ୍ରାମ ସ୍ତରୀୟ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବା:** ସମ୍ପ୍ରଦାୟ ସ୍ତରୀୟ ଦ୍ୱନ୍ଦ୍ୱ / ବିବାଦର ସମାଧାନ ତଥା କାର୍ଯ୍ୟକ୍ରମ ଯୋଜନା ଏବଂ କାର୍ଯ୍ୟାନ୍ୱୟନ ସମୟରେ ଓ ଏହାର ପରେ ସୃଷ୍ଟି ହେଉଥିବା ସମସ୍ତ ସାମାଜିକ ସମସ୍ୟାର ସମାଧାନ ପାଇଁ ଜେଜେପି ଏକ ସ୍ଥାନୀୟ ଗୋଷ୍ଠୀ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବ ।

## ୩. ଜେଜେପି (JJP)ର ଭୂମିକା ଏବଂ ଦାୟିତ୍ୱ:

ଜନଜାତି ଜୀବିକା କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ପରିଚାଳନା ନିଶ୍ଚିତ କରିବା ନିମନ୍ତେ ଜେଜେପିର ଅନେକ ଗୁରୁତ୍ୱପୂର୍ଣ୍ଣ ଦାଇତ୍ୱ ରହିଛି । ମୁଖ୍ୟ ଭୂମିକା ଏବଂ ଦାୟିତ୍ୱ ଗୁଡିକ ହେଉଛି;

**କ. ହିତାଧିକାରୀଙ୍କ ତରଫରୁ ପ୍ରତିନିଧିତ୍ୱ :** ଏକ ନିର୍ଦ୍ଦିଷ୍ଟ ଜୀବିକା କ୍ଲଷ୍ଟରରୁ ପ୍ରତ୍ୟକ୍ଷ ଲାଭ ପାଇବାର ସମ୍ଭାବନା ଥିବା ସମ୍ପ୍ରଦାୟର ସମସ୍ତ ସଦସ୍ୟମାନଙ୍କୁ ଜେଜେପି (JJP) ପ୍ରତିନିଧିତ୍ୱ କରେ । ସମସ୍ତ ଯୋଜନା ଏବଂ ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟାରେ ଜେଜେପି (JJP) ସେମାନଙ୍କର ସାମୂହିକ ସ୍ୱର ଭାବରେ କାର୍ଯ୍ୟ କରିବା ଆବଶ୍ୟକ ।

**ଖ. ଜୀବିକା ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଭୂକ୍ତିକରଣ :** ଜେଜେପି (JJP)କୁ ଏହା ନିଶ୍ଚିତ କରିବାକୁ ପଡିବ ଯେ କ୍ଲଷ୍ଟର ବିକାଶ ଯୋଜନାର ମୁଖ୍ୟ ଜୀବିକା ବିକାଶ କାର୍ଯ୍ୟକ୍ରମରେ ସାମିଲ୍ ହେବାକୁ ସକ୍ଷମ ନଥିବା ଓ ଅଲଗା/ଭିନ୍ନ ପଡିଯାଉଥିବା ପରିବାର / ସଦସ୍ୟ ଯେପରିକି ଭୂମିହୀନ, ଏକାକିନୀ ମହିଳା, ଏବଂ ଦିବ୍ୟାଙ୍ଗ ଇତ୍ୟାଦି ମାନଙ୍କ ପାଇଁ ସେମାନଙ୍କୁ ସୁହାଇଲା ପରି ବିକଳ୍ପ ଜୀବିକା ବିକାଶ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇପାରିଛି । ଏହି ବ୍ୟକ୍ତି ବିଶେଷ ଓ ପରିବାରଗୁଡିକ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଓ ଆୟବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କର ବର୍ଷିକ ଘରୋଇ ଆୟ ବୃଦ୍ଧି କରିବାକୁ ସମର୍ଥ ହୋଇ ପାରିବେ ।

**ଗ. ସମ୍ବଳ-ବ୍ୟବହାର ଚୁକ୍ତିନାମା:** ଜେଜେପି (JJP) ନିଜର କ୍ଲଷ୍ଟର ମଧ୍ୟରେ କୌଣସି କାର୍ଯ୍ୟକ୍ରମ କରିବା ପୂର୍ବରୁ ସମନ୍ୱିତ ଆଦିବାସୀ ବିକାଶ ଅନୁଷ୍ଠାନ (ଆଇ.ଟି.ଡି.ଏ./ITDA) ଏବଂ ସହଯୋଗୀ ବେସରକାରୀ ଅନୁଷ୍ଠାନ (ଏଫ୍.ଏନ୍.ଜି.ଓ)ର ସହାୟତାରେ ସମତା ଏବଂ ସ୍ଥିରତାର ନୀତି ଉପରେ ଆଧାର କରି ସମ୍ବଳ-ବ୍ୟବହାରର ମାନଚିତ୍ର ପ୍ରସ୍ତୁତ କରିବ । ଜୀବିକା କ୍ଲଷ୍ଟର ସହିତ ଜଡିତ ଯେକୌଣସି କାର୍ଯ୍ୟ ଆରମ୍ଭ କରିବା ପାଇଁ ଏହି ପ୍ରକ୍ରିୟା ଏକ ପୂର୍ବ-ସର୍ତ୍ତ ଅଟେ ।

**ଘ. କ୍ଲଷ୍ଟର ଯୋଜନା ପ୍ରସ୍ତୁତି ଏବଂ ଏହାର କାର୍ଯ୍ୟକାରିତା:** ଆଇ.ଟି.ଡି.ଏ. (ITDA)ର ସହଯୋଗରେ ଜେଜେପି (JJP) ନିଜର କ୍ଲଷ୍ଟର ଜୀବିକା ପ୍ରୋତ୍ସାହନ ଯୋଜନା ପ୍ରସ୍ତୁତ କରିବ, କ୍ଲଷ୍ଟର ଯୋଜନାର କାର୍ଯ୍ୟକାରିତାକୁ ଦେଖାସୁଣା କରିବ ଏବଂ କ୍ଲଷ୍ଟର କାର୍ଯ୍ୟକ୍ରମର ଫଳାଫଳ ଗୁଡ଼ିକ ଉପରେ ନଜର ରଖିବ ।

**ଙ. ଆଇ.ଟି.ଡି.ଏ. (ITDA) ସହିତ ସହଯୋଗ:** ଜୀବିକା କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମର ସୁଗମ ସମନ୍ୱୟ ଏବଂ ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିବା ନିମନ୍ତେ ଜେଜେପି (JJP) ସମ୍ପୃକ୍ତ ଆଇ.ଟି.ଡି.ଏ. ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବ ।

**ଚ. ଅନ୍ୟାନ୍ୟ ବିଭାଗ ସହିତ ସହଯୋଗ:** ଜୀବିକା ପ୍ରୋତ୍ସାହନ ପଦକ୍ଷେପ ଏବଂ କ୍ଲଷ୍ଟର ଅଞ୍ଚଳରେ ଉନ୍ନତି ନିମନ୍ତେ ଜେଜେପି (JJP), ଆଇ.ଟି.ଡି.ଏ. (ITDA)ର ଗୋଟିଏ ଛତାତଳେ ଅନ୍ୟ ସମସ୍ତ ରେଖା ବିଭାଗ ସହିତ ସମ୍ପର୍କରେ ରହିବ ।

**ଛ. ଭିତ୍ତିଭୂମିର ମାଲିକାନା:** ଏମ୍.ଏମ୍.ଜେ.ଜେ.ଏମ୍. (MMJJM) ଅଧୀନରେ ଥିବା କ୍ଲଷ୍ଟରରେ ସୃଷ୍ଟି ହୋଇଥିବା ସମସ୍ତ ସମ୍ପତ୍ତିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ (O&M) ନିମନ୍ତେ ଜେଜେପି ( ଆଇ.ଟି.ଡି.ଏ. ର ସହାୟତାରେ) ଦାୟୀ ରହିବ ।

**ଜ. ସାମଗ୍ରୀ ଏବଂ ସେବାଗୁଡ଼ିକ ପାଇବା :** ଜେଜେପି ନିଜ କ୍ଲଷ୍ଟରରେ ଅଧିକ କୃଷି ଉତ୍ପାଦନ, ଅନ୍ୟାନ୍ୟ ଅଫ-ଫାର୍ମ ଏବଂ ନନ୍-ଫାର୍ମ କାର୍ଯ୍ୟକ୍ରମ ଏବଂ ଉନ୍ନତ କ୍ଲଷ୍ଟର ପ୍ରତିଷ୍ଠା ନିମନ୍ତେ ସମସ୍ତ ଗୁଣାତ୍ମକ ନିବେଶ ଏବଂ ସେବାଗୁଡ଼ିକ ଯେପରି ସମସ୍ତେ ପାଇପାରିବେ ଏବଂ ଏହାର ବ୍ୟବହାର କରପାରିବେ ତାହା ନିର୍ଦ୍ଧିଷ୍ଟ କରିବ ।

**ଝ. ବଜାର ସହ ଯୋଡିହେବା :** ଜେଜେପି କୃଷି ତଥା ଅନ୍ୟାନ୍ୟ ଉତ୍ପାଦ ଗୁଡିକର ଏକତ୍ରିକରଣ କରାଇବା ତଥା କ୍ଲଷ୍ଟରର ଉତ୍ପାଦନଗୁଡ଼ିକୁ ଅଧିକ ଲାଭଜନକ ବଜାର ସହ ଯୋଡିବାର କାର୍ଯ୍ୟ କରିବ ଯାହା ନ୍ୟାୟଯୁକ୍ତ ଏବଂ ପାରିଶ୍ରମିକ ପ୍ରାପ୍ତ ମୁଲ୍ୟ ପାଇବା ନିମନ୍ତେ ବଜାରର ପଥ ସୁଗମ କରିବ ।

## ୪. ଜେଜେପି (JJP)ର ଗଠନ ନିମନ୍ତେ ପ୍ରକ୍ରିୟା:

କ୍ଲଷ୍ଟର ଅନୁଯାୟୀ ଜେଜେପି (JJP) ର ଗଠନ ନିମନ୍ତେ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରାଯିବ;

**କ. ଉପଯୁକ୍ତ କ୍ଲଷ୍ଟରଗୁଡ଼ିକର ଚିହ୍ନଟ :** ପ୍ରତେକ ଆଇ.ଟି.ଡି.ଏ. (ITDA), ସହଯୋଗୀ ବେସରକାରୀ ଅନୁଷ୍ଠାନ (ଏଫ୍.ଏନ୍.ଜି.ଓ)ର ସହାୟତାରେ ଭୌଗୋଳିକ ଉପଯୁକ୍ତତା, ସମ୍ବଳର ଉପଲବ୍ଧତା ଏବଂ ଆଦିବାସୀ ସମ୍ପ୍ରଦାୟର ପସନ୍ଦ ପରି କାରକ ଉପରେ ଆଧାର କରି ଉପଯୁକ୍ତ ଜୀବିକା କ୍ଲଷ୍ଟର ଚିହ୍ନଟ କରିବ । ଏହି ଯତ୍ନଶୀଳ ଚୟନ ପ୍ରକ୍ରିୟା ଦ୍ୱାରା ସଫଳ ଜୀବିକା ବିକାଶ ପାଇଁ ମନୋନୀତ କ୍ଲଷ୍ଟରଗୁଡ଼ିକର ସାମର୍ଥ୍ୟ ଅଛି ବୋଲି ନିଶ୍ଚିତ ହୋଇପାରିବ ।

**ଖ. କ୍ଲଷ୍ଟର ସ୍ଥିରକରିବାର ମାନଦଣ୍ଡ :** ମନୋନୀତ ଯେକୌଣସି ପ୍ରକାରର ଯେକୌଣସି କ୍ଲଷ୍ଟର ସର୍ବନିମ୍ନ ୧୦୦ ପରିବାରକୁ ନେଇ ଗଠନ କରାଯିବ । ଫାର୍ମ ଭିତ୍ତିକ ଜୀବିକା କ୍ଲଷ୍ଟର ଅଧୀନରେ ସର୍ବନିମ୍ନ ୫୦ଏକର ଜମି ଚାଷ କାର୍ଯ୍ୟ ପାଇଁ ନିଆଯିବ । ପଶୁପାଳନ ଭିତ୍ତିକ କ୍ଲଷ୍ଟରରେ ଅତି କମରେ ୧୦୦ ହିତାଧିକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଆବଶ୍ୟକ । ଆର୍ଥିକ ଦୃଷ୍ଟିରୁ ସକ୍ଷମ ଓ ଅର୍ଥପୂର୍ଣ୍ଣ ଜୀବିକା କାର୍ଯ୍ୟକ୍ରମ ତଥା ଅନ୍ତର୍ଭୂକ୍ତ ଅଂଶଗ୍ରହଣକୁ ନିଶ୍ଚିତ କରିବା ପାଇଁ ଏକ ଯଥାର୍ଥ ଆକାର (ସାଇଜ୍)ର କ୍ଲଷ୍ଟର ଏହି ମାନଦଣ୍ଡ ଦ୍ୱାର ନିଶ୍ଚିତ କରାଯାଇପାରିବ ।

**ଗ. ଜେଜେପି (JJP) ଗଠନ ନିମନ୍ତେ କୃଷକମାନଙ୍କୁ ଏକାଠି କରିବା:** ପ୍ରତେକ ଆଇ.ଟି.ଡି.ଏ. (ITDA) ଏବଂ ସହଯୋଗୀ ବେସରକାରୀ ଅନୁଷ୍ଠାନ (ଏନ୍.ଜି.ଓ) ନିଜ ନିଜ ଅଞ୍ଚଳରେ କୃଷକ ଏବଂ ସମ୍ପ୍ରଦାୟର ଅନ୍ୟ ସଦସ୍ୟମାନଙ୍କୁ ଜେଜେପି ଗଠନ ପାଇଁ ବୁଝାଇବେ । ବିଭିନ୍ନ ଆଇ.ଇ.ସି. (IEC) ସାମଗ୍ରୀ ଏବଂ ଯୋଗାଯୋଗ ଉପକରଣ ଯେପରିକି ପାମ୍ଫଲେଟ୍, ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର, ପୋଷ୍ଟର ଏବଂ ନିୟମିତ ଗ୍ରାମ ସ୍ତରୀୟ ବୈଠକ ଇତ୍ୟାଦି ସମ୍ପ୍ରଦାୟକୁ ଏକତ୍ରିତ କରିବା ଓ ବୁଝାଇବା ପାଇଁ ବ୍ୟବହୃତ ହେବ । ସମ୍ପ୍ରଦାୟକୁ ଏକତ୍ରିତ କରିବା ଓ ବୁଝାଇବା ପ୍ରକ୍ରିୟା କ୍ଲଷ୍ଟର ହିତାଧିକାରୀଙ୍କ ଜୀବିକା ବିକାଶର ସ୍ୱପ୍ନ ଓ ସେମାନଙ୍କ ଉତ୍ସାହ ବଢାଇବ  ତଥା ସମ୍ପ୍ରଦାୟର ନିଜସ୍ୱ ମାଲିକାନା ଭାବନା ବୃଦ୍ଧି କରିବ ।

**ଘ. ଜେଜେପି (JJP) ସଦସ୍ୟତା ମଧ୍ୟରେ ଅନ୍ତର୍ଭୂକ୍ତତା :** କ୍ଲଷ୍ଟର ଗ୍ରାମଗୁଡିକର ସମ୍ପ୍ରଦାୟର ସମସ୍ତ ବୟସ୍କ ସଦସ୍ୟ ଯେଉଁମାନଙ୍କର ନିର୍ଦ୍ଦିଷ୍ଟ ଜୀବିକା କ୍ଲଷ୍ଟରରୁ ସିଧାସଳଖ ଲାଭ ପାଇବାର ସମ୍ଭାବନା ଅଛି ସେମାନଙ୍କୁ ନେଇ ଜେଜେପି **(JJP)** ଗଠିତ ହେବ । ଏହି ଅନ୍ତର୍ଭୂକ୍ତି ଏହା ସୁନିଶ୍ଚିତ କରିବ ଯେ ପରିଷଦ ସମ୍ପ୍ରଦାୟର ବିଭିନ୍ନ ଇଛା ଏବଂ ଆବଶ୍ୟକତାକୁ ନେଇ କାମ କରିବ । ଏପରିକି, ଯଦି କୌଣସି ସଦସ୍ୟ/ପରିବାର ଜୀବିକା କ୍ଲଷ୍ଟରର ମୁଖ୍ୟ କାର୍ଯ୍ୟକ୍ରମରେ ସାମିଲ୍ ହେବାକୁ ସକ୍ଷମ ହୁଅନ୍ତି; ସେହି ପରି ପରିବାରଗୁଡିକ ପାଇଁ ଜେଜେପି **(JJP)** କିଛି ବିକଳ୍ପ ଜୀବିକା ବିକାଶ କାର୍ଯ୍ୟକ୍ରମର ଯୋଜନା କରିବା ଉଚିତ୍ ।

**ଙ. ଜନଜାତି ଜୀବିକା ପରିଷଦ (ଜେଜେପି) ଗଠନ :** କାର୍ଯ୍ୟକ୍ରମରେ ସମ୍ପୃକ୍ତ ସ୍ଥାନୀୟ ବେସରକାରୀ ଅନୁଷ୍ଠାନ (ଏନ୍.ଜି.ଓ) ଗୁଡ଼ିକର ସହଯୋଗରେ ସେହି ଅଞ୍ଚଳର ଆଇ.ଟି.ଡି.ଏ. **(ITDA)**, ଜେଜେପି ଗଠନ ପାଇଁ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ସକ୍ରିୟ ଭାବେ ଜଡ଼ିତ ରହିବେ । ଏହି ଯୋଗଦାନ ପ୍ରକ୍ରିୟା ବିଶ୍ୱାସ ସୃଷ୍ଟି କରିବା ସହିତ ସମସ୍ତ ହିତାଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବ ।

**ଚ. ମହିଳା ପ୍ରତିନିଧିତ୍ୱ ଉପରେ ଧ୍ୟାନ ଦେବା :** ଆଦିବାସୀ ସମ୍ପ୍ରଦାୟର ସମସ୍ତ ବୟସ୍କ ବ୍ୟକ୍ତିଙ୍କର ପ୍ରତିନିଧିତ୍ୱ ନିଶ୍ଚିତକରି ଜନଜାତି ଜୀବିକା ପରିଷଦ (ଜେଜେପି) ଗଠନ ହେବ, ଯେଉଁଥିରେ ସମ୍ପ୍ରଦାୟର ବିଭିନ୍ନ ବର୍ଗର ମହିଳାଙ୍କ ୫୦% ପ୍ରତିନିଧିତ୍ୱ ନିଶ୍ଚିତ କରିବା ଉପରେ ଧ୍ୟାନ ଦିଆଯିବ । ଜେଜେପିରେ ଅଣ ଆଦିବାସୀ ପରିବାରରୁ ସର୍ବାଧିକ ୧୦% ପ୍ରତିନିଧିତ୍ୱ ଅନୁମୋଦିତ ହେବ । ଏହି ପ୍ରକ୍ରିୟା ସମ୍ପ୍ରଦାୟ ସ୍ତରରେ ସମତା ରକ୍ଷାକରିବା ସହ ସାମୂହିକ ମାଲିକାନାକୁ ପ୍ରୋତ୍ସାହିତ କରିବ ।

**ଛ. ଜେଜେପିର କାର୍ଯ୍ୟନିର୍ବାହୀ କମିଟି ଗଠନ :** ଜେଜେପିର ସାଧାରଣ ପରିଷଦ ଏହାର କାର୍ଯ୍ୟନିର୍ବାହୀ କମିଟିର ଗଠନ ପାଇଁ ସାଧାରଣ ପରିଷଦରୁ ୧୧ରୁ ୧୩ ଜଣ ସଦସ୍ୟ ଚୟନ/ମନୋନୀତ କରିବେ । କାର୍ଯ୍ୟନିର୍ବାହୀ ପରିଷଦରେ ପଚାଶ ପ୍ରତିଶତ ମହିଳା ପ୍ରତିନିଧିତ୍ୱ ନିଶ୍ଚିତ ହେବ । କାର୍ଯ୍ୟନିର୍ବାହୀ ପରିଷଦ ଏହାର ସଭ୍ୟମାନଙ୍କ ମଧ୍ୟରୁ ଅଧ୍ୟକ୍ଷ ଓ ସଚିବଙ୍କ ପରି ମୁଖିଆ ମାନଙ୍କୁ ଚୟନ/ମନୋନୀତ କରିବ । କାର୍ଯ୍ୟନିର୍ବାହୀ ପରିଷଦ, ସମସ୍ତ ଦୈନ୍ୟ ଦିନ କାର୍ଯ୍ୟକ୍ରମଗୁଡିକର ଦେଖାସୁଣା କରିବା ସହିତ ସାଧାରଣ ପରିଷଦ ତରଫରୁ ଜେଜେପିର ସମସ୍ତ ପରିଚାଳନା ଦାଇତ୍ୱ ମଧ୍ୟ ଗ୍ରହଣ କରିବ ।

**ଜ. ନେତୃତ୍ୱ ପରିବର୍ତ୍ତନ:** ପ୍ରତ୍ୟେକଙ୍କ ମଧ୍ୟରେ ଦାଇତ୍ୱ ବଣ୍ଟନ କରିବା ଏବଂ ସମସ୍ତଙ୍କର ନେତୃତ୍ୱ ଗୁଣ ବଢାଇବା ନିମନ୍ତେ, କାର୍ଯ୍ୟନିର୍ବାହୀ ପରିଷଦ ପ୍ରତି ତିନି ବର୍ଷର ବ୍ୟବଧାନରେ ଅଧିକାରୀ ଧାରକ (ଅଧ୍ୟକ୍ଷ ଏବଂ ସଚିବ)ଙ୍କୁ ବଦଳାଇ ପାରନ୍ତି । ବିଶେଷ କ୍ଷେତ୍ରରେ, ଯଦି ଆବଶ୍ୟକ ହୁଏ, ସାଧାରଣ ପରିଷଦ ଏକ ସାଧାରଣ ବୈଠକ ଜରିଆରେ ସମସ୍ତଙ୍କ ସହମତି ନେଇ ଯେକୌଣସି ସମୟରେ କାର୍ଯ୍ୟନିର୍ବାହୀ ପରିସଦର ଯେକୌଣସି ସଦସ୍ୟଙ୍କୁ ପରିବର୍ତ୍ତନ କରିପାରନ୍ତି ।

**ଝ. ପ୍ରାମାଣିକିକରଣ ଏବଂ ସ୍ୱୀକୃତି:** ଜନଜାତି ଜୀବିକା ପରିଷଦ (ଜେଜେପି) ଗୁଡିକ କଲେକ୍ଟର-କମ୍-ଚେୟାରପର୍ସନ୍, ଆଇ.ଟି.ଡି.ଏ. **(ITDA)** ତଥା ପ୍ରୋଜେକ୍ଟ ଆଡମିନିଷ୍ଟ୍ରେଟର **(PA)** ଆଇ.ଟି.ଡି.ଏ. **(ITDA)**ଙ୍କ ଦ୍ୱାରା ମିଳିତ ଭାବରେ ପ୍ରାମାଣିକରଣ ହେବ । ଏହି ପ୍ରାମାଣିକିକରଣ ପ୍ରକ୍ରିୟା ପରିଷଦର ପ୍ରତିଷ୍ଠା ଏବଂ ଜୀବିକା କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମରେ ଏହାର ଭୂମିକାକୁ ନୀତିଗତ ଓ ଆନୁଷ୍ଠାନିକ କରିବ । ପରିଷଦର ଗଠନକୁ ସ୍ୱୀକାର କରିବା ଓ ସ୍ୱୀକୃତି ଦେବା ନିମନ୍ତେ ପ୍ରତ୍ୟେକ ଜେଜେପିକୁ ଏକ ପ୍ରମାଣପତ୍ର (ସାର୍ଟିଫିକେଟ୍) ପ୍ରଦାନ କରାଯିବ । ଏହି ସାର୍ଟିଫିକେଟ୍ ସମ୍ପ୍ରଦାୟର ସ୍ୱାର୍ଥକୁ ପ୍ରତିନିଧିତ୍ୱ କରିବା ଏବଂ ଜୀବିକା କ୍ଲଷ୍ଟରର ବିକାଶର ତଦାରଖ କରିବାରେ ପରିଷଦର ଗୁରୁତ୍ୱକୁ ପ୍ରତିପାଦିତ୍ୱ କରିବ ।

## ୫. ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା:

**କ. ମାସିକ ବୈଠକ :** କ୍ଲଷ୍ଟରର ଅଗ୍ରଗତି, ବିଭିନ୍ନ ସମସ୍ୟା ଏବଂ ସମ୍ଭାବ୍ୟ ସମାଧାନ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରିବା ପାଇଁ ଜନଜାତି ଜୀବିକା ପରିଷଦ ମାସିକ ବୈଠକ କରିବ । ଆବଶ୍ୟକସ୍ଥଳେ ଏହି ସଭାଗୁଡ଼ିକରେ ଆଇ.ଟି.ଡି.ଏ. **(ITDA)** ର ଜଣେ ପ୍ରତିନିଧୀ ଏବଂ ଏନ୍ଜିଓରେ ଜଣେ ପ୍ରତିନିଧୀ ଯୋଗ ଦେବେ । ଏହି ମାସିକ ସଭା ସ୍ୱଚ୍ଛ ଯୋଗାଯୋଗକୁ ପ୍ରୋତ୍ସାହିତ କରିବା ସହ ନିଷ୍ପତ୍ତିନେବାରେ ସମସ୍ତ ସଦସ୍ୟା/ସଦସ୍ୟ ମାନଙ୍କ ସହଯୋଗ/ଭାଗିଦାରିତାକୁ ବୃଦ୍ଧି କରାଇବ ।

**ଖ. ଜେଜେପି (JJP) ର ବାର୍ଷିକ ସାଧାରଣ ବୈଠକ:** କ୍ଲଷ୍ଟର ଅଞ୍ଚଳର ସମସ୍ତ ବୟସ୍କ ସଦସ୍ୟଙ୍କୁ ନେଇ ଗଠିତ ଜେଜେପି (JJP)ର ସାଧାରଣ ପରିଷଦ ବର୍ଷକୁ ଅନ୍ତତଃ ପକ୍ଷେ ଥରେ ସାକ୍ଷାତ କରି ଏମ୍.ଏମ୍.ଜେ.ଜେ.ଏମ୍. (MMJJM) କାର୍ଯ୍ୟକ୍ରମର ସଫଳତା ଏବଂ ଫଳାଫଳ ଓ ପ୍ରଭାବ ବିଷୟରେ ଆଲୋଚନା କରିବ ତଥା କ୍ଲଷ୍ଟର ଏବଂ ଗ୍ରାମର ବିକାଶ ନିମନ୍ତେ ପରବର୍ତ୍ତୀ ଯୋଜନା ପ୍ରସ୍ତୁତି ପାଇଁ କାର୍ଯ୍ୟ ନିର୍ବାହୀ ପରିଷଦକୁ ମତାମତ ଦେବ ।

**ଗ. ଭିତ୍ତିଭୂମି/ସମ୍ପତ୍ତିଗୁଡ଼ିକର ମାଲିକାନା ସ୍ଥାନାନ୍ତର:** ଆବଶ୍ୟକ ଭିତ୍ତିଭୂମି ଯେପରିକି ଜଳସେଚନ ଉତ୍ସ, ପ୍ରକ୍ରିୟାକରଣ କିମ୍ବା ମୂଲ୍ୟ ଯୋଗ ୟୁନିଟ୍, ଏବଂ ଅମଳ ପରବର୍ତ୍ତୀ ସୁବିଧା ଇତ୍ୟାଦି ସ୍ଥାପିତ ହେବା ପରେ ଏହି ଭିତ୍ତିଭୂମିଗୁଡ଼ିକର ମାଲିକାନା ଆନୁଷ୍ଠାନିକ ଭାବରେ ଜନଜତି ଜୀବିକା ପରିଷଦକୁ ହସ୍ତାନ୍ତର କରାଯିବ । କ୍ଲଷ୍ଟରର ସମ୍ପତ୍ତି ପାଇଁ ସମ୍ପ୍ରଦାୟର ଦାୟିତ୍ୱର ଏକ ପ୍ରତୀକ ଭାବେ ମାଲିକାନାର ଏହି ହସ୍ତାନ୍ତିକରଣ ପ୍ରକ୍ରିୟ ଏକ ସାର୍ଟିଫିକେଟ୍ ମାଧ୍ୟମରେ ରେକର୍ଡ କରାଯିବ ।

**ଘ. ସାମୂହିକ କାର୍ଯ୍ୟର ପ୍ରୋତ୍ସାହନ :** ପରିଷଦ, କୃଷି ଏବଂ ଅନୁସଙ୍ଗିକ କାର୍ଯ୍ୟକ୍ରମ ନିମନ୍ତେ ଥିବା କ୍ଲଷ୍ଟର ଗୁଡ଼ିକରେ ସାମୂହିକ କାର୍ଯ୍ୟ ଏବଂ ସମ୍ପ୍ରଦାୟର ଅଂଶଗ୍ରହଣକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରିବ । ଏହି ସାମୂହିକ ଆଭିମୁଖ୍ୟ କ୍ଲଷ୍ଟର ବିକାଶ ଦ୍ୱାରା ହେଉଥିବା ଲାଭଗୁଡ଼ିକର ସଠିକ୍ ଭାଗବଣ୍ଟା ଓ ବ୍ୟବହାର ନିଶ୍ଚିତ କରିବ ।

**ଙ. ଦକ୍ଷତା ବୃଦ୍ଧି ଏବଂ ତାଲିମ :** ଜେଜେପି ଏବଂ ସମ୍ପ୍ରଦାୟର ଅନ୍ୟ ସଦସ୍ୟମାନଙ୍କୁ, କ୍ଲଷ୍ଟର ପରିଚାଳନା, ସ୍ଥାୟୀ କୃଷି ଅଭ୍ୟାସ ଏବଂ ଆର୍ଥିକ ସାକ୍ଷରତା ଇତ୍ୟାଦି ବିଭିନ୍ନ ଦିଗ ଉପରେ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ପରିଷଦକୁ ସୂଚନାଭିତ୍ତିକ ନିଷ୍ପତ୍ତି ନେବାକୁ ଏବଂ କ୍ଲଷ୍ଟରର ବିକାଶ ପାଇଁ ଉତ୍ସଗୁଡ଼ିକୁ ଫଳପ୍ରଦ ଭାବରେ ଉପଯୋଗ କରିବାକୁ ସଶକ୍ତ କରିବ ।

**ଚ. ଦ୍ୱନ୍ଦ୍ୱ ସମାଧାନ :** ଏହା ଆଶା କରାଯାଏ ଯେ ସମ୍ପ୍ରଦାୟ ବିଭିନ୍ନ କାରଣରୁ ହେଉଥିବା ସାମ୍ପ୍ରଦାୟିକ ବିବାଦ ଏବଂ କଳହର ସମାଧାନ ପାଇଁ ଯଥେଷ୍ଟ ସକ୍ଷମ ହେବ । ସମସ୍ତ ଦ୍ୱନ୍ଦ୍ୱ ଏବଂ ମତଭେଦ କ୍ଲଷ୍ଟର ଭିତରେ ଭଲ ଭାବରେ ସମାଧାନ ହେବାର ମଧ୍ୟ ଅଶା କରାଯାଏ । କେବଳ କେତେକ ଅସାଧାରଣ ପରିସ୍ଥିତିରେ ଜେଜେପି ଦକ୍ଷ ଅନୁଷ୍ଠାନଗୁଡ଼ିକର ହସ୍ତକ୍ଷେପ ଲୋଡ଼ିପାରେ ।

**ଛ. ନିରନ୍ତରତା ଏବଂ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ:** ନିରୀକ୍ଷଣ/ଦେଖା ଶୁଣା ଏବଂ ମୂଲ୍ୟାଙ୍କନ ମାପକାଠି ଓ ଏହାର ଢାଞ୍ଚା ଜନଜାତି ଜୀବିକା ପରିଷଦକୁ ଜୀବିକା କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମର ଅଗ୍ରଗତି ଏବଂ ପ୍ରଭାବ ଆକଳନ କରିବାରେ ସାହାଯ୍ୟ କରିବ । ନିୟମିତ ମୂଲ୍ୟାଙ୍କନ ଦ୍ୱାରା କେଉଁ କ୍ଷେତ୍ରରେ ଉନ୍ନତି ଆଣିବା ଦରକାର ଏବଂ ଫଳାଫଳର ମାତ୍ରାକୁ କିପରି ବଢାଯାଇପାରିବ ସେସବୁକୁ ଚିହ୍ନଟ କରିବା ସହଜ ହେବ । ନିରନ୍ତରତା ଏବଂ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେଇ ଏହା ସୁନିଶ୍ଚିତ କରାଯାଇପାରିବ ଯେ କ୍ଲଷ୍ଟରଗୁଡ଼ିକ ପ୍ରାରମ୍ଭିକ ପର୍ଯ୍ୟାୟ ପରେ ମଧ୍ୟ ଆଗକୁ ବଢିବାରେ ଲାଗିଛନ୍ତି ଏବଂ ଭାବିଷ୍ୟତରେ ଜନଜାତି ସମ୍ପ୍ରଦାୟ ପାଇଁ ଅଭିବୃଦ୍ଧିର ଆତ୍ମନିର୍ଭରଶୀଳ ଇଞ୍ଜିନ୍ ହୋଇପରିବେ ।

## ୬. ଜନଜାତି ଜୀବିକା ପରିଷଦ (ଜେଜେପି) ସ୍ତରରେ ରଖିବାକୁ ଥିବା ନଥିପତ୍ର:

କାର୍ଯ୍ୟକ୍ରମର ଉତ୍ତମ କାର୍ଯ୍ୟକାରିତା ପାଇଁ ତଥା ସ୍ୱଚ୍ଛତା ବଜାୟ ରଖିବା ପାଇଁ ଜେଜେପି ସ୍ତରରେ ବିଭିନ୍ନ ନଥିପତ୍ର ବ୍ୟବହାର କରାଯିବ । ଜେଜେପି ସ୍ତରରେ ବ୍ୟବହାର କରାଯିବାକୁଥିବା ପ୍ରମୁଖ ପ୍ରକାରର ନଥିପତ୍ରଗୁଡ଼ିକ ହେଉଛି;

କ. ସଦସ୍ୟତା ରେଜିଷ୍ଟର ।

ଖ. ମିଟିଙ୍ଗ୍ ରିଜୋଲ୍ୟୁସନ୍ ରେଜିଷ୍ଟର (ମିଟିଙ୍ଗ୍ ରିଜୋଲ୍ୟୁସନ୍ ଲେଖିବା ତଥା ଉପସ୍ଥାନକୁ ରେକର୍ଡ କରିବା ପାଇଁ) ।

ଗ. କ୍ଲଷ୍ଟର ଯୋଜନା / ବ୍ୟକ୍ତିଗତ ଜୀବିକା ଯୋଜନା ନିମନ୍ତେ ରେଜିଷ୍ଟର ।

ଘ. କନଭର୍ଜେନ୍ସ ଯୋଜନା ରେଜିଷ୍ଟର ।

ଙ. ହିତାଧିକାରୀ ରେଜିଷ୍ଟର (ସମସ୍ତ ପ୍ରକାରର ହିତାଧିକାରୀ) ।

ଚ.ସମ୍ପତ୍ତି (ସୃଷ୍ଟି / ମରାମତି / ସମାପ୍ତ ହେବା ପରେ ହସ୍ତାନ୍ତର) ରେଜିଷ୍ଟର ।

ଛ.ପରିଦର୍ଶକ ପଞ୍ଜିକରଣ ରେଜିଷ୍ଟର ।

## ୭. ଉପସଂହାର:

ମୁଖ୍ୟମନ୍ତ୍ରି ଜନଜାତି ଜୀବିକା ମିଶନର ଉଦ୍ଦେଶ୍ୟ ହାସଲ କରିବା ନିମନ୍ତେ ଏକ ଗୋଷ୍ଠୀ ଅନୁଷ୍ଠାନ ମଡେଲ ଭାବେ ଜନଜାତି ଜୀବିକା ପରିଷଦ (ଜେଜେପି) ଗଠନ, ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଏହି ଗୋଷ୍ଠୀ ଅନୁଷ୍ଠାନ ଜୀବିକା କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ସହ ଏହାର ସ୍ଥାୟୀ ଏବଂ ଅନ୍ତର୍ଭୂକ୍ତ ଅଭିବୃଦ୍ଧିରେ ସହାୟକ ହେବ । ଆଇ.ଟି.ଡି.ଏ, ସହଯୋଗୀ ବେସରକାରୀ ଅନୁଷ୍ଠାନ (ଏଫ୍.ଏନ୍.ଜି.ଓ)ଏବଂ ସମ୍ପ୍ରଦାୟ ମଧ୍ୟରେ ସମନ୍ୱୟ ରହିବା ଦ୍ୱାରା କାର୍ଯ୍ୟକ୍ରମର ସଫଳ ରୁପାୟନ ହେବା ସହିତ ଆଦିବାସୀ ସମ୍ପ୍ରଦାୟରେ ଆତ୍ମନିର୍ଭରଶୀଳତା ଓ ସମୃଦ୍ଧିର ପ୍ରୋତ୍ସାହନ ଯୋଗାଇବ ଏବଂ ଏକ ସକରାତ୍ମକ ପରିବର୍ତ୍ତନ ପାଇଁ ବାଟ ଫିଟିବ ।

**ସଂଲଗ୍ନ ପତ୍ର – ୧**

**ସ୍ୱୀକୃତିପତ୍ର**

ଏହା ପ୍ରମାଣ କରାଯାଉଛି ଯେ ......................ଆଇ.ଟି.ଡି.ଏ (ITDA) ଅନ୍ତର୍ଗତ, ................. ଗ୍ରାମ, ...................... ଗ୍ରାମ ପଞ୍ଚାୟତ, ..................... ବ୍ଲକର ............................................ ଜନଜାତି ଜୀବିକା ପରିଷଦ (ଜେଜେପି) **MMJJM** କାର୍ଯ୍ୟକ୍ରମ ଅଧୀନରେ ଗଠନ କରାଯାଇଥିବା ଜୀବିକା ପ୍ରୋତ୍ସାହନ କ୍ଲଷ୍ଟରର ସମସ୍ତ ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରେ ।

ଜନଜାତି ଜୀବିକା ପରିଷଦ ଏସ୍.ଟି. ଏବଂ ଏସ୍.ସି. ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ସମର୍ଥିତ ମୁଖ୍ୟମନ୍ତ୍ରି ଜନଜାତୀ ଜୀବିକା ମିଶନ୍ (ଏକ ଜୀବିକା କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ) ଅଧୀନରେ ଗଠିତ ଏବଂ ପ୍ରାମାଣିକୃତ ହୋଇଛି ।

ଏମ୍.ଏମ୍.ଜେ.ଜେ.ଏମ୍. **(MMJJM)** କାର୍ଯ୍ୟକ୍ରମ ଅଧୀନରେ ............................ଜୀବିକା କ୍ଲଷ୍ଟର ଏବଂ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତିକରଣ ତଥା ପ୍ରୋତ୍ସାହିତ କରିବାର ମାଧ୍ୟମ ଭାବରେ ତଥା ଏହି ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ସାମଗ୍ରିକ ଅଭିବୃଦ୍ଧି ଏବଂ ତୃଣମୂଳ ବିକାଶ ନିମନ୍ତେ କାର୍ଯ୍ୟରତ ସମ୍ପ୍ରଦାୟର ଅନୁଷ୍ଠାନର ଆନୁଷ୍ଠାନିକ ସ୍ୱୀକୃତିର ଏକ ଟୋକନ୍ ଭାବରେ ଏହି ସ୍ୱୀକୃତି ପ୍ରମାଣପତ୍ର ................................ ଜନଜାତି ଜୀବିକା ପରିଷଦକୁ ପ୍ରଦାନ କରାଯାଉଅଛି ।

ଆମ୍ଭେ ................................. ଜନଜାତି ଜୀବିକା ପରିଷଦକୁ ଆମର ଶୁଭେଚ୍ଛା ଜଣାଉଛୁ ଏବଂ ଆଦିବାସୀ ସମ୍ପ୍ରଦାୟର ଜୀବନରେ ସେମାନଙ୍କର ପ୍ରୟାସର ସକରାତ୍ମକ ପ୍ରଭାବକୁ ଦେଖିବା ପାଇଁ ଆଗ୍ରହୀ ଅଛୁ ।

| | |
|---|---|
| କଲେକ୍ଟର-କମ୍-ଚେୟାରମ୍ୟାନ୍<br>ଆଇ.ଟି.ଡି.ଏ. (ITDA) ଙ୍କର ଦସ୍ତଖତ | ପ୍ରୋଜେକ୍ଟ ଆଡମିନିଷ୍ଟ୍ରେଟର (PA),<br>ଆଇ.ଟି.ଡି.ଏ. (ITDA) ଙ୍କର ଦସ୍ତଖତ |

# ସପ୍ତମ ବିଷୟ : ଜନଜାତି ଜୀବିକା ସାଥୀ (JJS)ଙ୍କ ଚୟନ ନିମନ୍ତେ ଥିବା ନିର୍ଦ୍ଦେଶାବଳୀର ଓଡିଆ ଅନୁବାଦ

ଜନଜାତି ଜୀବିକା ପରିଷଦ (JJP)ର ଗଠନ ନିମନ୍ତେ ନିର୍ଦ୍ଦେଶାବଳୀ (ଗାଇଡଲାଇନ୍)
(ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍)
ରାଜ୍ୟ କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍ (SPMU)
ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ (MMJJM)
ଟିଡିକଲ୍ (TDCCOL) ବିଲ୍ଡିଂ, ୨ୟ ମହଲା, ରୁପାଲି ଛକ, ଭୋଇ ନାଗର,
ସହିଦ ନାଗର, ଭୁବନେଶ୍ୱର, ଓଡିଶା – ୭୫୧୦୨୨

## କ. ପୂର୍ବାବଲୋକନ :

ଓଡ଼ିଶାରେ ଆଦିବାସୀ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଆଦିବାସୀ ସମ୍ପ୍ରଦାୟର ନିରନ୍ତର ଜୀବିକା ନିର୍ବାହରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରି ଜନଜାତି ଜିଭିକା ମିଶନ୍ (MMJJM) କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ରାଜ୍ୟ ଯୋଜନା ଅଧୀନରେ ଅନୁଦାନ ପ୍ରାପ୍ତ ଏବଂ ଏହା ହେଉଛି ଅଦ୍ୟାବଧି ରାଜ୍ୟ ତରଫରୁ ହୋଇଥିବା ସର୍ବ ବୃହତ ସ୍ୱତନ୍ତ୍ର ଆଦିବାସୀ ଜୀବିକା ପ୍ରୋତ୍ସାହନ ପଦକ୍ଷେପ । ୨୦୨୩ – ୨୦୨୪ ରୁ ୨୦୨୫ – ୨୦୨୬ ପର୍ଯ୍ୟନ୍ତ ତିନି ବର୍ଷ ମଧ୍ୟରେ ଏହି ଯୋଜନାରେ ୧.୫ ଲକ୍ଷ ଆଦିବାସୀ ପରିବାରକୁ ସହାୟତା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି ଯେଉଁଥିରେ ରାଜ୍ୟର ୧୨୧ଟି ଟି.ଏସ୍.ପି. (ଆଦିବାସୀ ଉପ-ଯୋଜନା) ବ୍ଲକରେ ୫୦୦ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରାଯାଇଛି । ଏହି ପଦକ୍ଷେପ ଆମ ରାଜ୍ୟର ଆଦିବାସୀ ସମ୍ପ୍ରଦାୟପାଇଁ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆଣିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ହାସଲ କରିବା ଦିଗରେ ରାଜ୍ୟ ସରକାରଙ୍କ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ମୁଖ୍ୟମନ୍ତ୍ରି ଜନଜାତି ଜିଭିକା ମିଶନ୍ (MMJJM) କାର୍ଯ୍ୟକ୍ରମ ଅଧୀନରେ, ଗୋଟିଏ କିମ୍ବା ଅଧିକ ଗାଁର ସଦସ୍ୟା/ସଦସ୍ୟଙ୍କୁ ନେଇ ଫାର୍ମ୍, ଅଫ୍-ଫାର୍ମ୍, ଏବଂ ନନ୍-ଫାର୍ମ (ଅଣ-ଚାଷ) ଜୀବିକା ପ୍ରୋତ୍ସାହନ ପଦକ୍ଷେପ ନିମନ୍ତେ ଗ୍ରାମ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ କ୍ଲଷ୍ଟର ଗଠନ କରାଯିବ । ଜନଜାତି ସମ୍ପ୍ରଦାୟର ଅଂଶଗ୍ରହଣ, ମାଲିକାନା ଏବଂ ଜୀବିକା କ୍ଲଷ୍ଟରର ପ୍ରଭାବଶାଳୀ ପରିଚାଳନା ନିଶ୍ଚିତ କରିବାକୁ ପ୍ରତ୍ୟେକ କ୍ଲଷ୍ଟର ଅଞ୍ଚଳରେ "ଜନଜାତି ଜିବୀକା ପରିଷଦ (ଜେଜେପି)" ଗଠନ କରାଯିବ । ପ୍ରତ୍ୟେକ ଜେଜେପି ଜଣେ ସକ୍ରିୟ କୃଷକ (ଭାଲ ଚାଷୀ) ଙ୍କୁ "ଜନଜତି ଜୀବିକା ସାଥୀ (JJS)" ଭାବରେ ଚୟନ କରିବେ ଯିଏକି ଜନଜାତି ଜୀବିକା ପରିଷଦ (ଜେଜେପି) ଏବଂ ସେହି କ୍ଲଷ୍ଟରର ସମସ୍ତ କୃଷକମାନଙ୍କୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବେ । ମୁଖ୍ୟମନ୍ତ୍ରି ଜନଜାତି ଜିଭିକା ମିଶନ୍ (MMJJM) କାର୍ଯ୍ୟକ୍ରମକୁ ସଠିକ ରୁପାୟନ ଦେବାରେ ଏହି "ଜନଜତି ଜୀବିକା ସାଥୀ (JJS)" ମାନନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ରହିବ ।

## ଖ. ଉଦ୍ଦେଶ୍ୟ:

ଜନଜାତି ଜୀବିକା ସାଥି (JJS) ମାନଙ୍କୁ ନିୟୋଜିତ କରିବାର ଉଦ୍ଦେଶ୍ୟ ହେଉଛି "ଏମ୍. ଏମ୍.ଜେ.ଜେ.ଏମ୍. (MMJJM) କାର୍ଯ୍ୟକ୍ରମରେ କ୍ଲଷ୍ଟର୍ ଅଞ୍ଚଳର ଅଗ୍ରଣୀ କୃଷକ (ଭଲ ଚାଷୀ) ମାନଙ୍କୁ ଜନଜାତି ଜୀବିକା ସାଥି ହିସାବରେ ବିକାଶ କରିବା, ଯେଉଁମାନେ କ୍ଲଷ୍ଟର ଅଞ୍ଚଳର ଅନ୍ୟ ଚାଷୀମାନଙ୍କୁ ଫାର୍ମ୍, ଅଫ୍-ଫାର୍ମ ଏବଂ ନନ୍ -ଫାର୍ମ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ଜୀବିକା ବୃଦ୍ଧି ପାଇଁ ଆବଶ୍ୟକ ତାଲିମ ଏବଂ ସହାୟତା (ହ୍ୟାଣ୍ଡହୋଲ୍ଡିଂ) ପ୍ରଦାନ କରିପାରିବେ" ।

ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟଗୁଡ଼ିକ ହେଉଛି;

୧. ପର୍ଯ୍ୟାପ୍ତ ତାଲିମ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ସ୍ଥାନୀୟ ଭଲ ଚାଷୀ/ଆଦିବାସୀ ମୁଖିଆଙ୍କୁ ଖାଲି-ପାଦ ଜୀବିକା ବିଶେଷଜ୍ଞ ଭାବରେ ବିକାଶ କରିବା ।

୨. କ୍ଲଷ୍ଟର/ଗ୍ରାମ ସ୍ତରରେ ଯୋଜନା ପ୍ରସ୍ତୁତିକୁ ଗୁରୁତ୍ୱ ଦେବା ଏବଂ ଗୋଷ୍ଠୀ ସ୍ତରରେ ଯୋଜନା ପ୍ରସ୍ତୁତି, ଯୋଜନାର କାର୍ଯ୍ୟକାରିତା ତଥା କାର୍ଯ୍ୟକ୍ରମର ନିରୀକ୍ଷଣ/ଦେଖାଶୁଣା ନିଶ୍ଚିତ କରିବା ।

୩. ଯୋଜନା ସବୁର ସଫଳ କାର୍ଯ୍ୟକାରିତା ପାଇଁ କ୍ଲଷ୍ଟର କ୍ଷେତ୍ରରେ ଜୀବିକା ବିକାଶ କାର୍ଯ୍ୟକ୍ରମର ସଠିକ ନୀରିକ୍ଷଣ ନିଶ୍ଚିତ କରିବା ।

୪. କ୍ଲଷ୍ଟର ଅଞ୍ଚଳର କୃଷକମାନଙ୍କୁ ସେହି ଅଞ୍ଚଳର କୃଷି ତଥା ଅନ୍ୟାନ୍ୟ ଜୀବିକା ବିକାଶ କାର୍ଜ୍ୟକ୍ରମର ମଡେଲ ତିଆରି କରି ପ୍ରଦର୍ଶନ କରାଇବା ।

୫. ଗୋଷ୍ଠୀ / ସମ୍ପ୍ରଦାୟ ଏବଂ ଆଇ.ଟି.ଡି.ଏ. **(ITDA)** ର ବିଶେଷଜ୍ଞ ତଥା ଅଞ୍ଚଳିକ ବେସରକାରୀ ଅନୁଷ୍ଠାନ **(FNGO)** ମଧ୍ୟରେ ସଂଯୋଗ ସ୍ଥାପନ କରିବା ।

୬. ଭଲ କୃଷି ଅଭ୍ୟାସ ଅନୁସରଣ କରିବାକୁ କ୍ଲଷ୍ଟର ଅଞ୍ଚଳର ଅନ୍ୟ କୃଷକମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ।

୭. ପ୍ରକଳ୍ପ ଅବଧି ବାହାରେ ମଧ ବୃଷି ଉତ୍ପାଦର ବଜାରୀକରଣି (ମାର୍କେଟିଂ) ପାଇଁ କ୍ଲଷ୍ଟର ଅଞ୍ଚଳର କୃଷକ/ଉତ୍ପାଦକ ଏବଂ ସ୍ଥାନୀୟ ବେପାରୀଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରିବା ।

## ଗ. ଯୋଗ୍ୟତାର ମାନଦଣ୍ଡ /ଚୟନ ପ୍ରକ୍ରିୟା:

କ୍ଲଷ୍ଟର ଅଞ୍ଚଳରେ ଥିବା ଜେଜେପିମାନେ "ଜନଜାତି ଜୀବିକା ସାଥି **(JJS)**" ଚିହ୍ନଟ କରିବେ । ଭବିଷ୍ୟତର କୌଣସି ଆବଶ୍ୟକତା (ସନ୍ଦର୍ଭ) ପାଇଁ ଜେଜେଏସ୍ **(JJS)**ଙ୍କର ପ୍ରୋଫାଇଲର ଏକ କପି ଆଇ.ଟି.ଡି.ଏ. **(ITDA)** ରେ ଦାଖଲ କରାଯିବ ।

ଜନଜାତି ଜୀବିକା ସାଥିମାନଙ୍କର ଚୟନ ନିମ୍ନଲିଖିତ ଚୟନ ମାନଦଣ୍ଡ ମାଧ୍ୟମରେ କରାଯିବ:

୧. ପ୍ରସ୍ତାବିତ ବ୍ୟକ୍ତିଙ୍କର ଚାଷ ବିଷୟରେ ସମୃଦ୍ଧ ଜ୍ଞାନ ଥିବା ଆବଶ୍ୟକ ।

୨. ସେ ନିଶ୍ଚିତ ଭାବରେ ଗାଁର ଜଣେ ସମ୍ମାନିତ / ଗ୍ରହଣୀୟ ବ୍ୟକ୍ତି ହେବା ଆବଶ୍ୟକ ।

୩. ସେ ନିଜ ଜିଲ୍ଲା ବାହାରେ ମଧ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସମୟ ଦେବାକୁ ରାଜି ହେବା ଆବଶ୍ୟକ ।

୪. ପ୍ରାର୍ଥୀ ନିଶ୍ଚିତ ଭାବରେ ସେହି ଅଞ୍ଚଳର (ବିଶେଷତଃ କ୍ଲଷ୍ଟର ଗ୍ରାମର) ଜଣେ ସକ୍ରିୟ, ଅଗ୍ରଣୀ କୃଷକ/ଆଦିବାସୀ ନେତା (ପୁରୁଷ କିମ୍ବା ମହିଳା) ହୋଇଥିବେ ଯିଏକି ଜେଜେପି ଦ୍ୱାରା ମନୋନୀତ ହେବେ ।

୫. ପ୍ରାର୍ଥୀଙ୍କ ବୟସ ୧୮ ବର୍ଷରୁ ଅଧିକ ହୋଇଥିବ ଏବଂ ଚୟନ ତାରିଖ ସୁଦ୍ଧା ୫୦ ବର୍ଷରୁ ଅଧିକ ହୋଇନଥିବ ।

୬. ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ନିଶ୍ଚିତ ଭାବରେ ଅଷ୍ଟମ ଶ୍ରେଣୀ କିମ୍ବା ତଦୁର୍ଦ୍ଧ ହୋଇଥିବ ।

୭. ପ୍ରସ୍ତାବିତ ବ୍ୟକ୍ତିଙ୍କର ଜୀବିକାର ବିକାଶ ସମ୍ପର୍କରେ ସ୍ଥାନୀୟ ସମ୍ପ୍ରଦାୟ ସହିତ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଦକ୍ଷତା ଥିବ ।

୮. ଜେଜେପିର ସଭାପତି କିମ୍ବା ସଚିବଙ୍କୁ ଜେଜେଏସ୍ ଭାବେ ମନୋନୀତ କରାଯାଇପାରେ ।

## ଘ. ପ୍ରାର୍ଥୀଙ୍କଠାରୁ ସଂଗ୍ରହ କରିବାକୁ ଥିବା ଆବଶ୍ୟକ କାଗଜପତ୍ର (ଡକ୍ୟୁମେଣ୍ଟ):

ଜେଜେପି ମାଧ୍ୟମରେ ପ୍ରାର୍ଥୀଙ୍କଠାରୁ ସଂଗ୍ରହକରି ଆଇ.ଟି.ଡି.ଏ. **(ITDA)** ସ୍ତରରେ ରଖାଯିବାକୁ ଥିବା କାଗଜପତ୍ର (ଡକ୍ୟୁମେଣ୍ଟ):

୧. ପ୍ରାର୍ଥୀଙ୍କ ହସ୍ତ ଲିଖିତ ଆବେଦନ ପତ୍ର ।

୨. ଶିକ୍ଷା ପ୍ରମାଣପତ୍ର (ଯଦି ଥାଏ) ।

୩. ଆଧାର କାର୍ଡର କପି ।

୪. ପ୍ରାର୍ଥୀଙ୍କ ଫଟୋ ।

୫. ବ୍ୟାଙ୍କ୍ ପାସବୁକ୍ ର ଫଟୋକପି ।

୬. ପ୍ରାର୍ଥୀଙ୍କୁ ଜେଜେଏସ୍ **(JJS)** ଭାବରେ ନିୟୋଜିତ କରିବାକୁ ଜେଜେପି**(JJP)** କରିଥିବା ସୁପାରିଶର ରିଜୋଲ୍ୟୁସନ୍ କପି ।

## ଙ. ପ୍ରଶିକ୍ଷଣ:

ପ୍ରଥମେ ଆଇ.ଟି.ଡି.ଏ. (ITDA) ସ୍ତରର ବିଶେଷଜ୍ଞମାନଙ୍କୁ ରାଜ୍ୟ ସ୍ତରରେ ଥିବା ଏମ୍.ଏମ୍.ଜେ.ଜେ.ଏମ୍. କାର୍ଯ୍ୟକ୍ରମ ପରିଚାଳନା ଦଳ (SPMU) ଦ୍ୱାରା ପ୍ରଶିକ୍ଷକଙ୍କ ନିମନ୍ତେ ପ୍ରଶିକ୍ଷଣ (ToT) ଦିଆଯିବ । ପରବର୍ତ୍ତୀ ସମୟରେ, ଏହି ପ୍ରଶିକ୍ଷଣ ତଥା ଆବଶ୍ୟକତା ଉପରେ ଆଧାରିତ ଅନ୍ୟାନ୍ୟ କ୍ଷେତ୍ର ସ୍ତରୀୟ ବ୍ୟବହାରିକ ପ୍ରଶିକ୍ଷଣ (ପ୍ରାକ୍ଟିକାଲ୍ ଟ୍ରେନିଂ) ଆଇ.ଟି.ଡି.ଏ. (ITDA) ସ୍ତରର ବିଶେଷଜ୍ଞମାନଙ୍କ ଦ୍ୱାରା ଜେଜେଏସ୍ ମାନଙ୍କୁ ପ୍ରଦାନ କରାଯିବ ।

କ୍ଲଷ୍ଟର ସ୍ତରରେ ଜୀବିକା ବିକାଶ କାର୍ଯ୍ୟକ୍ରମକୁ ସଠିକ୍ ଭାବରେ ସୁଗମ କରିବା ଏବଂ ଜେଜେପି ମାନଙ୍କୁ ଆବଶ୍ୟକିୟ ସହାୟତା (ହ୍ୟାଣ୍ଡହୋଲ୍ଡିଂ) ଯୋଗାଇବା ପାଇଁ ଜେଜେଏସ୍ ମାନଙ୍କର କ୍ଷମତା ବୃଦ୍ଧି କରିବା ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ରହିବ ।

୧. ଏହି ପ୍ରଶିକ୍ଷଣରେ ଫାର୍ମ, ଅଫ୍-ଫାର୍ମ ଏବଂ ନନ୍-ଫାର୍ମ ଭିତ୍ତିକ ଜୀବିକା ନିର୍ବାହ ତଥା ଉଦ୍ୟୋଗୀ ବିକାଶ ଏବଂ ଆୟ ବୃଦ୍ଧି କାର୍ଯ୍ୟକ୍ରମ (IGA) ଉପରେ ଅଧିକ ଧ୍ୟାନ ଦିଆଯିବ ।

୨. କ୍ଲଷ୍ଟର ଯୋଜନା ଏବଂ କ୍ଲଷ୍ଟରର ଆବଶ୍ୟକତା ଉପରେ ଆଧାର କରି ବିଭିନ୍ନ ଦଳ ପାଇଁ ପ୍ରଶିକ୍ଷଣର ବିଷୟବସ୍ତୁ ସ୍ଥିରକରାଯିବ ।

## ଚ. ପ୍ରଶିକ୍ଷଣ ନିମନ୍ତେ ଖର୍ଚ୍ଚ:

ଜେଜେଏସ୍ ମାନଙ୍କ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ ନିମନ୍ତେ ନିର୍ଦ୍ଦେଶାବଳୀ (ଗାଇଡଲାଇନ୍) ରାଜ୍ୟ ସ୍ତରରେ ଥିବା ଏମ୍.ଏମ୍ .ଜେ.ଜେ.ଏମ୍. କାର୍ଯ୍ୟକ୍ରମ ପରିଚାଳନା ଦଳ (SPMU) ଦ୍ୱାରା ପ୍ରଦାନ କରାଯିବ । ଏସ୍.ପି.ଏମ୍.ୟୁ (SPMU) ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ (ଗାଇଡଲାଇନ୍)କୁ ଅନୁସରଣ କରି ଜେଜେଏସ୍ ମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କେନ୍ଦ୍ରୀୟ ଭାବରେ ଆଇ.ଟି.ଡି.ଏ. (ITDA) ସ୍ତରରେ ଆୟୋଜନ କରାଯିବ ।

## ଛ. ଭୂମିକା ଏବଂ ଉତ୍ତରଦାୟିତ୍ୱ:

ନିକଟସ୍ଥ ତିନୋଟି କ୍ଲଷ୍ଟରର "ଜନଜାତି ଜୀବିକା ସାଥି" ନିଜଭିତରେ ସମନ୍ୱୟ ରକ୍ଷାକରି ମିଳିତ ଭାବରେ କାର୍ଯ୍ୟ କରିବେ । ଜେଜେଏସ୍ ମାନଙ୍କର ନିମ୍ନ ପ୍ରକାରର ଭୂମିକା ଏବଂ ଦାୟିତ୍ୱ ସବୁ ରହିବ;

୧. ଏମ୍.ଏମ୍ .ଜେ.ଜେ.ଏମ୍ (MMJJM) ଅଧୀନରେ କୃଷକ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କୁ ଜେ.ଜେ.ପି (JJP) ରେ ସାମିଲ୍ କରାଇବା ।

୨. କ୍ଲଷ୍ଟର କ୍ଷେତ୍ର ନିର୍ଦ୍ଧାରଣ, ଫସଲ ଯୋଜନା, ଜମି ବିକାଶ ଯୋଜନା ଏବଂ ଜଳସେଚନ ଉତ୍ସ ସୃଷ୍ଟି ଯୋଜନା ଇତ୍ୟାଦିରେ ଜେ.ଜେ.ପି (JJP) କୁ ସହାୟତା କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମର ନିୟମିତ ନୀରିକ୍ଷଣ/ଦେଖାଶୁଣା କରିବା ।

୩. ଫସଲ ଉତ୍ପାଦନ, ପଶୁପାଳନ ଏବଂ ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମ (ଆଇଜିପି) ପାଇଁ କୃଷକ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କୁ ପ୍ରଶିକ୍ଷଣ ଏବଂ ଅନ୍ୟାନ୍ୟ ଅବଶ୍ୟକୀୟ ସହାୟତା ଯୋଗାଇଦେବା ।

୪. ଯୋଜନା ତିଆରି କରିବା ସହିତ ଏମ୍.ଜି.ଏନ୍.ଆର.ଇ.ଜି.ଏସ୍. (MGNREGS) ଅଧୀନରେ ତଥା ଅନ୍ୟାନ୍ୟ ବିଭାଗର ସମନ୍ୱୟରେ ଯୋଜନା କରାଯାଇଥିବା କାର୍ଯ୍ୟକ୍ରମଗୁଡିକୁ ପଲ୍ଲୀ ସଭାରେ ଅନୁମୋଦନ ନିମନ୍ତେ ଜେଜେପି (JJP) କୁ ସହଯୋଗ କରିବା ।

୫. ଯୋଜନା ଅନୁଯାୟୀ ବିଭିନ୍ନ ହିତାଧିକାରୀମାନଙ୍କୁ କୃଷି ସାମଗ୍ରୀ (ଇନପୁଟ୍) ବଣ୍ଟନର ପରିଚାଳନା କରିବା ଏବଂ ଏହାର ସମସ୍ତ ରେକର୍ଡ ରଖିବା ନିଶ୍ଚିତ କରିବା ।

୬. ବିବାଦ ସମାଧାନ/ଅଭିଯୋଗ ସମାଧାନ ଏବଂ କ୍ଲଷ୍ଟର ସ୍ତରରେ ବିଭିନ୍ନ ନିଷ୍ପତ୍ତି ନେବାରେ ଜେଜେପି (JJP)କୁ ସହଯୋଗ କରିବା ।

୭. ଗୋଷ୍ଠୀ/ସାମୁହିକ ସମ୍ପତ୍ତି ଏବଂ ସାମଗ୍ରୀର ପରିଚାଳନା ଓ ସେସବୁର ରକ୍ଷଣା ବେକ୍ଷଣ (O&M) କରିବାର ସମ୍ପୂର୍ଣ୍ଣ ନିଜସ୍ୱ ଦାୟିତ୍ୱ ନେବାରେ ଜେଜେପି (JJP)କୁ ସହଯୋଗ କରିବା ।

୮. ନିୟମିତ ବୈଠକର ଆୟୋଜନ କରିବା ତଥ ସମସ୍ତ ଆବଶ୍ୟକୀୟ ପୁସ୍ତକ ଏବଂ ରେକର୍ଡଗୁଡିକ ନିୟମିତ ଭାବେ ଲେଖିବାରେ (JJP)କୁ ସହଯୋଗ କରିବା ।

୯. ଏମ୍.ଏମ୍.ଜେ.ଜେ.ଏମ୍ (MMJJM) କାର୍ଯ୍ୟକ୍ରମ ସମ୍ପର୍କିତ କିଛି ଜୀବନ୍ତ ଗଳ୍ପ, ଭଲ ଅଭ୍ୟାସ ଇତ୍ୟାଦି ସଂଗ୍ରହ କରିବା ଓ ଏହାକୁ ଲେଖିବାରେ ଆଇ.ଟି.ଡି.ଏ. (ITDA) ସ୍ତରର ବିଶେଷଜ୍ଞ ଟିମ୍ ଏବଂ ବ୍ଲକ ସ୍ତରର ଜୀବିକା ବିଶେଷଜ୍ଞ ମାନଙ୍କୁ ସହଯୋଗ କରିବା ।

୧୦. ସମସ୍ତ କ୍ଲଷ୍ଟର ଚାଷୀଙ୍କୁ କୃଷି ଓ ଅନ୍ୟାନ୍ୟ ଜୀବିକା ବିକାଶ କାର୍ଯ୍ୟକ୍ରମ ଗୁଡିକର ଭଲ ମଡେଲ୍ (ଡେମୋ) କରି ଦେଖାଇବା ।

୧୧. କ୍ଲଷ୍ଟର ସ୍ତରରେ ଏମ୍.ଏମ୍.ଜେ.ଜେ.ଏମ୍ (MMJJM) ଅଧିନସ୍ଥ ସମସ୍ତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଇବାର ମୁଖ୍ୟ ଭୂମିକା ଗ୍ରହଣ କରିବା ।

## ଜ. ଆର୍ଥିକ ସହାୟତା:

କ୍ଲଷ୍ଟର ସ୍ତରରେ ଜେଜେପିର ନିୟମିତ ମାସିକ ବୈଠକ କରିବା ତଥା ଜେଜେପିକୁ ଅନ୍ୟାନ୍ୟ ସହଯୋଗ କରିବା ନିମନ୍ତେ ଜଣେ ଜେଜେଏସ୍ (JJS) ଙ୍କୁ ମାସିକ ୨,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ । "କ୍ଲଷ୍ଟର ସ୍ତରର ମାସିକ ବୈଠକ (Meeting) ନିମନ୍ତେ ଆଇ.ଟି.ଡି.ଏ. (ITDA) ସ୍ତରରେ ଥିବା ବଜେଟ୍‌ରୁ ଏହି ସହାୟତା ରାଶି ପ୍ରଦାନ କରାଯିବ ।

# ଏମ୍.ଏ ମ୍ .ଜେ.ଜେ.ଏମ୍ (MMJJM) କାର୍ଯ୍ୟକ୍ରମ ଅଧୀନସ୍ଥ ଜନଜାତି ଜୀବିକା ସାଥି (JJS)ଙ୍କ ବିବରଣୀ (ପ୍ରୋଫାଇଲ୍)

୧. ବ୍ୟକ୍ତିଙ୍କର ନାମ:
୨. ପିତା/ସ୍ୱାମୀଙ୍କ ନାମ:
୩. ବୟସ:
୪. ଲିଙ୍ଗ:
୫. ଶିକ୍ଷାଗତ ଯୋଗ୍ୟତା:
୬. ସାମାଜିକ ବର୍ଗ / ଜାତି:
୭. ଉପ-ଜାତି:
୮. ବ୍ୟାଙ୍କ ବିବରଣୀ
ବ୍ୟାଙ୍କର ନାମ :
ବ୍ୟାଙ୍କ ଆକାଉଣ୍ଟ ନମ୍ବର :
ଆଇ.ଏଫ୍.ଏସ୍.ସି. (IFSC) :
୯. ଆଧାର ନଂ:
୧୦. ଫୋନ୍ ନଂ:
୧୧. ଠିକଣା:

| | | | |
|---|---|---|---|
| ଗ୍ରାମ | | ବ୍ଲକ୍ | |
| ଜେଜେପି (JJP) | | ଆଇ.ଟି.ଡି.ଏ (ITDA) | |
| ଗ୍ରା.ପ | | ଜିଲ୍ଲା | |

୧୨. ବୃତ୍ତି: ପ୍ରାଥମିକ: ମାଧ୍ୟମିକ:

୧୩. ଜେଜେପି (JJP) ର ସୁପାରିଶ:

୧୪. ଯୋଗଦାନର ତାରିଖ:

ଦସ୍ତଖତ
ସଭାପତି
------------------------------ ଜେଜେପି
ତାରିଖ:

ଦସ୍ତଖତ
ସମ୍ପାଦକ/ସମ୍ପାଦିକା
------------------------------ ଜେଜେପି
ତାରିଖ:



# ବୈଷୟିକ ସହାୟତା

Pradan PROFESSIONAL ASSISTANCE FOR DEVELOPMENT ACTION